



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17






Vol. 33 | ISSUE 104 | ଭାଗ ୩୩ | ସଂଖ୍ୟା ୧୦୪ | Bhubaneswar | Saturday 5 July 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୫ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ପୁରୀକୁ ମହାନଗର ନିଗମ ମାନ୍ୟତା
## ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି। ଏହି ଯାତ୍ରାକୁ ସୂଚାରୁ ରୂପେ ଓ ସୁରକ୍ଷିତ ଢଙ୍ଗରେ ସମ୍ପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ମଧ୍ୟ ପ୍ରଦାନ କରୁଛନ୍ତି। ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ତୁଳନାରେ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଯାଆନ୍ତି। ନବଦିନାତ୍ମକ ଏହି ପବିତ୍ର ଯାତ୍ରା ସମୟରେ ବଡ଼ଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ। ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ସେଥିରୁ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା ଅନ୍ୟତମ। ମୁଁ ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି ଯେ କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ

➪ ପୃଷ୍ଠା-୬

## ‘ଡିଜିଟାଲ ହୁଣ୍ଡି’ର ଶୁଭାରମ୍ଭ

ଆଜି ମୁଖ୍ୟମନ୍ତ୍ରୀ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ ବ୍ୟତୀତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ସାରା ବିଶ୍ୱର କୋଣଅନୁକୋଣର ଜଗନ୍ନାଥପ୍ରେମୀ ଇଚ୍ଛା କରି ବି ସୁବିଧାରେ ଜଗନ୍ନାଥଙ୍କ ପ୍ରତି ସମର୍ପଣ ପାଇଁ ଦାନ ଦେବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏହି ସମସ୍ୟା ଦୂର କରିବା ସକାଶେ ‘ଡିଜିଟାଲ୍ ହୁଣ୍ଡି’ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ତେଣୁ ଏବେ କୌଣସି ଭକ୍ତ ବିଶ୍ୱର କୌଣସି କୋଣରେ ଥିଲେ ବି ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରକୁ ଦାନ ଦେଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦଶ ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ ଭାରତର ଶୁଭାରମ୍ଭ କରିଥିଲେ। ଗତ ୧ ତାରିଖରେ ଏହି ବ୍ୟବସ୍ଥାର ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମ ସରକାର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତଗଣ ପ୍ରଦାନ କରୁଥିବା ଦାନକୁ ସହଜ, ସାବଲୀଳ କରିବା ପାଇଁ ଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ କରି

➪ ପୃଷ୍ଠା-୬

# ଲାଭବାନ ହେଉଛନ୍ତି ହାତଗଣତି ଅଫିସର

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କୁ ଚାପ ଦେଇ ଦାବି ହାସଲ କରିନେଲା ଓଏଏସ ଅଫିସର ସଂଘ। ଗିରଫ ହେଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ। ହେଲେ ଏବେ ଅଫିସର୍ସ ସଂଘକୁ ସଂଘ ବଦନାମ ହେଉଛି। ସଂଘ ନାଁରେ ରାଜଧାନୀର ନାମୀଦାମୀ ସ୍ଥାନରେ ବଡ଼ ବଡ଼ କ୍ୱାର୍ଟର୍ସ କିମ୍ବା ସ୍ଥାନ ମାଗଣାରେ ନିଆଯାଇଛି। ଏହିସବୁ ସଂଘ କାର୍ଯ୍ୟାଳୟ ବର୍ଷତମାମ ବାହାଘର, କୌଣସି ନେତାଙ୍କ ବିରୋଧରେ ଅଭିଯୋଗ ଆସିଲେ କିମ୍ବା ସେ ଗିରଫ ହେଲେ ଦଳ ତୁରନ୍ତ ଭାବମୂର୍ତ୍ତି ରକ୍ଷା କରିବାକୁ କାର୍ଯ୍ୟାନୁଷ୍ଠାନ ନେଇଥାଏ। ଦଳ ସେହି ନେତାଙ୍କୁ ନିଲମ୍ବନ କିମ୍ବା ବହିଷ୍କାର କରିବାର ପରମ୍ପରା ରହିଛି। ଏକଥା କେବଳ ବିଜେପି, କଂଗ୍ରେସ କିମ୍ବା ବିଜେଡିରେ ସୀମିତ ହୋଇନଥାଏ। ରାଜ୍ୟରେ

- ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି ସଂଘ
- ରାଜଧାନୀରେ ସଂଘ କାର୍ଯ୍ୟାଳୟ ନାଁରେ ଚାଲିଛି ବ୍ୟବସାୟ
- ସବୁ ଅଫିସର ସଂଘ ଅଡିଟ୍ ପରିସରଭୁକ୍ତ ହେବା ଆବଶ୍ୟକ
- ସରକାରଙ୍କ ସ୍କାନରରେ ଦୁର୍ନୀତିଖୋର ସଂଘ ପଦାଧିକାରୀ



ନେଇ ଉଠିଛି ପ୍ରଶ୍ନ। ଓଏଏସ ସଂଘ ହେଉ କି ଆଇଏଏସ ସଂଘ, ଏହିସବୁ ସଂଘର ଦାୟିତ୍ୱ କ'ଣ? କ'ଣ କେବଳ ସଂଘର ସଭାପତି, ସମ୍ପାଦକ ବୋଲି କହି ପ୍ରାଇଜ ପୋଷ୍ଟିଂ ନେବେ ଆଉ ସରକାରଙ୍କୁ ବ୍ଲାକମେଲ କରିବେ? ନା ସଂଘରେ ଦୁର୍ନୀତିଖୋର ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ସରକାରଙ୍କୁ ସହଯୋଗ କରିବେ?

କିଛି ହାତଗଣତି ଅଫିସରଙ୍କ ପାଇଁ ବ୍ରତଘର ଭଳି ସାମୂହିକ କାର୍ଯ୍ୟରେ ଲାଗୁଛି। ସଂଘ କାର୍ଯ୍ୟାଳୟ ନାଁରେ ବର୍ଷତମାମ ରୋଜଗାର ହେଉଛି। ଫାଇଦା ପାଉଛନ୍ତି କିଛି ମୁଷ୍ଟିମେୟ ଅଫିସର। ପ୍ରାୟ ପ୍ରତିଦିନ ଓଏଏସ ଓ ଆଇଏଏସ ଅଫିସରମାନେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ କିମ୍ବା ସିବିଆଇ ହାତରେ ଧରାପଡୁଛନ୍ତି। ସଂଘ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ କାହିଁକି ପଛଘୁଞ୍ଚା ଦେଉଛି?

ବିଭିନ୍ନ ରାଜନୈତିକ ଦଳରେ ହେଉ ବା କେନ୍ଦ୍ରୀୟ ସ୍ତରରେ ମଧ୍ୟ ବହୁ ବିଧାୟକ, ସାଂସଦ ଏପରିକି ମନ୍ତ୍ରୀଙ୍କ ବିରୋଧରେ ବି ଦଳ ଆକ୍ସନ ନେଇଛି। ସେହିଭଳି ବାର ଆସୋସିଏସନରେ ବି କୌଣସି ଆଇନଜୀବୀଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କେଉଁଠି ଓକିଲଙ୍କ ଲାଇସେନ୍ସ ବାତିଲ ହୋଇଥାଏ ତ ଆଉ କେଉଁଠି ସେମାନଙ୍କୁ ଜେଲ ଯିବାକୁ ପଡିଥାଏ। ଏହାର ମଧ୍ୟ ଅନେକ ନଜିର ରହିଛି।

➪ ପୃଷ୍ଠା-୬





## ସୁପ୍ରିମକୋର୍ଟ ରାୟକୁ ଉଲ୍ଲଙ୍ଘନ କରିଛି ସଂଘ

ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନଙ୍କ ଉପରେ ଆକ୍ରମଣ ପରେ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ୍ୟ କଲେ ଓଏଏସ ଅଫିସର ସଂଘ। ସରକାର ଓ ଦଳର ସମ୍ମାନ ରକ୍ଷା କରିବାକୁ ବାଧ୍ୟ ହୋଇ ଜଗନ୍ନାଥ ପ୍ରଧାନ ଘଟଣାସ୍ଥଳରେ ନଥାଇ ବି ଆତ୍ମସମର୍ପଣ କଲେ। ଜଗନ୍ନାଥ ପ୍ରଧାନଙ୍କ ଆତ୍ମସମର୍ପଣ ପରେ ଓଏଏସ ସଂଘ ବି ଆନ୍ଦୋଳନରୁ ଓହରିଗଲା। ଏହି ଆନ୍ଦୋଳନ ଯେ ବିଜେଡି ମାର୍କ କଛି ଅଫିସରଙ୍କ ଦ୍ୱାରା କରାଯାଇଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ। ହେଲେ ଏବେ ପ୍ରଶ୍ନ ଉଠୁଛି ଲୋକଙ୍କ ସେବା ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀମାନେ

➪ ପୃଷ୍ଠା-୬

# ୮ରେ ବିଜେପି ରାଜ୍ୟ ସଭାପତି ନିର୍ବାଚନ

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ବିଜେପି ରାଜ୍ୟ ସଭାପତି ନିର୍ବାଚନ ନେଇ ଶୁକ୍ରବାର ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସଭାପତି ନିର୍ବାଚନ ପାଇଁ ପୁନଃ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୮ ତାରିଖରେ ଭୋଟ୍ ହେବ। ଏହା ପୂର୍ବରୁ ୬ରେ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ୭ ତାରିଖରେ ନାମାଙ୍କନପତ୍ର ଦାଖଲ କରାଯିବ ବୋଲି ଆଜି ସହ ନିର୍ବାଚନ ଅଧିକାରୀ ଯତିନ ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଗତ ୨୯ ତାରିଖରେ ଦଳ ପକ୍ଷରୁ ନିର୍ବାଚନ ନେଇ ଘୋଷଣା ହୋଇଥିଲେ ହେଁ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଘଟଣା ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଉକ୍ତ ଘୋଷଣାକୁ ସ୍ଥଗିତ ରଖାଯାଇଥିଲା। ତେବେ ଆସନ୍ତା ୮ ତାରିଖରେ ରାଜ୍ୟ ବିଜେପିର




ନୂଆ ସଭାପତି ବଛାଯିବ। ଏହାକୁ ନେଇ ଦୀର୍ଘଦିନ ହେଲା ଆଲୋଚନା ପର୍ଯ୍ୟାଲୋଚନା ହୋଇଆସିଛି। କାହା ମୁଣ୍ଡରେ ଶିରପା ପିନ୍ଧାଯିବ, ତାହାକୁ ଦଳୀୟ କର୍ମୀମାନେ ଉତ୍ସୁକତାର ସହ ଅପେକ୍ଷା କରିଥିବା ବେଳେ ମନମୋହନ ସାମଲ ଏହି ପଦ ବଜାୟ ରଖିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଆସନ୍ତା ୮ ତାରିଖ ସଭାପତି ପଦ ପାଇଁ ଭୋଟ୍ ହେବା ପରେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିବ।




# ଗରିବଙ୍କ ମୁହଁରେ ହସ ଫୁଟାଇଛି ଡବଲ ଇଞ୍ଜିନ୍ ସରକାର

- ଦେବଗଡ଼ ‘ଗରିବ କଲ୍ୟାଣ ଓ ବିକାଶ ସମାବେଶ’ରେ କେନ୍ଦ୍ରମନ୍ତ୍ରୀ
- ୪୫ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ
- ଉଦ୍‌ଘାଟିତ ହେଲା ବସ ଟର୍ମିନାଲ

**ଦେବଗଡ଼,୪।୭(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଥମ ଥର ପାଇଁ କ୍ଷମତା ପାଇଥିବା ଡବଲ ଇଞ୍ଜିନ୍ ସରକାର ଗରିବଙ୍କ ମୁହଁରେ ହସ ଫୁଟାଉଛି। ସମସ୍ତ ସରକାରୀ ଯୋଜନାର ଲାଭ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି ବୋଲି ଆଜି ଏଠାରେ ‘ଗରିବ କଲ୍ୟାଣ ଓ ବିକାଶ ସମାବେଶ’ରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି।

ଶ୍ରୀ ପ୍ରଧାନ ଡବଲ ଇଞ୍ଜିନ ସରକାରର ୧୪ଟି ବିଭାଗର ପ୍ରାୟ ୧୬୩ କୋଟି ଟଙ୍କାର ୪୫ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଦେବଗଡ଼ବାସୀଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହୋଇଛି। ନିର୍ବାଚନୀ ପ୍ରତିଶ୍ରୁତିକୁ ସରକାର ଗୋଟି ଗୋଟି କରି ପୂରଣ କରୁଛନ୍ତି। ରାଜ୍ୟରେ ଯେଉଁ ସରକାର ହୋଇଛି, ତାହା ଲୋକଙ୍କ ସରକାର, ଲୋକଙ୍କ ପାଇଁ ସରକାର ଓ ଲୋକଙ୍କ ଦ୍ୱାରା ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ସବ କା ସାଥ୍ - ସବ କା ବିକାଶ, ସବ କା ପ୍ରୟାସ ଓ ସବ୍ କା ବିଶ୍ୱାସ’ ମନ୍ତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତ୍ୟୋଦୟ

➪ ପୃଷ୍ଠା-୬

# ଆଜି ଶ୍ରୀମନ୍ଦିରକୁ ଫେରିବେ ମହାବାହୁ

- ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଶେଷ
- ସନ୍ଧ୍ୟା ଦର୍ଶନରେ ଶ୍ରଦ୍ଧାଳୁ ତୃପ୍ତ
- ଅଘଟଣ ଏଡ଼ାଇବାକୁ ସୁରକ୍ଷା କଡ଼ାକଡ଼ି
- ରବିବାର ଶ୍ରୀଜିଉଙ୍କ ସୁନାବେଶ

**ପୁରୀ,୪।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି ଆଡ଼ପ ମଣ୍ଡପରୁ ରତ୍ନବେଦିକୁ ଫେରିବେ କଳା ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଜିଉଙ୍କୁ ଶରଧାବାଲିରୁ ବଡ଼ ଦେଉଳକୁ ପାଛୋଟି ନେବାକୁ ଆତୁରତାର ସହ ଅପେକ୍ଷା କରିଛନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଅନ୍ୟପଟେ ଭକ୍ତଙ୍କ ଭିଡ଼କୁ ଆଖିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି ।

ଦକ୍ଷିଣ ମୋଡ଼ ନେଇ ପ୍ରସ୍ତୁତ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ। ନବଦିନାତ୍ମକ ଯାତ୍ରା ଶେଷ କରି ଗୁଣ୍ଡିଚା ମନ୍ଦିରରୁ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ବାହୁଡ଼ିବେ ମହାବାହୁ। ଆଡ଼ପ ମଣ୍ଡପରେ ଚଳିତ ବର୍ଷ ଶ୍ରୀଜିଉଙ୍କ ଶେଷ ଦର୍ଶନ ପାଇଁ ଜନସମୁଦ୍ର ପାଲଟିଥିଲା ଶରଧାବାଲି। ଯଦିଓ ପୂର୍ବରୁ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସନ୍ଧ୍ୟା ଦର୍ଶନ ହେବ ବୋଲି ଘୋଷଣା କରାଯାଇଥିଲା,

➪ ପୃଷ୍ଠା-୬



### ତେଲେଙ୍ଗାନା କାରଖାନାରେ ଅଘଟଣ ମାମଲା
# ମୃତକଙ୍କ ପାଇଁ ୧୦ ଲକ୍ଷ ଲେଖାଏଁ ଘୋଷଣା

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ଗତ ୩୦ ତାରିଖରେ ତେଲେଙ୍ଗାନାର ଶିଗାଚି କମ୍ପାନୀ ମାଲିକାନାରେ ଥିବା କାରଖାନାରେ ଭୟଙ୍କର ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଓଡ଼ିଶାର ୯ ଜଣ କର୍ମଚାରୀ ରହିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ପରିବାର ସକାଶେ ୧୦ ଲକ୍ଷ ଟଙ୍କା ଲେଖାଏଁ



ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ସୋସିଆଲ୍ ଆକାଉଣ୍ଟ୍ ‘ଏକ୍ସ’ରେ ସୂଚନା ଦେଇଛନ୍ତି। ପୂର୍ବରୁ ଘଟଣାରେ ଓଡ଼ିଆ ଶ୍ରମିକମାନଙ୍କ ଉଦ୍ଧାର ଓ ଚିକିତ୍ସା ଦିଗରେ ସହଯୋଗ ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟିମ୍ ମଧ୍ୟ ହାଇଦ୍ରାବାଦକୁ ପଠାଯାଇଥିଲା। ଏହି ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟର ଅନୁଧ୍ୟାନ କରୁଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ ମୃତ୍ୟୁବରଣ

➪ ପୃଷ୍ଠା-୬

### ଶରଧାବାଲି ଦଳାଚକଟା ଘଟଣା
# ପ୍ରମାଣ ଶେୟାର୍ କରିବାକୁ ଡିସିଙ୍କ ଅପିଲ୍

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ଗତ ୨୯ ତାରିଖରେ ପୁରୀ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଉନ୍ନୟନ କମିଶନର୍ (ଡିସି) ଅନୁ ଗର୍ଗ କରୁଥିବା ବେଳେ ଇତିମଧ୍ୟରେ ସେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ୍ କରିସାରିଛନ୍ତି। ତେବେ ଏହି ମାମଲାରେ ଠୋସ୍ ପ୍ରମାଣ ସମ୍ବଳିତ ଭିଡିଓ କିମ୍ବା ଦଳାଚକଟା ସମ୍ପର୍କିତ କୌଣସି ତଥ୍ୟ କାହା ପାଖରେ ଥିଲେ, ସେସବୁ ଶେୟାର୍ କରିବା ସକାଶେ ଶ୍ରୀମତୀ ଗର୍ଗ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତ କୌଣସି ପ୍ରକାର ପ୍ରମାଣ ନିର୍ଦ୍ଦିଷ୍ଟ ମେଲ୍‌ରେ ପଠାଇବାକୁ ସେ ଅନୁରୋଧ କରିଛନ୍ତି। ଏନେଇ ସେ କହିଛନ୍ତି ଯେ ଅନେକ ଲୋକ ଦଳାଚକଟା ସମୟର ଭିଡିଓ କରିଥିଲେ। ଯେ କେହି ଉକ୍ତ ସମୟର ଭିଡିଓ କିମ୍ବା ଫଟୋ ଶେୟାର୍ କରିପାରିବେ। ଏଥିପାଇଁ ନିର୍ଦ୍ଦିଷ୍ଟ ମେଲ୍ ବ୍ୟତୀତ ସମ୍ପୃକ୍ତ ଜନସାଧାରଣ ରାଜ୍ୟ ଅତିଥି ଭବନ ଭୁବନେଶ୍ୱର ଓ ପୁରୀ ସ୍ପେଶାଲ ସର୍କିଟ ହାଉସରେ ଦାଖଲ କରିପାରିବେ। ଏସବୁ ଭିଡିଓ ତଦନ୍ତକୁ ଅଧିକ ପାରଦର୍ଶୀ ଓ ପ୍ରଭାବଶାଳୀ କରିପାରିବ। ସେହିପରି ଅଦ୍ୟାବଧି ହୋଇଥିବା ତଦନ୍ତ ନେଇ କିଛି ବି କହିହେବ ନାହିଁ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।





## କାନ ଡେରିଥା

ଦୁଷ୍କର୍ମ, ହତ୍ୟା କମନ ହେଲାଣି
ସରକାର ଦେଖୁ ନାହିଁ
ଦୋଷ ଲଦାଲଦି ପ୍ରବଳ ଚାଲିଛି
ବିରୋଧୀ ଦେଖୁଛି ଶୋଇ
ତୁମ ପାଳି ଆସେ ଧାଇଁ...
ଯେଉଁ ତୁଣ୍ଡେ ତୁମେ ଏହା
ଶିଖାଉଛ
ତାହା ବି ଶୁଭିବ ନାହିଁ ।

■ ଦେବାଶିଷ

### ଜେଲ ଗଲେ ଜଗନ୍ନାଥ
# ବବି, ପ୍ରତାପ, କ୍ୟାପଟେନ, ସଞ୍ଜୟ ଓ ଅତନୁ କେବେ?

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାରେ ସିଦ୍ଧହସ୍ତ। ସେ ସୁଭଦ୍ରା ଯୋଜନା ହେଉ କି ଆୟୁଷ୍ମାନ ଭାରତ କିମ୍ବା ଭୁବନେଶ୍ୱର ମହାନଗର ନିଗରର ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣ ଘଟଣା ହେଉ। ଜଗନ୍ନାଥ ପ୍ରଧାନଙ୍କ ପରି ବରିଷ୍ଠ ନେତା ବି ଆଇନର ଗୋଲକଧନ୍ଦାରୁ ମୁକୁଳିପାରିନାହାଁନ୍ତି। ତାଙ୍କୁ ଗିରଫ କରି ଝାରପଡା ଜେଲ୍‌କୁ ପଠାଇଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ତେବେ ଏବେ ପ୍ରଶ୍ନ ଉଠୁଛି, ପୂର୍ବ ସରକାରରେ ବିଭିନ୍ନ ଦୁର୍ନୀତି ଓ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ନେତାଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ନେବେ ମୁଖ୍ୟମନ୍ତ୍ରୀ।

ଗତ ସରକାରରେ ବ୍ଲାକରୋଜ ମହାଦୁର୍ନୀତିରେ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କୁ ଏଯାଏଁ ସିବିଆଇ ଜେରା କରୁନାହିଁ। ହଜାର ହଜାର କୋଟି ଟଙ୍କାର ଲୁହାପଥର ଚୋରା







ଚାଲାଣ ହେଉଥିଲା। ହଠାତ ପାରାଦୀପ ବନ୍ଦରଠାରୁ କିଛି ଦୂରରେ ସମୁଦ୍ରରେ ବୁଡ଼ିଗଲା ଏହି ଜାହାଜ। ହେଲେ ଏହି ଜାହାଜରେ କାହା ମାଲ ଯାଉଥିଲା, କେତେ ଟଙ୍କାର ଲୁହାପଥର କେଉଁଠିକି ଚାଲାଣ ହେଉଥିଲା, ସବୁକିଛି ଏବେ ବି ପ୍ରଶ୍ନ ଘେରରେ ରହିଛି। ସେହିପରି ମମିତା ମେହେର ହତ୍ୟାକାଣ୍ଡରେ ମଧ୍ୟ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ହାତ ଥିବା ବାରମ୍ବାର ଅଭିଯୋଗ ହେଉଥିଲା। ସେ ସମୟରେ କ୍ୟାପ୍ଟେନ୍ ବିଜେଡି ସରକାରରେ ମନ୍ତ୍ରୀ ଦାୟିତ୍ୱରେ ଥିଲେ। ତେଣୁ ସବୁ କିଛି ଚାପିଦେଇ ତଦନ୍ତର ଦିଗ ବଦଳାଇଦେଇଥିଲେ ସରକାର।

ସେହିଭଳି ଚିଟ୍‌ଫଣ୍ଡ ଦୁର୍ନୀତିରେ

## କେବେ ଖୋଲିବ ପୁରୁଣା ଫାଇଲ?

ତତ୍କାଳୀନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ଓ ଅରୁଣ ସାହୁଙ୍କୁ ସମନ ହୋଇଥିଲେ ମଧ୍ୟ ସବୁ କିଛି ନାଲିଫିତା ତଳେ ଚାପି ହୋଇ ରହିଯାଇଛି। ମାହାଙ୍ଗା ତ୍ରିପଲ ମର୍ଡର କେସରେ ବି ପ୍ରତାପ ଜେନା ଖୋଲା ବୁଲୁଛନ୍ତି। ନା ପୁଲିସ ତାଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ଯୋଗାଡ଼ କରିପାରିଲା ନା ଏହି ହତ୍ୟାକାଣ୍ଡରେ ତାଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇପାରିଲା। ତେଣୁ ସେ ଏବେ ବି ସାଧୁ ବୋଲାଉଛନ୍ତି ଆଉ ସରକାରଙ୍କ ବିରୋଧରେ ବାଟୁଳି ଖଞ୍ଜିବାକୁ ପଛାଉନାହାନ୍ତି। ଏମିତି କିଛି ଘଟଣାକୁ ମନେ ପକେଇ ଏବେ ଜଗନ୍ନାଥଙ୍କ ସମର୍ଥକମାନେ ସିଧାସଳଖ ସରକାରଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଦେଇଛନ୍ତି।

ଏହିସବୁ ଘଟଣାରେ ଯେମିତି କୌଣସି ନେତା ଘଟଣାସ୍ଥଳରେ ନଥିଲେ, ସେହିଭଳି ଜଗନ୍ନାଥ ବି ଅତିରିକ୍ତ କମିଶନରଙ୍କୁ ମାଡ଼ ମରାଯିବା ସମୟରେ ବିଏମ୍‌ସି କାର୍ଯ୍ୟାଳୟରେ ନଥିଲେ। କିନ୍ତୁ ସରକାର ଓ ଓଏଏସ ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାପରେ ତାଙ୍କ ବିରୋଧରେ ପୁଲିସ୍ ଯେଉଁସବୁ ଦଫା ଲଗାଇଛି, ସେସବୁ ଦଫା ମୂଳ ୫ ଅଭିଯୁକ୍ତଙ୍କ ବିରୋଧରେ ବି ଲାଗିଛି। ଏହି କାରଣରୁ ହିଁ ଗତକାଲି ଏସଡିଜେଏମ୍ କୋର୍ଟରେ ତାଙ୍କ ଜାମିନ

➪ ପୃଷ୍ଠା-୬

## ବିରୋଧୀ ଭାଣ୍ଡିଆ
### ଆନ୍ଦୋଳନ ଯୋଜନା ପଣ୍ଡ

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଏବଂ ଏଥିରେ ବରିଷ୍ଠ ରାଜନେତା ଜଗନ୍ନାଥ ପ୍ରଧାନଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ଯେଉଁ ରାଜନୈତିକ ଚାଲ ଖେଳିଥିଲେ ତାହାକୁ ଭଣ୍ଡୁର କରିଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଜେଡି ଓ କଂଗ୍ରେସ ଏହି ଘଟଣାକୁ ନେଇ ବଡ ଆନ୍ଦୋଳନର ଯୋଜନା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ସଠିକ ସମୟରେ ସଠିକ ନିଷ୍ପତ୍ତି ନେଇ ଜଗନ୍ନାଥଙ୍କୁ ଆତ୍ମସମର୍ପଣ କରାଇଦେଇଛନ୍ତି। ଏହାଦ୍ୱାରା ଏବେ ବିରୋଧୀ ପ୍ରସଙ୍ଗ ଶୂନ୍ୟ ହୋଇଯାଇଛନ୍ତି।

ରତ୍ନାକର ସାହୁଙ୍କ ଉପରେ ଯେଉଁଭଳି ଅମାନବୀୟ ତଥା ବର୍ବରୋଚିତ ଭାବରେ ଆକ୍ରମଣ କରାଗଲା, ତାହାକୁ କେହି ସଭ୍ୟ ମଣିଷ କେବେ ପସନ୍ଦ

➪ ପୃଷ୍ଠା-୬



# ନବମୀର ଶେଷ ସନ୍ଧ୍ୟା ଦର୍ଶନ ଦେଲେ ସିଦ୍ଧ ବଳଦେବଜୀଉ

● ଉତ୍ସବମୁଖର ତୁଳସୀକ୍ଷେତ୍ର

**କେନ୍ଦ୍ରାପଡ଼ା,୪।୭ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଶ୍ରୀ ସିଦ୍ଧ ବଳଦେବଜିଉଙ୍କ ସନ୍ଧ୍ୟା ଦର୍ଶନ ଅବସରରେ ତୁଳସୀକ୍ଷେତ୍ର ଉତ୍ସବମୁଖର ହୋଇ ଉଠିଛି। ଶୁକ୍ରବାର ଦିନ ତମାମ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଗହଳି ଲାଗି ରହିଥିଲା। ସକାଳେ ମଙ୍ଗଳ ଆରତି ପରେ ଗୋପାଳବଲ୍ଲଭ ଭୋଗ ଲାଗି କରା ଯାଇଥିଲା। ଅପରାହ୍ନ ପ୍ରାୟ ୨ଟା ସୁଦ୍ଧା ଖେଚୁଡ଼ି ଧୂପ ବଢ଼ିଥିଲା। ଆଜି ନବମୀର ଶେଷ ସନ୍ଧ୍ୟା ଦର୍ଶନ ଥିବାରୁ ମୁଖ୍ୟ ମନ୍ଦିର ମହାଲକ୍ଷ୍ମୀ ମନ୍ଦିର ଓ ଆଡ଼ପ ମଣ୍ଡପରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଅପରାହ୍ନ ୪ଟା ସୁଦ୍ଧା ଦ୍ୱିପହର ଧୂପ ବଢ଼ି ଦିବା ପହୁଡ଼ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସାଢ଼େ ୬ଟାରେ ପହୁଡ଼ ଫିଟାଯାଇ ସନ୍ଧ୍ୟା ଅବକାଶ ନୀତି ବଢ଼ିଥିଲା । ରାତ୍ରି ପ୍ରାୟ ୧୦ଟା ପରେ ରାତ୍ରଧୂପ ଅନୁଷ୍ଠିତ ହୋଇଥିଲା। ରାତ୍ର ସାଢ଼େ ୧୦ ଟାରେ ଶ୍ରୀଜିଉମାନଙ୍କ ବଡ଼ସିଂହାର ବେଶ କରାଯାଇ ପଲଙ୍କ ଲାଗି କରାଯାଇଥିଲା।

ପରମ୍ପରା ଅନୁଯାୟୀ, ବଡ଼ସିଂହାର ବେଶ ସରିଲା ପରେ ପୂଜାପଣ୍ଡାମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଉପୁନି ପିଠା ଶ୍ରୀଜିଉମାନଙ୍କୁ ସମର୍ପଣ କରାଯାଇଥିଲା। ଏହା ପରେ ଶ୍ରୀଜିଉମାନଙ୍କ ଯଥାରୀତି ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇ ପଲଙ୍କ ଲାଗି ପୂର୍ବକ ପହୁଡ଼ ବନ୍ଦ କରାଯାଇଥିଲା। ସନ୍ଧ୍ୟାରେ ନାହିଁ ନଥିବା ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଶୁକ୍ରବାର ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ମନ୍ଦିରାଞ୍ଚଳ ଚଳଚଞ୍ଚଳ ରହିଥିଲା। ଭକ୍ତମାନଙ୍କର ବିଶ୍ୱାସ ରହିଛି ଯେ, ଆଡ଼ପ ମଣ୍ଡପରେ ପ୍ରସାଦ ସେବନ କଲେ ଏକ ବର୍ଷର ପ୍ରସାଦ ସେବନର ପୁଣ୍ୟଫଳ ପ୍ରାପ୍ତ ହୋଇଥାଏ। ତେଣୁ ଆଜି ଶେଷ ସୁଯୋଗ ଥିବାରୁ ବହୁ ଭକ୍ତ ଆଡ଼ପ ମଣ୍ଡପରେ ପ୍ରସାଦ ପ୍ରସ୍ତୁତ କରି ଘରକୁ ନେଇଥିଲେ।

# ଅବ୍ୟବସ୍ଥା ଘେରରେ ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ

## ଭାଙ୍ଗିଗଲାଣି କବାଟ, ଝରକା ଓ ପାଚେରୀ
## ବୁଲୁଛନ୍ତି ବିଷଧର ସାପ, ଛାତ୍ରଛାତ୍ରୀ ଅସୁରକ୍ଷିତ



**ମହାକାଳପଡ଼ା,୪।୭ (ସଂଚାର ବ୍ୟୁରୋ):** ବିଦ୍ୟାଳୟର ଅବ୍ୟବସ୍ଥା ପାଇଁ ଏବେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶ୍ରେଣୀଗୃହ କବାଟ, ଝରକା ଓ ବିଦ୍ୟାଳୟ ପ୍ରାଚୀର ଭାଙ୍ଗି ପଡ଼ିଥିବାରୁ ବିଷଧର ସାପ ବିଦ୍ୟାଳୟ ଭିତରେ ପ୍ରବେଶ କରୁଛନ୍ତି। ଯେଉଁଥିପାଇଁ ଏବେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ମଧ ଭୟଭୀତ ହୋଇପଡିଛନ୍ତି। କେବଳ ସାମ୍ନା ପଟ ଚିକ୍କଣ ଦିଶୁଛି ସିନା ହେଲେ ଭିତରର ଅବସ୍ଥା ସଙ୍କଟାପନ୍ନ।

ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ୍ ଦେଉଳପଡା ପଞ୍ଚାୟତର ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରୁ। ୧୯୬୧ ମସିହାରୁ ସ୍ଥାପିତ ହୋଇଥିବା ଏହି ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ଛାତ୍ରଛାତ୍ରୀଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି କରିଛି। ବିଦ୍ୟାଳୟ ପ୍ରାଚୀର ଭୁଷୁଡ଼ି ପଡ଼ିଥିବା ବେଳେ ଶ୍ରେଣୀ ଗୃହର କବାଟ ଝରକା ଭାଙ୍ଗି ଯାଇଛି। ଯାହାର ମରାମତି କାର୍ଯ୍ୟ ନହେବା କାରଣରୁ ଶ୍ରେଣୀ ଗୃହ ଭିତରକୁ ବିଷଧର ସାପ ପ୍ରବେଶ କରୁଛନ୍ତି। ଆଜି ମଧାହ୍ନ ଭୋଜନ ରୋଷେଇ ପାଇଁ ଚାଉଳ ଆଣିବାକୁ ଯାଇଥିବା ସମୟରେ ରୋଷେଇଆ ତମ୍ପ ସାପକୁ ଦେଖି ଦଉଡ଼ି ପଳାଇ ଆସିଥିଲେ। ଯେଉଁଥିପାଇଁ କିଛି ସମୟ ପର୍ଯ୍ୟନ୍ତ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ଏ ଘଟଣା ଜାଣିବା ପରେ ଅଭିଭାବକଙ୍କ ମଧ୍ୟରେ ଛନକା ପଶିଛି।

ବିଗତ ସରକାରଙ୍କ ସମୟରେ ଏହି ବିଦ୍ୟାଳୟଟି ୫ଟି ଅଧୀନରେ ଅନ୍ତର୍ଭୁକ୍ତ ହୋଇ ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ମରାମତି ନାମରେ ଅର୍ଥ ତୋଷାରପାତ ଅଭିଯୋଗ ହୋଇଥିବା ସାମାଜିକ କର୍ମୀ ଅଭିଯୋଗ ଆଣିଥିଲେ। ଏବେ ମଧ ବିଦ୍ୟାଳୟର ଅବସ୍ଥା ଦେଖି ପିଲାମାନଙ୍କ ସୁରକ୍ଷା ଉପରେ ଆଶଙ୍କା ପ୍ରକଟ କରି ବିଦ୍ୟାଳୟର ମରାମତି ଓ ପିଲାମାନେଙ୍କ ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ମିଶ୍ର କହିଛନ୍ତି ବିଦ୍ୟାଳୟ ତିନି ପାର୍ଶ୍ୱରେ ଚାଷଜମି ଘେରି ରହିଛି। ବର୍ଷା ଦିନ ହେତୁ ବିଷଧର ସାପ ପଶି ଆସୁଛନ୍ତି। ଯେଉଁ କବାଟ ଝରକା ଗୁଡିକ ଭାଙ୍ଗିଯାଇଛି ତାହା ପର୍ଯ୍ୟାୟକ୍ରମେ ମରାମତି କରାଯିବ। ସେ କହିଛନ୍ତି।

# ମରାମତି ହେଲା ଅଚଳ ନଳକୂପ



**ମହାକାଳପଡ଼ା,୪।୭ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅଧୀନ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ଼ମଠ ଗ୍ରାମର ମନ୍ଦିର ନିକଟରେ ଥିବା ନଳକୂପ ୫ଦିନ ହେବ ଅଚଳ ଅବସ୍ଥାରେ ରହିଥିଲା। ଲୋକ ମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ଘଟଣା ସମ୍ପର୍କରେ ମହାକାଳପଡ଼ା ବ୍ଲକ୍ ର ଅଗ୍ରଣୀ ସାମାଜିକ ସଙ୍ଗଠନ କୁ ସମାଧାନ ପାଇଁ ଜଣାଇଥିଲେ ଗ୍ରାମର କିଛି ସଚେତନ ନାଗରିକ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଗ୍ରୁପ୍ ସଦସ୍ୟମାନେ ବିଭାଗୀୟ ଯନ୍ତ୍ରୀ ସୁବ୍ରତ ସାହୁଙ୍କୁ ଜଣାଇଥିଲେ। ଅଭିଯୋଗ ପାଇବା କ୍ଷଣି ତୁରନ୍ତ ନଳକୂପଟିକୁ ମରାମତି କରାଇଥିଲେ ବିଭାଗୀୟ ଯନ୍ତ୍ରୀ। ନଳକୂପ ମରାମତି ହେବାରୁ ଗ୍ରାମବାସୀ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ସୁବ୍ରତ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ବିଭିନ୍ନ ଦାବି ନେଇ ୮ରୁ ଡ୍ରାଇଭର ମହାସଂଘର ଧାରଣା

**କେନ୍ଦ୍ରାପଡ଼ା,୪।୭ (ସଂଚାର ବ୍ୟୁରୋ):** ଓଡିଶା ଡ୍ରାଇଭର ମହାସଂଘର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଡ୍ରାଇଭର ମହାସଂଘ ର ବିଭିନ୍ନ ଦାବି ଗୁଡିକ ପୁରଣ ନହେବାରୁ ଆସନ୍ତା ୮ ତାରିଖ ଠାରୁ ଦୁହୁରିଆ ଠାରେ ଡ୍ରାଇଭର ମହାସଂଘ ର ସମସ୍ତ ସଭ୍ୟ ଧାରଣା ଦେବେ ବୋଲି ଏନେଇ ଏକ ଦାବିପତ୍ର ଉପଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ର ରେ ଦୀର୍ଘ ଦିନ ହେଲା ଡ୍ରାଇଭର ମହାସଂଘ ସେମାନଙ୍କର ବିଭିନ୍ନ ଦାବି ଗୁଡିକ ରାଜ୍ୟ ସରକାରଙ୍କୁ ଜଣାଇ ଥିଲେ ମଧ ଏପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଗୁଡିକୁ ପୁରଣ କରୁ ନଥିବାରୁ ଆସନ୍ତା ୮ ତାରିଖଠାରୁ ଏମାନେ ଷ୍ଟେରିଂ ଛାଡି ଧାରଣାରେ ବସିବେ ବୋଲି ଡ୍ରାଇଭର ମହାସଂଘ ତରଫରୁ ଜଣାଇ ଦିଆ ଯାଇଛି ।

# ଟେଲି ମାନସ ଓ ମେଣ୍ଟାଲ ହେଲଥ୍ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା,୪।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତୁଳସୀ ମହିଳା ମହା ବିଦ୍ୟାଳୟ ରେ ଟେଲି ମାନସ ଏବଂ ମେଣ୍ଟାଲ ହେଲଥ୍ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ କଲେଜ ଅଧକ୍ଷ ମଥୁରୀ ଚରଣ ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନେ କିପରି ମାନସିକ ଭାବେ ସୁସ୍ଥ ରହିବେ ଅଧକ୍ଷ ଶ୍ରୀ ନାୟକ ଭଗବତ ଗୀତାର ଉଦାହରଣ ମାଧମରେ ସାର ଗର୍ଭକ ଉପଦେଶ ପ୍ରଦାନ କରିଥିଲେ । ଷ୍ଟୁଡେଣ୍ଟ ସଭିର୍ସ ସେଣ୍ଟରର ସଂଯୋଜିକା ଅଧାପିକା ଡ଼ଃ ସୁଜାତା ଭଞ୍ଜ ଟେଲି ମାନସ ଆପ୍ ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପ୍ରାଧାପିକା ସବିତା ଦାସ ଷ୍ଟୁଡେଣ୍ଟ ସଭିର୍ସ ସେଣ୍ଟର ମାଧମରେ ପିଲାମାନେ କିପରି ଉପକୃତ ହୋଇପାରିବେ ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଅଧାପିକା ଡ଼ଃ ମମତା ସାହୁ ଚାପ ମୁକ୍ତ ହୋଇ ଧର୍ଯ୍ୟ ଧାରଣ ପୂର୍ବକ ପିଲାମାନେ କିପରି ମାନସିକ ଭାବେ ନିଜ ଜୀବନ ବିତାଇ ପାରିବେ ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।




# ଦୁର୍ଘଟଣାରେ ମୃତକଙ୍କୁ ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି



**ମହାକାଳପଡ଼ା,୪।୭ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ମାର୍ଶାଘାଇ ବ୍ଲକର ବେରୁହାଁ ଶକ୍ତିକେନ୍ଦ୍ରର ପ୍ରମୁଖ ମନୋଜ କୁମାର ନାୟକଙ୍କ ଦୁର୍ଘଟଣାରେ ମୃତ୍ୟୁର ଏକାଦଶ ଦିବସରେ ଭଗବାନପୁର ସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି।

ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଉକ୍ତ ସଭାରେ ଯୋଗଦେଇ ପରିବାରକୁ ସମବେଦନା ଜଣାଇବା ସହିତ ସ୍ୱର୍ଗତଃ ନାୟକଙ୍କ ଦଳ ପ୍ରତି ଥିବା ଅବଦାନ ଓ ଗତ ସାଧାରଣ ନିର୍ବାଚନରେ କରିଥିବା ଅକ୍ଳାନ୍ତ ପରିଶ୍ରମ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ବିଜେପି ନେତା ବିକ୍ରମ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ଶ୍ରଦ୍ଧାଞ୍ଜଳୀ ସଭାରେ ପ୍ରଶାନ୍ତ ସେଠୀ, ହିରନ୍ୟ ମହାପାତ୍ର, ଅଖିଳ ମହାପାତ୍ର, ମିହିର ସାମଲ, ସଞ୍ଜୟ ବେହେରା, ପ୍ରଦୀପ ବେହେରା, କାଳନ୍ଦୀ ସେଠୀ, ରଞ୍ଜିତ ପ୍ରଧାନ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ସ୍ୱର୍ଗତଃ ନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ବିନା ସୁରକ୍ଷା ଉପକରଣରେ ଚାଲିଛି ନିର୍ମାଣ କାର୍ଯ୍ୟ

## ମାନବାଧିକାର କମିଶନରଙ୍କ ନିକଟରେ ମାମଲା ଦାୟର

**ଡେରାବିଶ,୪।୭ (ସଂଚାର ବ୍ୟୁରୋ):** ଡେରାବିଶ ଚଣ୍ଡିଖୋଲ-ପରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କରାଯାଉଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଶ୍ରମିକମାନେ ବିଭିନ୍ନ ପୋଲ ଓ ଓଭର ବ୍ରିଜ କାର୍ଯ୍ୟ ବିନା ସୁରକ୍ଷା ଉପକରଣରେ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏ ସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧମ ଓ ସାମାଜିକ ଗଣମାଧମରେ ଅଭିଯୋଗ ହୋଇ ଆସୁଥିଲା। ଏନେଇ ଆଜି ଡେରାବିଶ ବ୍ଲକର ଜଣେ ମାନବାଧିକାର କର୍ମୀ ସାଗର ଜେନା ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ନିର୍ମାଣ ଶ୍ରମିକ ମାନଙ୍କର ଦୁର୍ଦ୍ଦଶା ଅଭିଯୋଗ ମାଧମରେ ଜଣାଇଛନ୍ତି।



ଶ୍ରୀ ଜେନା ମାନବାଧିକାର କମିଶନରଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ହେଉଥିବା କାର୍ଯ୍ୟରେ ଶ୍ରମିକ ବିନା ବିନା ସୁରକ୍ଷା ଉପକରଣରେ ବହୁ ଉଚ୍ଚରେ ଚଢ଼ି ବିପଦଜନକ ଭାବେ ରଡ଼ ବାଇଣ୍ଡିଂ ଓ ଅନ୍ୟାନ୍ୟ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଲୋକ ଯେତେ ଅଭିଯୋଗ କଲେ ମଧ ଠିକା ସଂସ୍ଥା ଶୁଣୁନାହିଁ । ସଂସ୍ଥା ଦ୍ୱାରା ନିୟୋଜିତ ଛତିଶଗଡ଼ର ଜଣେ ଶ୍ରମିକ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିବାବେଳେ ଏହି ମୃତ ଶ୍ରମିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ମାନବାଧିକାର କର୍ମୀ ଶ୍ରୀ ଜେନା ଦାବି କରିଛନ୍ତି। ଏଥିସହିତ ଉପରୋକ୍ତ ଘଟଣାକୁ ମାବନ ଅଧିକାର କମିଶନର ଗୁରୁତର ସହ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ଜେନା ଅନୁରୋଧ କରିଛନ୍ତି।

## ସମବାୟରେ ଚାଷୀଙ୍କ ଋଣ ଅର୍ଥ ହଡ଼ପ

# ଅଳ୍ପ ଦେଲେ ବେଶୀ ଖାଇଗଲେ, ଏବେ ଚାଷୀ ମୁଣ୍ଡରେ ଚଡ଼କ

**ଆଳି,୪।୭ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଭୂଇଁପୁର ସମବାୟ ସମିତିର ଚାଷୀ। ଭୂଇଁପୁର ସମବାୟ ସମିତିରେ ପ୍ରାୟ କୋଟି କୋଟି ଟଙ୍କାର ଋଣ ଜାଲିଆତି ହୋଇଥିବା ବେଳେ ଚାଷୀମାନେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିବା ସହ ଏହାର ଏକକିତା ନକଲି ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ସମବାୟ ସେକ୍ରେଟାରୀ ଓ କେନ୍ଦ୍ରାପଡ଼ା ସାଂସଦଙ୍କ ନିକଟକୁ ପଠାଇ ସହ ଥାନାରେ ଏକ ଏତଲା ଦେଇଛନ୍ତି । ଚାଷୀ ମାନଙ୍କ ନାମରେ ଲକ୍ଷାଧିକ ଟଙ୍କାର ଋଣ କରି ସେମାନଙ୍କ ଟଙ୍କା ହଡ଼ପ କରିଛନ୍ତି ସମବାୟ ସମିତିର ସଂପାଦକ, ସଭାପତି, ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଅନ୍ୟ କର୍ମଚାରୀ । ଏମିତି ଚାଷୀ ମାନଙ୍କୁ କିଛି କିଛି ଟଙ୍କା ଦେଇ ମୋଟ ଅଙ୍କର ଅର୍ଥକୁ ଗିଳି ଦେଇଥିବା ଅଭିଯୋଗ ହୋଇଛି।

ଏହି ସମବାୟ ଅଧୀନରେ ଥିବା ଚାଷୀ ମାନଙ୍କ ମୁଣ୍ଡପିଛା ଋଣ ଜଣକ ପିଛା ପ୍ରାୟ ଦୁଇ ଲକ୍ଷ ରୁ ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ରହିଛି । ଏତେ ଟଙ୍କା କିପରି ସୁଝିବେ ତାହା ପରିବାରରେ ଭେଳାଣି ପଡ଼ିଛି। ଅନ୍ୟ ପଟେ ସମବାୟ ଅଧୀନରେ ଥିବା ଚାଷୀ ଗଙ୍ଗାଧର ସାହୁଙ୍କ ନାମରେ ୩ ଲକ୍ଷ ଟଙ୍କା ଋଣ ହୋଇଥିବା ବେଳେ ତାଙ୍କୁ ୨୦ ହଜାର ଟଙ୍କା ମିଳିଛି। ଅବଶିଷ୍ଟ ଟଙ୍କାକୁ ଅନ୍ୟ ମାନେ ଠକିନେଇଛନ୍ତି । ସେହିପରି ସୁଲୋଚନା ସାହୁଙ୍କ ଆକାଉଣ୍ଟରୁ ଦୁଇ ଲକ୍ଷ, ଅଶୋକ ବେହେରାଙ୍କ ନାମରେ ଦୁଇ ଲକ୍ଷ, ଉର୍ମିଳା ବେହେରାଙ୍କ ନାମରେ ୮୯ ହଜାର, ପ୍ରଫୁଲ୍ଲ କୁମାର ପାତ୍ରଙ୍କ ନାମରେ ୩ ଲକ୍ଷ, ହେମନ୍ତ ଜେନାଙ୍କ ନାମରେ ୧ ଲକ୍ଷ ୯୩ ହଜାର ଟଙ୍କା ଋଣ ହୋଇଥିବା ବେଳେ ସେମାନଙ୍କୁ ୨୦ ହଜାରରୁ ୩୦ ହଜାର ଟଙ୍କା ମିଳିଥିବା ବେଳେ ବାକି ଅର୍ଥକୁ ସମବାୟ ସମିତିର ସମସ୍ତ କର୍ମଚାରୀମାନେ ମିଳିମିଶି ଚାଲୁ କରି ନେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ।



ଏହି ଦୁର୍ନତି ନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ନିହାର କାନ୍ତ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିନାହିଁ । ଅଭିଯୋଗ ପହଞ୍ଚିଲେ ସେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ସେ ପଟେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ।

# ସାବୁନରେ କୁନି ରଥ, ଚର୍ଚ୍ଚାରେ ବାଲୁକାଶିଳ୍ପୀ ସନ୍ତୋଷ



**କଳିଙ୍ଗନଗର,୪।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ହରିପୁର ଗ୍ରାମର ବାଲୁକା ଶିଳ୍ପୀ ସନ୍ତୋଷ ପ୍ରଧାନ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ସାବୁନରେ ତିଆରି କରିଛନ୍ତି ମା ସୁଭଦ୍ରାଙ୍କ ରଥ ୩ଇଞ୍ଚ ୫ସେମି ଉଚ୍ଚତା। ଶିଳ୍ପୀ ସନ୍ତୋଷ ୪ଘଣ୍ଟା ପରିଶ୍ରମକରି ଏହି କୁନି ରଥ ନିର୍ମାଣ କରିଛନ୍ତି। ସନ୍ତୋଷ ପୂର୍ବରୁ ବାଲୁକା ଶିଳ୍ପୀ ଭାବେ ସୁନ୍ଦର ଉଚ୍ଚ କୋଟୀର କାରୁକାର୍ଯ୍ୟ ମାନ କରି ରାଜ୍ୟ ତଥା ଅଞ୍ଚଳରେ ବହୁ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଗାଁ ହରିପୁର ମା ପଠାଣିଆଙ୍କ ପୀଠରେ ସବୁ ପର୍ବ ପର୍ବାଣୀରେ ସେ ବାଲିରେ ବିଭିନ୍ନ କାରୁକାର୍ଯ୍ୟ କରିଥାନ୍ତି। ସୁକିନ୍ଦା ଅଞ୍ଚଳର ସେ ଜଣେ ବହୁ ପରିଚିତ ସୁନ୍ଦର ବ୍ୟକ୍ତିତ୍ୱ ହୋଇଥିବା ବେଳେ ତାଙ୍କ ସ୍ୱହସ୍ତରେ ଏହି କୁନି ରଥଟି କରି ବହୁ ପ୍ରଶଂସା ସାଉଁଟିଛନ୍ତି।

# ମଣ୍ଡପଡା ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

**ପଟ୍ଟାମୁଣ୍ଡାଇ,୪।୭ (ସଂଚାର ବ୍ୟୁରୋ):** ବାଛରା ପଞ୍ଚାୟତ ମଣ୍ଡପଡାସ୍ଥିତ ଭଜନେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ୨୦୧୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରୀ ସୁହାନି ପ୍ରଧାନ ଅତିଥି ପରିଚୟ ଓ ପୁରାତନ ଛାତ୍ର ରାଜନାରାୟଣ ପ୍ରଧାନ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଅନନ୍ତ କିଶୋର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଶ୍ରୀ ବେହେରା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଜୟଦେବ ବେହୁରା, ବସନ୍ତ କୁମାର ଶତପଥୀ, ସୁନାମଣୀ ଦାଶ, ଚତୃଭୁଜ ସାହୁ, ଶିକ୍ଷା କର୍ମୀ ବେଣୁଧର ଶର୍ମା, ଶୈଳବାଳା ଜେନା, ମଣ୍ଡପଡା - ବାଛରା ନୋଡାଲ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନାଙ୍କ ସମେତ ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକ, ହେମନ୍ତ କୁମାର ମଲ୍ଲିକ, ରୋହିତ କୁମାର ସ୍ୱାଇଁ, ବ୍ରଜକିଶୋର ଦାଶ ଓ ଅକ୍ଷୟ କୁମାର ଦାସ ଅନ୍ୟତ୍ର ବଦଳି ହୋଇଥିବା ଅନସୂୟା ନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପୁରାତନ ଛାତ୍ର ଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ।



# ବ୍ରାହ୍ମଣୀ ମହାବିଦ୍ୟାଳୟରେ ବନ ମହୋତ୍ସବ




**ପଟ୍ଟାମୁଣ୍ଡାଇ,୪।୭ (ସଂଚାର ବ୍ୟୁରୋ):** ପ୍ରତିବର୍ଷପରି ଚଳିତବର୍ଷ ସମଗ୍ର ଦେଶରେ ବର୍ତ୍ତମାନ ବନମୋତ୍ସବ ସପ୍ତାହ ପାଳନ ହେଉଛି। ଏହି କ୍ରମରେ ରାଜନଗର ବନାଞ୍ଚଳ (ବନ୍ୟଜୀବ) ଆନୁକୂଲ୍ୟରେ ବ୍ଲକସ୍ତରୀୟ ୭୬ତମ ବନ ମହୋତ୍ସବ ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ବ୍ରାହ୍ମଣୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ସହକାରୀ ବନ୍ୟ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, ବୈଜ୍ଞାନିକ ପ୍ରସନ୍ନ କୁମାର ନାୟକ, ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳ, ପେଣ୍ଠପାଳ ସରପଞ୍ଚ ପ୍ରତିନିଧି କୈଳାସ ସେଠି, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, କଥାକାର ପ୍ରଦୀପ ନାୟକ, କବି ସଚିତ୍ର କୁମାର ବେହୁରା ଅତିଥି ଭାବରେ ଯୋଗଦେଇ ପରିବେଶ ସନ୍ତୁଳନ ନିମନ୍ତେ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। 'ଏକ ପେଡ ମା' କେ ଲିଏ' ପ୍ରଧାନମନ୍ତ୍ରୀଙ୍କର ଏହି ବାର୍ତ୍ତାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିବାକୁ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କୁ ବିଶେଷଜ୍ଞ ପରାମର୍ଶ ଦେଇଥିଲେ। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ ବିଜୟ କବି ସ୍ୱାଗତ ବକ୍ତବ୍ୟ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭା ଶେଷରେ ବନପାଳ ବିଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ଉପଲକ୍ଷେ ବକ୍ତୃତା ପ୍ରତିଯୋଗୀତା

**ରାଜନଗର,୪।୭ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ଅବସରରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ଭରତ ବର୍ଷ ଗଠନରେ ଡକ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରଯାଇଥିଲା। ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରି ଅଖଣ୍ଡ ଭାରତ ନିର୍ମାଣରେ ଡକ୍ଟର ମୁଖାର୍ଜୀଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ




ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ଶୁଭଶ୍ରୀ ବଳ, ସ୍ୱର୍ଣଲତା ଦାସ, ଶ୍ରାବଣୀ ସ୍ୱାଇଁ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ମୁଖ୍ୟ ଡକ୍ଟର ପ୍ରଣତୀ ନାୟକ, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ରାଜଶ୍ରୀ ସାମନ୍ତ, ଅଧାପକ ପ୍ରତାପ କୁମାର ସ୍ୱାଇଁ, ସଂଗ୍ରାମ କେସରୀ ବେହୁରା ବିଚାରକ ଭାବେ ଯୋଗ ଦେଇଥିଲେ।



# ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

**ରାଜନଗର, ୪।୭ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଆଜି +୨ ଓ +୩ ବର୍ଷର କଳା, ବିଜ୍ଞାନ, ବାଣିଜ୍ୟ ବିଭାଗରେ ଚଳିତ ବର୍ଷ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ +୨ କଳାରେ ଅର୍ଚ୍ଚିତା ସାହୁ, +୨ ବିଜ୍ଞାନରେ ଶୁଭସ୍ମିତା ରାଉତ, +୨ ବାଣିଜ୍ୟରେ ପ୍ରଭାତ କୁମାର ବାରିକ ଏବଂ +୩ କଳାରେ ପ୍ରଥମ ସ୍ଥାନ ଅଳକା ପ୍ରିୟଦର୍ଶିନୀ ରାଉତ (ଶିକ୍ଷା ସମ୍ମାନ), +୩ ବିଜ୍ଞାନରେ ପ୍ରଥମ ସ୍ଥାନ ସ୍ୱାତୀ ସୁଖଦା ପାତ୍ର (ପ୍ରାଣୀ ବିଜ୍ଞାନ ସମ୍ମାନ), +୩ ବାଣିଜ୍ୟ ରେ ପ୍ରଥମ ସ୍ଥାନ ଆକାଶ ସାମଲ ( ଆକାଉଣ୍ଟ ସମ୍ମାନ) ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧାପକ ପ୍ରଣୟ କୁମାର ବେହେରା, ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ, ଅଭିଜିତ ଖୁଣ୍ଟିଆ, ବସନ୍ତ କୁମାର ବେହେରା, ବିପିନ୍ ବିହାରୀ ପରିଡ଼ା, ପ୍ରସନ୍ନ କୁମାର ଦାସ, ସତ୍ୟଜିତ୍ ଜେନା, ଅଧାପିକା ମିତା ରାଉତ, ଅନସୂୟା ବେହେରା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧାପକ ବିଚିତ୍ରାନନ୍ଦ ପାଣି ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧାପକ, ଅଧାପିକା, ଛାତ୍ର ଛାତ୍ରୀ କର୍ମଚାରୀମାନେ ଯୋଗଦାନ କରିଥିଲେ।

# ଟଙ୍କା ଫେରି ପାଇବେ ଚିଟଫଣ୍ଡ ଜମାକାରୀ, ଟଙ୍କା ଫେରସ୍ତ କରିବେ ରାଜ୍ୟ ସରକାର



**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ) :** ଚିଟଫଣ୍ଡ ଜମାକାରୀଙ୍କ ଟଙ୍କା ଫେରସ୍ତ କରିବେ ରାଜ୍ୟ ସରକାର। ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ୪ ମାସ ମଧ୍ୟରେ ଯୋଗ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ । ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ ହେବ । ପାଖପାଖି ୫ ଲକ୍ଷ ଜମାକାରୀଙ୍କୁ ଟଙ୍କା ଫେରସ୍ତ ହେବ ବୋଲି ମନମୋହନ ସାମଲ କହିଛନ୍ତି । ୧୫ ବର୍ଷ ଭିତରେ ୧୭୪ ଚିଟଫଣ୍ଡ କମ୍ପାନୀ ଜମାକାରୀଙ୍କ ଅର୍ଥ ଲୁଟ୍ କରିଥିଲେ। ଜମାକାରୀଙ୍କ ଟଙ୍କା ଫେରସ୍ତ କରିବାକୁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା ବିଜେପି । ଏବେ ବିଜେପି ସରକାର ପ୍ରତିଶ୍ରୁତି ପୂରଣ କରିବେ ବୋଲି କହିଛନ୍ତି ମନମୋହନ। ଅନ୍ୟପଟେ ବିଜେଡି ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିଥିବାରୁ ଏବେ ଲିଷ୍ଟ ହୋଇପାରିଛି ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର ।

# ପୁରୀରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ମ୍ୟୁଜିୟମ୍

**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ):** ଲୀଳାମୟ ପ୍ରଭୁଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରା ଜାରି ରହିଛି। ଠାକୁର ବାହୁଡ଼ିବା ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ସେବକ, ସେବାୟତ, କର୍ମଚାରୀ, ଅଧିକାରୀ ଏହି ବାହୁଡ଼ା ଯାତ୍ରାକୁ ସୁନ୍ଦର ସାବଲୀଳ କରିବା ପାଇଁ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ସମର୍ପଣ ଭାବ ନେଇ ସେବା ପ୍ରଦାନ କରୁଛନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ। ନୟାଗଡର ଘଞ୍ଚ ଜଙ୍ଗଲର ଏକଦା ଅଧିଷ୍ଠିତ ପ୍ରଭୁ ନୀଳମାଧବଙ୍କ ନୀଳକନ୍ଦରକୁ ଯାତ୍ରା ହେଉଛି ଅବିସ୍ମରଣୀୟ। ଜଗନ୍ନାଥ ଧାମର ସ୍ୱର୍ଣ୍ଣିମ ଇତିହାସ ଓ ପରମ୍ପରାକୁ ଅଗଣିତ ଲୋକକଥା, ଅନେକ କାହାଣୀ ଏବଂ ଐତିହାସିକ ଘଟଣାବଳୀ ସମୃଦ୍ଧ କରିଛି। ଏହି ସଂସ୍କୃତି ସହିତ ଅନେକ ଧର୍ମୀୟ ମହାନୁଭବ, ଲେଖକ, କବି, ଗାୟକ, ନୃତ୍ୟଶିଳ୍ପୀ, କାରିଗର ନିଜ ନିଜର ଅବଦାନ ଦେଇ ଆହୁରି ପରିପୃଷ୍ଟ କରିଛନ୍ତି। କିନ୍ତୁ ପରିତାପର ବିଷୟ ଯେ ଆଜିର ଯୁବ ସମାଜ ତଥା ପୁରୀକୁ ଆସୁଥିବା ଭକ୍ତଗଣ ଜଗନ୍ନାଥ ସଂସ୍କୃତିର



ଧନିକ ଇତିହାସ ବିଷୟରେ ବେଶୀ କିଛି ଜାଣନ୍ତି ନାହିଁ। ତା'ଠୁ ଦୁଃଖର ବିଷୟ ଯେ ଏହି ସଂସ୍କୃତି ଏବଂ ଇତିହାସକୁ ଜଣାଇବା ପାଇଁ ପୁରୀଠାରେ କିଛି ବ୍ୟବସ୍ଥା ଗତ ସାଢ଼େ ୭ ଦଶନ୍ଧିରେ କରାଯାଇପାରିଲା ନାହିଁ। ଏତଦ୍‌ବ୍ୟତୀତ ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ବିଶେଷ କିଛି ପଦକ୍ଷେପ ନିଆଯାଇନାହିଁ। ଚିନ୍ତା କରନ୍ତୁ, ଆଜି ଜଣେ ପର୍ଯ୍ୟଟକ ପୁରୀ ଆସିଲେ, ତା' ପାଇଁ ମୁଖ୍ୟତଃ ଦୁଇଟି ଠିକଣା। ଜଗନ୍ନାଥ ମନ୍ଦିର ଏବଂ ବେଳାଭୂମି। ଏହାକୁ ଛାଡିଦେଲେ ଅନ୍ୟ କୌଣସି ମନୋରଞ୍ଜନ କିମ୍ବା ପର୍ଯ୍ୟଟନ ଭିତ୍ତିଭୂମି ନାହିଁ, ଯେଉଁଠାରେ ସେ କିଛି ସମୟ କଟାଇପାରିବ।

ଯେକୌଣସି ପର୍ଯ୍ୟଟନ ସ୍ଥଳକୁ ବିକାଶ କରିବାକୁ ହେଲେ, ପ୍ରଥମ ନିୟମ ହେଉଛି କିପରି ଜଣେ ପର୍ଯ୍ୟଟକ ସେଠାରେ ଅଧିକରୁ ଅଧିକ ସମୟ କଟାଇପାରିବେ। ଏହାଦ୍ୱାରା ସେ ଅଧିକ ଖର୍ଚ୍ଚ କରିବେ, ଯାହା ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବ। କିନ୍ତୁ ପୁରୀରେ ସେମିତି କିଛି ବ୍ୟବସ୍ଥା ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ପୁରୀରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବେ। ଗୋଟିଏ ସ୍ଥାନରେ ଏହିସବୁ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ତ୍ୱ, ନୀଳବଧବଙ୍କଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ମିନିଏଚର୍ ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ତା'ଛଡ଼ା ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ଅଡିଟୋରିଅମ ନିର୍ମାଣ କରାଯିବ। ଏହି ଅଡିଟରିଅମରେ ପ୍ରତିଦିନ ଲାଇଟ ଓ ସାଉଣ୍ଡ ଶୋ ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଓ ଠାକୁରଙ୍କୁ ନେଇ ରହିଥିବା କାହାଣୀ ଓ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ ପ୍ରସ୍ତୁତ କରି ବିଭିନ୍ନ ଭାଷାରେ ପ୍ରଦର୍ଶିତ କରାଯିବ।

ଏହି ପରିସରରେ ଏକ ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମିତ ହେବ, ଯେଉଁଠି ରାଜ୍ୟର କଳାକାର ଓ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା ଇପ୍‌ସାଙ୍କ 'ପ୍ରାରମ୍ଭ' ଉନ୍ମୋଚିତ



ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ଇଚ୍ଛାଶକ୍ତି ଥିଲେ ଉପାୟ ଆପେ ଆପେ ଆସେ। ଏମିତି ଅନେକ କଥା ଆପଣମାନେ ଶୁଣିଥିବେ। ହେଲେ ଜଣେ ଏମ୍‌ଏସସି (ଫିଜିକ୍ସ ଛାତ୍ରୀ) ତାହାକୁ ବାସ୍ତବରୂପ ଦେଇଛନ୍ତି। ବିଜ୍ଞାନରେ ପାଠ ପଢୁଥିବା ଇପ୍‌ସା ପୁରାଣ ଶାସ୍ତ୍ରରେ ବେଶ୍ ରୁଚି ରଖିଛନ୍ତି। ପିଲାଟି ଦିନରୁ ପୁରାଣ ପଢ଼ିବା ଓ ବୁଝିବାକୁ ସେ ଯେଉଁ ଉଦ୍ୟମ କରିଥିଲେ, ତାହା ଆଜି ପୂର୍ଣ୍ଣ ରୂପ ପାଇଛି। ପୁରୀ ଜିଲ୍ଲା ସାକ୍ଷୀଗୋପାଳ ବୀରରାମଚନ୍ଦ୍ରପୁରର ମୂଳବାସିନ୍ଦା ଇପ୍‌ସା ତ୍ରିପାଠୀଙ୍କ ବହି 'ପ୍ରାରମ୍ଭ'କୁ ଆଜି ସନ୍ଧ୍ୟା ଦର୍ଶନର ପବିତ୍ର ଦିନରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉନ୍ମୋଚନ କରିଛନ୍ତି । ଏହି ଅବସରରେ ପୁସ୍ତକ ବିଷୟରେ ରାଜ୍ୟପାଳ ଇପ୍‌ସାଙ୍କ ସହ ଅନେକ ସମୟ ଧରି ଆଲୋଚନା ବି କରିଥିଲେ। ଜଗନ୍ନାଥ ରଥ ପବ୍ଲିକେସନ୍ ପକ୍ଷରୁ ପ୍ରକାଶିତ 'ପ୍ରାରମ୍ଭ' ଏକ ପୌରାଣିକ କାହାଣୀ। ଭଗବତ୍ ଗୀତାରୁ ଏହି ବହି ଲେଖାଯାଇଥିବା ବେଳେ ଗୀତାର ଏକ ଶ୍ଳୋକରୁ ଏହାର ସୃଷ୍ଟି। ଯେବେ ସ୍ୱୟଂ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ଅଧର୍ମ ବଢ଼ିଯାଏ, ମୁଁ ଧର୍ମ ଓ ସତ୍ୟକୁ ରକ୍ଷା କରିବାକୁ ପହଞ୍ଚିଥାଏ। ଏହି ସମୟରେ ଅନ୍ୟା ନାମକ ଜଣେ ଝିଅ ସାମ୍ନାକୁ ଆସି ପରିବର୍ତ୍ତନର ମଙ୍ଗ ଧରୁଛି, ଏହି ବହିରେ ନ୍ୟାୟ ଅନ୍ୟାୟ , ଧର୍ମ ଓ ଅଧର୍ମ ସମ୍ପର୍କରେ ଅନେକ ଶିକ୍ଷଣୀୟ କଥା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏତେ କମ୍ ବୟସରୁ ଧର୍ମ, ଅଧର୍ମ ଓ ନ୍ୟାୟ, ଅନ୍ୟାୟ ସମ୍ପର୍କରେ ଯେଉଁ ଉଲ୍ଲେଖନୀୟ କଥା ଲେଖାଯାଇଛି ତାହାକୁ ନେଇ ଖୋଦ୍ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବି ବେଶ୍ ଖୁସିବ୍ୟକ୍ତ କରିଛନ୍ତି । ପୂର୍ବରୁ ଇପ୍‌ସାଙ୍କ 'ସୋଲ୍ ସ୍କେପ୍‌ସ' ନାମକ ଏକ ଇଂରାଜୀ କବିତା ପୁସ୍ତକ ବି ପ୍ରକାଶ ପାଇଥିଲା । ଏବେ 'ପ୍ରାରମ୍ଭ' ବହିକୁ ନେଇ ଇପ୍‌ସାଙ୍କୁ ସବୁଠି ପ୍ରଶଂସା କରାଯାଉଛି । ଇପ୍‌ସା ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ତ୍ରିପାଠୀଙ୍କର ଏକମାତ୍ର କନ୍ୟା ।

# ସମ୍ବଲପୁରକୁ ଆକର୍ଷଣୀୟ କରିବାକୁ ଆହ୍ୱାନ ଦେଲେ ଧର୍ମେନ୍ଦ୍ର

- ଆରଡିସି କାର୍ଯ୍ୟାଳୟରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ
- ସମ୍ମିଳନୀ କକ୍ଷ 'ସ୍ୱଭାବ କବି ଗଙ୍ଗାଧର ମେହେର'ଙ୍କ ନାମରେ ନାମିତ
- ବିଭିନ୍ନ ସୌନ୍ଦର୍ଯ୍ୟମୂଳକ ପ୍ରକଳ୍ପ ଲୋକାର୍ପିତ



**ସମ୍ବଲପୁର,୪।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶୁଭାରମ୍ଭ ସହ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ପରିସରରେ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ପ୍ରଥମେ ସମ୍ବଲପୁରର କଣ୍ଟାପାଲିଠାରେ ବରଗଡ଼ ପାର୍ଶ୍ୱ ଓ ପରଢିଆପାଲୀ ଝାରସୁଗୁଡ଼ା ପାର୍ଶ୍ୱ 'ଐତିହ୍ୟ ସ୍ୱାଗତମ୍ ସମ୍ବଲପୁର ତୋରଣ'ର ଉଦଘାଟନ କରିଥିଲେ। ଏଥିସହ ସେ ସମ୍ବଲପୁର ଦୁର୍ଗାପାଲି ଛକରେ ବିଭିନ୍ନ ସୌନ୍ଦର୍ଯ୍ୟମୂଳକ ପ୍ରକଳ୍ପର ଲୋକାର୍ପଣ କରିଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ଥିବା ଲୋକାର୍ପିତ ସ୍ୱାଗତ ତୋରଣ ସହରର ଶୋଭାବର୍ଦ୍ଧନ କରିବ। ସମ୍ବଲପୁର ମହାନଗର ନିଗମକୁ ଅଧିକ ସୁନ୍ଦର କରିବାରେ ଏହି ପଦକ୍ଷେପ ପ୍ରଶଂସନୀୟ। ସମ୍ବଲପୁରକୁ ଏକ ଆକର୍ଷଣୀୟ ସହରରେ ପରିଣତ କରିବା ସକାଶେ କେନ୍ଦ୍ର ମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପରେ ଶ୍ରୀ ପ୍ରଧାନ ସମ୍ବଲପୁର ଆରଡିସି କାର୍ଯ୍ୟାଳୟରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସମ୍ମିଳନୀ କକ୍ଷକୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ନାମିତ କରିବା ସହ ବରପୁତ୍ରମାନଙ୍କର ପେନସିଲ୍ ଫଟୋଚିତ୍ର ଲୋକାର୍ପିତ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ବୈଠକରେ କୁଦୋପାଲିରେ ଯୁଦ୍ଧ ସ୍ମାରକୀ ପ୍ରତିଷ୍ଠା, କୋଣାର୍କରେ ଲାଇଟ୍ ଆଣ୍ଡ ସାଉଣ୍ଡ୍ ସୋ' ଓ ବାଖ୍ୟାନ କେନ୍ଦ୍ର ଭଳି ବ୍ୟବସ୍ଥା କରିବା ତଥା ଏକ କଳା ମହାବିଦ୍ୟାଳୟ ସ୍ଥାପନ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ଗସ୍ତ କାଳରେ ଶ୍ରୀ ପ୍ରଧାନ ଅଇଁଠାପାଲିଠାରେ ନବନିର୍ମିତ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରିଥିଲେ।

# ୨୦ରେ ସ୍ପେସାଲ୍ ଓଟିଇଟି, ପରୀକ୍ଷା ଦେବେ ୭୫୦୦୦ ଶିକ୍ଷକ




**କଟକ, ୪।୭ (ସଂଚାର ବ୍ୟୁରୋ) :** ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସ୍ପେସାଲ୍ ଓଟିଇଟି) ଆସନ୍ତା ୨୦ ତାରିଖରେ ହେବ । ଏହି ପରୀକ୍ଷା ଲାଗି ଏଥର ରେକର୍ଡ ୭୫ ହଜାର ୪୦୩ ହଜାର ଶିକ୍ଷକଶିକ୍ଷୟିତ୍ରୀ ଆବେଦନ କରିଛନ୍ତି । ପୂର୍ବ ବର୍ଷ ଅପେକ୍ଷା ଏଥର ବହୁ ଅଧିକ ଆବେଦନକାରୀ ଥିବାରୁ ପରୀକ୍ଷା ପରିଚାଳନା ବୋର୍ଡ ପାଇଁ ଆହ୍ୱାନମୂଳକ ହେବ ବୋଲି କୁହାଯାଉଛି । ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ସ୍ପେସାଲ୍ ଓଟିଇଟି ନିଜ ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ହେଲେ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରହିବ ନାହିଁ ବୋଲି ଆଶଙ୍କା ଥିବାରୁ କେବଳ ଜିଲ୍ଲା ମୁଖ୍ୟାଳୟରେ ହିଁ ପରୀକ୍ଷା କେନ୍ଦ୍ର କରାଯାଇଛି । ୩୦ ଜିଲ୍ଲାରେ ମୋଟ୍ ୧୯୩ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯିବ । ପ୍ରଶ୍ନପତ୍ର ବିଭ୍ରାଟ ରୋକିବା ଲାଗି ବୋର୍ଡ କାର୍ଯ୍ୟାଳୟରୁ ପ୍ରଶ୍ନ ଡିଜି ଲକରରେ ସମସ୍ତ କେନ୍ଦ୍ରକୁ ପଠାଯିବ । କପି ନିୟନ୍ତ୍ରଣ ଲାଗି ସେଣ୍ଟରଗୁଡ଼ିକରେ ସିସିଟିଭି କ୍ୟାମେରା ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଓଟିଇଟି ସାର୍ଟିଫିକେଟ୍ ନଥିଲେ ପଦୋନ୍ନତି ମିଳିବ ନାହିଁ ବୋଲି ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିବାରୁ ବହୁ ବରିଷ୍ଠ ଶିକ୍ଷକ ପରୀକ୍ଷା ଦେବାକୁ ବାଧ୍ୟ ହୋଇଛନ୍ତି । ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ପରେ ଆବେଦନକାରୀଙ୍କ ସଂଖ୍ୟା ୭୫ ହଜାର ପାର ହୋଇଛି ।

# ୧୫ ଲକ୍ଷର ଗଞ୍ଜେଇ ଜବତ, ୨ ଗିରଫ



**କେନ୍ଦୁଝର, ୪।୭ (ସଂଚାର ବ୍ୟୁରୋ):** କେନ୍ଦୁଝରରେ ହୋଇଛି ଗଞ୍ଜେଇ ଚାଲାଣ। ଜାତୀୟ ରାଜପଥ ୪୯ ନିକଟ ବେଲଦା ଗ୍ରାମ ଠାରେ ନାକାବନ୍ଦୀ କରିବା ପରେ ବୌଦ୍ଧ ଜିଲ୍ଲାରୁ କଲିକତାକୁ ଏକ କାରରେ ହୋଇଥିଲା ଏହି ଚୋରା ଗଞ୍ଜେଇ ଚାଲାଣ। ସଦର ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କ ଠାରୁ ୮ ବସ୍ତା ଗଞ୍ଜେଇ ଧରିବାରେ ସଫଳ ହୋଇଥିଲେ । ୧ କୁଇଣ୍ଟାଲ ୪୦ କିଲୋ ୪୪୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡିଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି । ସେହି ଦୁଇ ଅଭିଯୁକ୍ତ ବୌଦ୍ଧ ଜିଲା ରଘୁନାଥପୁର ଥାନାର ଅମଳ ଦେହୁରୀ ଅନ୍ୟ ଜଣେ ହେଲେ ସରସରା ଥାନା ଶୁଭେନ୍ଦୁ ବେହେରା ବୋଲି ପୋଲିସ ସୂଚନା ଦେଇଛନ୍ତି । ଉଭୟଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଡିଜେ ଗାଡ଼ିରେ କରେଣ୍ଟ ଲାଗି ଜଣେ ମୃତ

**ଢେଙ୍କାନାଳ, ୪।୭ (ସଂଚାର ବ୍ୟୁରୋ) :** ବାହାଘର ବରଯାତ୍ରୀ ପ୍ରୋସେସନବେଳେ ବଡ଼ ଅଘଟଣ। ବରଯାତ୍ରୀ ଡିଜେ ଗାଡ଼ିରେ ଲାଗିଲା ୧୧ କେଭି ବିଦ୍ୟୁତ ତାର। ଫଳରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ଡୁମୁସିଂହା ଥାନା କଦଳୀପାଳ ଗ୍ରାମରେ। ସୂଚନା ଅନୁଯାୟୀ, ଢେଙ୍କାନାଳ ସହର ଗୁଡ଼ିଆନାଳୀରୁ ଏକ ବିବାହ ପ୍ରୋସେସନ ଡୁମୁସିଂହା ଥାନା ଅନ୍ତର୍ଗତ କଦଳୀପାଳ କନ୍ଧସାହି ଝିଅ ଘରକୁ ଯାଉଥିଲା। ହେଲେ କଦଳୀପାଳଠାରେ ରାସ୍ତା ପାର୍ଶ୍ୱରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ ତାର ଡିଜେ ଗାଡ଼ିରେ ଲାଗିଯାଇଥିଲା। ଫଳରେ ଡିଜେ ଗାଡ଼ି ବିଦ୍ୟୁତ କରେଣ୍ଟରେ ଚାର୍ଜ ହୋଇଯାଇଥିଲା। ଏମିତିରେ ଡିଜେ ଗାଡ଼ି ଉପରେ ନାଚୁଥିବା ବରଯାତ୍ରୀ କିଛି ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ।

# ବନ୍ଧାହେଲେ ଟିଟିଲାଗଡ଼ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ



**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ) :** ବନ୍ଧା ହେଲେ ଦିଲେଶ୍ୱର ମାଝୀ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଟିଟିଲାଗଡ଼ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲେଶ୍ୱର ମାଝୀଙ୍କୁ ଗିରଫ କରିଛି ଭିଜିଲାନସ । ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗିରରେ ଏକକାଳୀନ ୬ଟି ସ୍ଥାନରେ ରେଡ୍ କରାଯାଇଥିଲା । ସରକାରୀ ବାବୁଙ୍କ ଘରୁ ମିଳିଥିଲା ବିଡ଼ା ବିଡ଼ା ଟଙ୍କା ଓ ପୁଳା ପୁଳା ସୁନା । ପ୍ଲାଷ୍ଟିକ ଡବା ଭିତରେ ପୁଳା ପୁଳା ସୁନା ଗହଣା ଥାକ ମାରି ରଖାଯାଇଥିଲା । ବ୍ରଜରାଜନଗର, ସମ୍ବଲପୁର ଓ ଝାରସୁଗୁଡ଼ାରେ ୯ଟି ପ୍ଲଟ ଠାବ ହୋଇଥିଲା । ବ୍ରଜରାଜନଗରରେ ରହିଛି ଗୋଟିଏ ମାର୍କେଟ କମ୍ପ୍ଲେକ୍ସ । ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ମଧ୍ୟ ଠାବ ହୋଇଥିଲା । ବେଡ୍ ତଳେ ଥିବା ସିକ୍ରେଟ ଚାମ୍ବରରୁ ମିଳିଥିଲା ୬ଲକ୍ଷ ୫୭ହଜାର ଟଙ୍କା ।

# ଦେବଗଡ଼ରେ ୩୫ ପ୍ରତିଶତକୁ ବଢ଼ିବ ଜଙ୍ଗଲ ପରିମାଣ

## ଚାରା ରୋପଣ ଅଭିଯାନରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ସାମିଲ୍

## ପରିବେଶକୁ ସୁରକ୍ଷିତ ରଖିବାକୁ ଦେଲେ ଆହ୍ୱାନ



**ତିଳେଇବଣି,୪।୭(ସଂଚାର ବ୍ୟୁରୋ):** ଦେବଗଡ଼ ଜିଲ୍ଲାରେ ମୋଟ ୨୩ ପ୍ରତିଶତ ଜଙ୍ଗଲ ରହିଛି। ଏହାକୁ ଅନ୍ତତଃ ପକ୍ଷେ ୩୫ ପ୍ରତିଶତ କରିବା ପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ହେବ ବୋଲି ଆଜି ଦେବଗଡ଼ ଜିଲ୍ଲା ତିଳେଇବଣି ସୁଗୁଡା ଅଞ୍ଚଳରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ଚାରା ରୋପଣ ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "୭୬ତମ ବନ ମହୋତ୍ସବ ସପ୍ତାହ-୨୦୨୫"ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବୃକ୍ଷ ଏବଂ ଜଙ୍ଗଲ ଆମର ଜୀବନ। ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁ ଜଗନ୍ନାଥ, ଜଙ୍ଗଲ ଏବଂ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ସନ୍ତୁଳିତ ରଖିବା ପାଇଁ ସମସ୍ତେ ଗଛ ଲଗାଇବା ସହ ତା'ର ଯତ୍ନ ନେବା ଦରକାର। ଦେବଗଡ଼କୁ ସବୁଜ ସହରରେ ପରିଣତ କରିବା ଦରକାର । ଆମେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନରେ ସାମିଲ ହୋଇ ସମସ୍ତେ ଗଛ ଲଗାଇବା । ଘର ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ରାସ୍ତା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଛ ଲଗାଇ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା। ଏଥିପାଇଁ ଆବାଳବୃଦ୍ଧବନିତାଙ୍କୁ ଆଗେଇ ଆସିବା ସହ ଗଛ ଲଗାଇବାର ପାଗଳପଣ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ଦେବଗଡ଼ ବନଖଣ୍ଡରେ ୯ ଲକ୍ଷ ୫୦ ହଜାର ଗଛ ଲଗାଇବା ଲକ୍ଷ୍ୟ ରଖାଯାଇଥିବା ବେଳେ ସବୁ ବର୍ଗର ଲୋକଙ୍କୁ ସାମିଲ କରି ଏହାକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚାରା ରୋପଣ ଅଭିଯାନରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ, ଯୁବ ସଂଗଠନ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀ ସାମିଲ ହୋଇଥିଲେ। ଉଲ୍ଲେଖନୀୟ ଯେ ଦେବଗଡ଼ରେ ଚାରା ରୋପଣ ଅଭିଯାନକୁ ବ୍ୟାପକ କରିବା ତଥା ସମାଜିକ ସଚେତନତା ସୃଷ୍ଟି ପାଇଁ ଦେବଗଡ଼ ବନଖଣ୍ଡ ପଦକ୍ଷେପ ଅନ୍ତର୍ଗତ ଶ୍ରୀ ପ୍ରଧାନ ଏକ ଭ୍ରାମ୍ୟମାଣ ସବୁଜ ରଥର ଶୁଭାରମ୍ଭ କରିଛନ୍ତି। ଉଲ୍ଲେଖନୀୟ, କାର୍ଯ୍ୟ ପାଇଁ ଏସଏଚଜି ସଦସ୍ୟା ଓ ଗଜସାଥୀଙ୍କୁ ସମ୍ମାନିତ ମଧ୍ୟ କରିଛନ୍ତି।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗାଁ ଲୋକ

**ନୂଆପଡ଼ା,୪।୭(ସଂଚାର ବ୍ୟୁରୋ):** ଏକତା ହିଁ ବଳ। ଗାଁ ଲୋକେ ଏକାଠି ହୋଇ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି। ରାସ୍ତା ସମସ୍ୟାର ସମାଧାନ ପାଇଁ ଗାଁ ଲୋକେ ବାରମ୍ବାର ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଏ ଦିଗରେ ସେମାନଙ୍କୁ କୌଣସି ସୁଫଳ ମିଳିନଥିଲା। ଶେଷରେ ଗ୍ରାମବାସୀ ନିଜ ନାଆରେ ନିଜେ ନାଉରୀ ସାଜିଲେ ଆଉ ଦୀର୍ଘ ୩ କିମି ରାସ୍ତାକୁ ନିଜେ ମରାମତି କରିଛନ୍ତି। ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଭେରୁଆମାଲ ଗାଁ ଲୋକଙ୍କ ଏପରି ଉଦ୍ୟମକୁ ନେଇ ଏବେ ସାରା ଜିଲ୍ଲାରେ ଚର୍ଚ୍ଚା।

କିଏ ମାଟି ଖୋଳୁଥିଲେ ତ କିଏ ଟୋକେଇରେ ମାଟି ବୋହି ଆଣୁଥିଲେ। କିଏ ପଥର ଗୋଟାଇ ରାସ୍ତାରେ ପକାଉଥିଲା ତ ଆଉ କିଏ କୋଦାଳରେ ରାସ୍ତାର ଖାଲକୁ ମାଟି ପକାଇ ସମତୁଲ କରୁଥିଲା। ସମସ୍ତଙ୍କ ମନରେ ଥିଲା ଉତ୍ସାହ। କୌଣସି ସରକାରୀ ଯୋଜନାର ମଜୁରିଆ କି ଶ୍ରମିକ ନଥିଲେ ଏମାନେ।



ଏମାନେ ହେଉଛନ୍ତି ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଭେରୁଆମାଲ୍ ଗାଁର ସାଧାରଣ ଲୋକ। ଗାଁକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ରୋକାଲ୍ ଛକରୁ ଗାଁ ପର୍ଯ୍ୟନ୍ତ ୩ କିମି ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ପ୍ରଶାସନକୁ ଜଣାଇଥିଲେ। କୌଣସି ପଦକ୍ଷେପ ନେଇ ନଥିଲା ପ୍ରଶାସନ। ପ୍ରଶାସନକୁ କହି କହି ଫେଲ୍ ମାରିବା ପରେ ଏକାଠି ହୋଇ ସମସ୍ୟା ଦୂର କରିଛନ୍ତି। କେବଳ ଶ୍ରମଦାନରେ ସେମାନଙ୍କ ସମସ୍ୟାର ଅନ୍ତ ଘଟିଛି। ରାସ୍ତାର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ ଗାଁର ଗର୍ଭବତୀ ମହିଳାମାନଙ୍କୁ ମେଡିକାଲ୍‌କୁ ନିଆଯାଇପାରୁନଥିଲା। ବାଧ୍ୟ ହୋଇ ଗାଁ ଲୋକେ ବୋହି ବୋହି ନେଉଥିଲେ।

ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକର ଭେରୁଆମାଲ ଗାଁକୁ ଯିବାକୁ ହେଲେ ରୋକାଳ ଛକରୁ ଯିବାକୁ ପଡ଼େ ପ୍ରାୟ ୩ କିମି। କିନ୍ତୁ ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ । ରାସ୍ତା ସାରା ଖାଲ । କୌଣସି ରୋଗ ବେମାର ହେଲେ ଗାଁକୁ ଆମ୍ବୁଲାନ୍ସ ଆସି ପାରେନି । ଏହି ରାସ୍ତାରେ ଲୋକେ ପଞ୍ଚାୟତକୁ ଭତ୍ତା, ଚାଉଳ ଆଣିବାକୁ ଯାଉଥିବା ବେଳେ ଛାତ୍ର ଛାତ୍ରୀମାନେ ଏହି ରାସ୍ତା ଦେଇ ସ୍କୁଲ କଲେଜ ଯାଆନ୍ତି । କିନ୍ତୁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରୁ ଗାଁର ସବୁ ପରିବାରରୁ ଜଣେ ଦୁଇଜଣ ବାହାରି ରାସ୍ତା ମରାମତି କଲେ । ଆଗାମୀ ଦିନରେ ଗମନାଗମନ ଉପଯୋଗୀ ରାସ୍ତା କରାଯିବ ବୋଲି ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି ।

# ରାଜଧାନୀରେ ସ୍ୱିସ୍ ରୋବୋଟିକ୍ସ ଜଏଣ୍ଟ ରିପ୍ଲେସମେଣ୍ଟ

**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ) :** ଓଡ଼ିଶାର ଅର୍ଥୋପେଡିକ୍ ଚିକିତ୍ସା କ୍ଷେତ୍ରରେ ଏକ ଐତିହାସିକ ସଫଳତା ଭାବରେ, ଭୁବନେଶ୍ୱରର ସନସାଇନ୍ ହସ୍ପିଟାଲରେ ଏକ ରୋବୋଟ୍-ସହାୟତା ପ୍ରାପ୍ତ ସଂଶୋଧନ ଜଏଣ୍ଟ ରିପ୍ଲେସମେଣ୍ଟ ଅସ୍ତ୍ରୋପଚାର ଡକ୍ଟର ସିଦ୍ଧାର୍ଥ ସତ୍ୟକାମ ପ୍ରଧାନ ସଫଳତାର ସହ କରିଛନ୍ତି। ଏହି ଅସ୍ତ୍ରୋପଚାର ସ୍ୱିସ୍ ରୋବୋଟିକ୍ସ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କରାଯାଇଥିଲା, ଯାହା ତାଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଏହି ଉନ୍ନତ ସିଷ୍ଟମ ବ୍ୟବହାର କରାଯାଇଛି - ଏବଂ ଏହି ଅଞ୍ଚଳର ପ୍ରଥମ ଥର ପାଇଁ ଏପରି ପ୍ରକ୍ରିୟା ମଧ୍ୟରୁ ଗୋଟିଏ।



ପୂର୍ବରୁ ସନ୍ଧି ପ୍ରତିସ୍ଥାପନ କରାଇଥିବା ରୋଗୀଙ୍କୁ ଇମ୍ପ୍ଲାଣ୍ଟ ଲୁଜ ହେବା ଏବଂ ଯନ୍ତ୍ରଣା ହେତୁ ଏକ ଜଟିଳ ସଂଶୋଧନ ଅସ୍ତ୍ରୋପଚାର ଆବଶ୍ୟକ ଥିଲା। ପାରମ୍ପରିକ ସଂଶୋଧନ ଅସ୍ତ୍ରୋପଚାର ଅଧିକ ବିପଦପୂର୍ଣ୍ଣ ବୋଲି ବୈଷୟିକ ଭାବରେ କୁହାଯାଉଛି, କିନ୍ତୁ ସ୍ୱିସ୍ ରୋବୋଟିକ୍ସ ପ୍ଲାଟଫର୍ମ ସହିତ, ଅସ୍ତ୍ରୋପଚାର ଅଭୂତପୂର୍ବ ସଠିକତା, ଆଲାଇନମେଣ୍ଟ ସଠିକତା ଏବଂ ଦ୍ରୁତ ଆରୋଗ୍ୟ ସମ୍ଭାବନା ହାସଲ କରିଛି।

ଏହି ବିଷୟରେ ଡକ୍ଟର ସିଦ୍ଧାର୍ଥ ପ୍ରଧାନ କହିଛନ୍ତି, "ସଂଶୋଧନ ସନ୍ଧି ପ୍ରତିସ୍ଥାପନ ପ୍ରାଥମିକ ଅସ୍ତ୍ରୋପଚାର ଅପେକ୍ଷା ବହୁତ ଜଟିଳ, ଯାହା ପାଇଁ ସତର୍କ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଆବଶ୍ୟକ। ସ୍ୱିସ୍ ରୋବୋଟିକ୍ସ ସହିତ, ଆମେ ଏବେ ବାସ୍ତବ ସମୟରେ ସନ୍ଧିକୁ ଭିଜୁଆଲ୍ କରିପାରିବା, ପ୍ରତ୍ୟେକ ପଦକ୍ଷେପକୁ ଡିଜିଟାଲ୍ ଭାବରେ ଯୋଜନା କରିପାରିବା ଏବଂ ସବ୍-ମିଲିମିଟର ସଠିକତା ସହିତ କାର୍ଯ୍ୟାନ୍ୱୟନ କରିପାରିବା - ରୋଗୀଙ୍କ ଫଳାଫଳକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରୁଛି।"

ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ବାସ୍ତବ-ସମୟ ଅନ୍ତଃଅପରେଟିଭ୍ ମାର୍ଗଦର୍ଶନ ପାଇଁ ଜଣାଶୁଣା ସ୍ୱିସ୍ ରୋବୋଟିକ୍ସ, ଜଟିଳ ସନ୍ଧି ଅସ୍ତ୍ରୋପଚାରରେ ସଫଳତା ହାର ବୃଦ୍ଧି କରିବା ପାଇଁ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ। ଡକ୍ଟର ପ୍ରଧାନଙ୍କ ଯତ୍ନରେ ଏହା ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏକ ସଂଶୋଧନ ସନ୍ଧି ପ୍ରତିସ୍ଥାପନରେ ନିୟୋଜିତ ହୋଇଛି।

ଆଣ୍ଠୁ ଏବଂ ହିପ୍ ପ୍ରତିସ୍ଥାପନରେ ତାଙ୍କର ବିଶେଷଜ୍ଞତା ପାଇଁ ଜଣାଶୁଣା ଡକ୍ଟର ପ୍ରଧାନ, ଓଡ଼ିଶାରେ ଉନ୍ନତ ଶଲ୍ୟ କୌଶଳର ଅଗ୍ରଣୀ କାର୍ଯ୍ୟ ଜାରି ରଖିଛନ୍ତି, ଯାହା ସ୍ଥାନୀୟ ଭାବରେ ରୋଗୀଙ୍କ ପାଇଁ ବିଶ୍ୱସ୍ତରୀୟ ଉଦ୍ଭାବନକୁ ସୁଗମ କରିଥାଏ।

SANCHAR
ସଂଚାର
sanchar.live

ସମ୍ପାଦକୀୟ

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ନୂଆ ତାରକାଙ୍କ ଅଭ୍ୟୁଦୟ

ସମ୍ପ୍ରତି ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ମାଟିରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି। ପ୍ରଥମ ଥର ପାଇଁ ସିରିଜ୍‌ର ନାମକରଣ ଦୁଇ ଦେଶର କିମ୍ବଦନ୍ତୀ କ୍ରିକେଟର୍‌ଙ୍କ ନାମରେ ନାମିତ ହୋଇଛି। ସିରିଜ୍‌ର ନାମ ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ରଖାଯାଇଥିବା ବେଳେ ଏଥିରେ ଭ୍ରମଣକାରୀ ଭାରତୀୟ ଦଳ ଲିଡ୍ସରେ ପ୍ରଥମ ଟେଷ୍ଟ୍‌ରେ ପରାସ୍ତ ହୋଇ ୦-୧ରେ ପଛୁଆ ରହିଛି। କିନ୍ତୁ ଦୁଇ ଦିନ ତଳେ ଏଜବାଷ୍ଟନ୍‌ଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଜଣେ ତାରକାଙ୍କୁ ପାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ତାରକା ଜଣଙ୍କ ଆଉ କେହି ନୁହଁନ୍ତି, ବରଂ ଭାରତୀୟ ଦଳର ନେତୃତ୍ୱ ନେଉଥିବା ଯୁବ ବ୍ୟାଟ୍ସମ୍ୟାନ୍ ଶୁବମାନ ଗିଲ୍। ଅବଶ୍ୟ ପୂର୍ବରୁ ମଧ୍ୟ ଗିଲ୍ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛନ୍ତି। କିନ୍ତୁ କ୍ରିକେଟ୍‌ର ଶ୍ରେଷ୍ଠ ଫର୍ମାଟ୍ ବୋଲାଉଥିବା ଟେଷ୍ଟ୍ କ୍ରିକେଟ୍‌ରେ ସେ ନିଶ୍ଚିତ ଭାବେ ଜୁଲାଇ ୩ ତାରିଖକୁ ସବୁଦିନ ପାଇଁ ମନେ ରଖିବେ। କାରଣ ବିଦେଶ ମାଟିରେ ଦ୍ୱିଶତକ ପୂରଣ କରି ଏହି ବ୍ୟାଟ୍ସମ୍ୟାନ୍ ଜଣଙ୍କ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଦଳରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ତାଙ୍କ ପାଖରେ ଦକ୍ଷତା ରହିଛି ବୋଲି ପ୍ରମାଣିତ କରିଛନ୍ତି। ୨୬୯ ରନ୍‌ର ମାରାଥନ୍ ଇନିଂସ ତାଙ୍କୁ ଅନେକ କିମ୍ବଦନ୍ତୀ କ୍ରିକେଟର୍‌ଙ୍କ ସହ ତୁଳନା କରିବାକୁ କ୍ରିକେଟ୍ ଏକ୍ସପର୍ଟମାନଙ୍କୁ ଏକରକମ ବାଧ୍ୟ କରିଛି ବୋଲି କହିଲେ ଚଳେ।

କୋହଲି ଓ ରୋହିତଙ୍କ ଅନୁପସ୍ଥିତିରେ ବିସିସିଆଇ ଯେତେବେଳେ ଗିଲ୍‌ଙ୍କୁ ଅଧିନାୟକ ଦାୟିତ୍ୱ ଦେଲା, ସେତେବେଳେ ଅନେକ ନିଶ୍ଚିତ ଭାବେ ଏହାକୁ ପ୍ରଶ୍ନ କରିଥିବେ। କାରଣ ଗିଲ୍‌ଙ୍କ ପାଖରେ ନା ଅଧିନାୟକ ହେବା ସକାଶେ ସେତିକି ଅଭିଜ୍ଞତା ଥିଲା ନା ଆନୁଷଙ୍ଗିକ ବୟସ। ୨୫ ବର୍ଷୀୟ ଗିଲ୍ ତାଙ୍କର ଦ୍ୱିଶତକୀୟ ଇନିଂସ ବଳରେ ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରିଦେଇଛନ୍ତି। ବିଶେଷକରି ଭାରତୀୟ କ୍ରିକେଟ୍‌ର ଦୁଇ ଜଣ ମହାନ୍ ଖେଳାଳି କୋହଲି ଓ ସୁନୀଲ ଗାଭାସ୍କରଙ୍କ ରେକର୍ଡକୁ ବି ପଛରେ ପକାଇ ଗିଲ୍ ଯୁବପିଢ଼ି ଖେଳାଳିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପ୍ରଥମ ଥର ପାଇଁ ବିଦେଶ ମାଟିରେ ଅଧିନାୟକ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ତାଙ୍କ ବ୍ୟାଟିଂ ଉପରେ ଏହି ଭାରଜନିତ ଚାପ ଆଦୌ ଦେଖିବାକୁ ମିଳିନାହିଁ। ତା'ଛଡ଼ା ପୂର୍ବରୁ ନିୟମିତ ଭାବେ ଇନିଂସ ଆରମ୍ଭ କରୁଥିବା ଏହି ବ୍ୟାଟ୍ସମ୍ୟାନ୍ ଅଧିକ ଚାପ ନେବା ସକାଶେ ନିଜ ବ୍ୟାଟିଂ କ୍ରମକୁ ବଦଳାଇ ତାଙ୍କ ପାଖରେ ଅଧିନାୟକ ହେବାର ଦକ୍ଷତା ରହିଥିବା ପ୍ରମାଣିତ କରିଛନ୍ତି।

ସେହିପରି ଆକର୍ଷଣୀୟ ଷ୍ଟାଇଲ୍, ପଡ଼ିଆର ଚତୁଃପାର୍ଶ୍ୱକୁ ଶଟ୍ ଖେଳିବାର ଦକ୍ଷତା ଓ ସର୍ବୋପରି ବଡ଼ ଇନିଂସ ଖେଳିବାର ମାନସିକତା ପାଇଁ ଗିଲ୍‌ଙ୍କୁ ପାକିସ୍ତାନର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ଜାହିର୍ ଅବ୍‌ବାସଙ୍କ ସହ ତୁଳନା କରାଯାଉଛି। ଜାହିର୍ ଇଂଲଣ୍ଡ ଗସ୍ତରେ ୧୯୭୧ ମସିହାରେ ଦ୍ୱିଶତକୀୟ ଇନିଂସ ଖେଳି ପାକିସ୍ତାନ କ୍ରିକେଟ୍‌ରେ ତାଙ୍କର ଜମାନାର ଶୁଭାରମ୍ଭ କରିଥିଲେ। ତାଙ୍କର ଏହି ଇନିଂସ ହିଁ ତାଙ୍କୁ ପରବର୍ତ୍ତୀ ସମୟରେ ପାକିସ୍ତାନ କ୍ରିକେଟ୍ ଇତିହାସର ଅନ୍ୟତମ ସଫଳ ଖେଳାଳି ଓ ଅଧିନାୟକର ପରିଚୟ ଦେଇଥିଲା। ତେଣୁ ଗିଲ୍‌ଙ୍କୁ ଏଜବାଷ୍ଟନ୍‌ର ଦ୍ୱିଶତକୀୟ ଇନିଂସ ଯେ ସମାନ ପ୍ରତିଷ୍ଠା ଦେବ, ଏଥିରେ କେହି ଦ୍ୱିମତ ହେବେ ନାହିଁ। ଅବଶ୍ୟ କାଲିର ଗର୍ଭରେ କ'ଣ ଅଛି, ତା' କହିବା ମୁସ୍କିଲ୍, କିନ୍ତୁ ଆଜିର ସଫଳତା ଆଧାରରେ ଗିଲ୍ ଯେ ନିଶ୍ଚିତ ଭାବେ ଭାରତୀୟ ଟେଷ୍ଟ୍ କ୍ରିକେଟର୍ ମେରୁଦଣ୍ଡ ପାଲଟିବେ, ଏହା କହିବା ବାହୁଲ୍ୟ ମାତ୍ର।

ପୂର୍ବରୁ ଗିଲ୍ ଗତ ଆଇପିଏଲ୍‌ରେ ମଧ୍ୟ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସେ ଯେ ଅଧିନାୟକ ପଦ ପାଇଁ ଫିଟ୍, ତାହା ସାବ୍ୟସ୍ତ କରିଥିଲେ। କିନ୍ତୁ ଟେଷ୍ଟ୍ କ୍ରିକେଟ୍ ଅନ୍ୟ ସମସ୍ତ ଫର୍ମାଟ୍ ତୁଳନାରେ ଅନନ୍ୟ ଓ ଏଥିରେ ଜଣେ କ୍ରିକେଟର୍‌ର ଅସଲ ଦକ୍ଷତା ପ୍ରମାଣିତ ହୋଇଥାଏ। ତେଣୁ ପୂର୍ବରୁ ଟି-୨୦ ଓ ଦିନିକିଆରେ ନିଜକୁ ପ୍ରମାଣିତ କରିସାରିଥିବା ଗିଲ୍ ଚଳିତ ସିରିଜ୍‌ରେ ନିଜକୁ ଲମ୍ବା ରେସ୍‌ର ଘୋଡ଼ା ସାବ୍ୟସ୍ତ କରିଛନ୍ତି।

ସେହିପରି ୨୬୯ ରନ୍‌ର ଇନିଂସ ଖେଳି ସେ ନିଜର ଦୃଢ଼ ମାନସିକତାକୁ ପ୍ରମାଣିତ କରିବା ସହ ପୂର୍ବରୁ ଚାପଗ୍ରସ୍ତ ହୋଇ ଅନେକ ଭାରତୀୟ ଅଧିନାୟକ ଯାହା କରିପାରିନଥିଲେ, ତା' ସେ ଏଜବାଷ୍ଟନ୍ ଗ୍ରାଉଣ୍ଡ୍‌ରେ ପ୍ରମାଣିତ କରିଛନ୍ତି। ଫଳସ୍ୱରୂପ ବିଦେଶ ମାଟିରେ ତୃତୀୟ ଭାରତୀୟ ଅଧିନାୟକ ଭାବେ ସେ ଦ୍ୱିଶତକରେ ପହଞ୍ଚିପାରିଥିଲେ। ଏହା ପୂର୍ବରୁ କେବଳ କୋହଲି ଓ ଗାଭାସ୍କର ସମାନ ସଫଳତା ପାଇପାରିଥିଲେ। ବିଦେଶ ମାଟିରେ ସାଧାରଣତଃ ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଏଜବାଷ୍ଟନ୍ ଗ୍ରାଉଣ୍ଡ୍‌ରେ ଗିଲ୍ ଯେପରି ଆରାମରେ ରନ୍ ସଂଗ୍ରହ କରି ଏକ ଲମ୍ବା ଇନିଂସ ଖେଳିଲେ, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ପାଖାପାଖି ଦଶନ୍ଧି ଧରି କେହି ଭାରତୀୟ ବ୍ୟାଟ୍ସମ୍ୟାନ୍ ବିଦେଶ ମାଟିରେ ଦ୍ୱିଶତକ କରିନଥିବା ବେଳେ ଗିଲ୍‌ଙ୍କ ପ୍ରଶଂସନୀୟ ଇନିଂସ ସହ ସେହି ଧାରା ମଧ୍ୟ ଭାଙ୍ଗିଥିଲା। ତେଣୁ ଏଜବାଷ୍ଟନ୍‌ରେ ଭାରତୀୟ ଟେଷ୍ଟ୍ କ୍ରିକେଟ୍‌ର ଏକ ନୂଆ ତାରକାର ଉଦୟ ହୋଇଛି ବୋଲି କହିପାରିବା।

# ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେ



**ପୁଷ୍ପଲତା ମିଶ୍ର**

ଅସାଧାରଣ ଅତୁଳନୀୟ ସୃଷ୍ଟି କର୍ତ୍ତା ପ୍ରଭୁ ଜଗତ ର ନାଥ ଜଗନ୍ନାଥ ମନ୍ତ୍ର, ତନ୍ତ୍ର ପୂଜା ବିଧିର ଉର୍ଦ୍ଧରେ ଥାଇ ମଧ ପ୍ରେମ ଓ ଭକ୍ତି ପାଖରେ ବନ୍ଧା ପଡ଼ି ଯାଆନ୍ତି।ପ୍ରଭୁ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ ବର୍ଷରେ ଥରେ ଏହି ଗୁଣ୍ଡିଚା ମନ୍ଦିରକୁ ଆସିବା ପାଇଁ ଏହି ଗୁଣ୍ଡିଚା ମନ୍ଦିରରେ ଯିଏ ଚର୍ତୁଦ୍ଧା ମୂର୍ତ୍ତି କୁ ଦର୍ଶନ କରନ୍ତି ସହସ୍ର ଅଶ୍‌ବମେଧ ଯଜ୍ଞର ଫଳ ଲାଭ କରନ୍ତି। ଏହା ଯଜ୍ଞବେଦୀ,ମହା ବେଦୀ ତଥା ମହାପ୍ରଭୁଙ୍କର ଜନ୍ମ ବେଦୀ। ଆଷାଢ଼ ଶୁକ୍ଳ ପକ୍ଷ ଦଶମୀ ଓ ବାହୁଡ଼ା ଦଶମୀ ଦିନ ତିନି ଠାକୁର ରଥ ରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି।ଏହି ଫେରନ୍ତା ଯାତ୍ରା କୁ ବାହୁଡ଼ା ଯାତ୍ରା କୁହାଯାଏ। ଗୁଣ୍ଡିଚା ମନ୍ଦିର ରୁ ଫେରିବା ବାଟରେ ପଡ଼େ ମା ଅର୍ଦ୍ଧାସନି ଙ୍କ ମନ୍ଦିର ବା ମାଉସୀ ମାଆଙ୍କ ମନ୍ଦିର। ମାଉସୀ ମା ପ୍ରଭୁ ଙ୍କ ର ବାଟକୁ ଅନେଇ ବସି ଥିବା ପ୍ରଭୁ ଙ୍କ ର ପ୍ରିୟ ପୋଡ଼ା ପିଠା ପ୍ରସ୍ତୁତିରେ ଲାଗି ପଡ଼ିଥିବା ମାଉସୀ ମାଆ। ବାଦାମ, କର୍ପୁର, ଖଣ୍ଡ ଲବଣୀ, ଦ୍ରାକ୍ଷା ପେସ୍ତା, ଅଳେଇଚ, ଲବଙ୍ଗ ସହିତ ତାଙ୍କ ବକ୍ଷର ଅମୃତକୁ ଭରି ଦେଇ



ଥିବା ପୋଡ଼ା ପିଠା ରେ ସେହି ଠାରେ ରଥ ଅଟକି ମାଉସୀ ମାଆ ର ପୋଡ଼ା ପିଠା ପାନ କରି ମହା ଖୁସି ରେ ରଥ ଆସି ଶ୍ରୀ ମନ୍ଦିର ସାମ୍ନା ରେ ଅଟକେ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପରମ୍ପରା ଅନୁଯାୟୀ ତିନି ଠାକୁରମାନଙ୍କ ସିଂହ ଦ୍ୱାର ସମ୍ମୁଖ ରେ ରଥ ଉପରେ ସୁନାବେଶ ଓ ଅଧର ପଣା ର ପର ଦିନ ଶ୍ରୀ ବିଗ୍ରହ ମାନେ ଗୋଟି ପହଣ୍ଡି ରେ ଶ୍ରୀ ମନ୍ଦିରକୁ ବିଜେ କରି ରତ୍ନ ସିଂହାସନ ରେ ଅଧିଷ୍ଠିତ ହୋଇ ଥାଆନ୍ତି। ଶାସ୍ତ୍ର ରେ ଲେଖା ଅଛି ଯେ ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି କିନ୍ତୁ ଏକାଦଶୀ ଦିନ ସୁନା ବେଶ, ଦ୍ୱାଦଶୀରେ ଅଧର ପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ନୀଳାଦ୍ରି ବିଜେ ପହଣ୍ଡି ପୂର୍ବରୁ ଶ୍ରୀ ମନ୍ଦିର ପ୍ରଶାସନ ଦଇତା ପତି ନିଯୋଗ ସହ ଆଲୋଚନା କରାଯାଇ ପହଣ୍ଡି କରା ଯାଇ ଥାଏ। ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁର ମାନଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତ୍ୟେକ ରଥ ରେ ଚାର ମାଳ ବନ୍ଧା ଯାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଅନ୍ୟାନ୍ୟ ନୀତି ହୋଇଥାଏ। ପୁଷ୍ପାଳକ ମହାଜନ ମାନେ ସର୍ବ ପ୍ରଥମେ ମଦନ ମୋହନ ଓ ରାମ କୃଷ୍ଣ ବିଗ୍ରହ ଙ୍କୁ ହସ୍ତ ରେ ଧରି ଦକ୍ଷିଣ ଘରକୁ ବିଜେ କରନ୍ତି।

ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର ଓ ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରା କୁ ବିଜେ କରା ଯାଇ ଥାଏ।ପହଣ୍ଡି ବିଜେ ପୂର୍ବରୁ ରତ୍ନ ସିଂହାସନ ତ୍ରି ମୁଣ୍ଡି ରେ ଚାନ୍ଦୁଆ ବନ୍ଧା ଯାଏ ଓ ଅଖଣ୍ଡ ବଇଠା ବସେ। ଠାକୁର ମାନେ ପହଣ୍ଡି ରେ ଆସିଲା ବେଳେ ମନ୍ଦିର ପରିସର ରେ ଶୁଆ ଶାରୀ ଦେଉଳ ଠାରେ ପ୍ରସାଦ ପାଇଁ ଘସା , ବିଡିଆ ମଣୋହି ଓ ବନ୍ଦାପନା ନୀତି ହୋଇଥାଏ। ଜଗମୋହନ ଠାରେ ମଧ ଏହି ନୀତି ପାଳିତ ହୁଏ। ଜଗତର ନାଥ ଶ୍ରୀ ଜଗନ୍ନାଥ ମହା ପ୍ରଭୁ ଗୋଟି ପହଣ୍ଡିରେ ଆସି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଉଭୟ ଜଗନ୍ନାଥ ମହା ପ୍ରଭୁ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହେଇଥାନ୍ତି। ଲକ୍ଷ୍ମୀଙ୍କ ତରଫରୁ ଭିତରଛୁ ବନ୍ଦାପନା ନୀତି। ବଢାଇ ଥାଆନ୍ତି। ଏହି ସମୟରେ ପରମ୍ପରାନୁଯାୟୀ ମହା ପ୍ରଭୁ ସିଂହଦ୍ୱାର ନିକଟରେ ପହଁଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହି ଥାଏ ଓ କିଛି ସମୟ ପରେ ଦ୍‌ବାର ଖୋଲା ଯାଏ। ପରେ ପରେ ଜଗନ୍ନାଥ ମହା ପ୍ରଭୁ ଜୟ ବିଜୟ ଦ୍‌ବାର ନିକଟ ରେ ବିଜେ କରିବା ସମୟରେ ଉକ୍ତ ଦ୍‌ବାର ଭିତର ପଟୁ ବନ୍ଦ କରା ଯାଇଥାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜୈନିକ ଦେବଦାସୀ ଏବଂ ମହା ପ୍ରଭୁଙ୍କ ତରଫରୁ ଜଣେ ଦଇତା ପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧରେ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଫିଟି ଥାଏ। ମହା ପ୍ରଭୁ ପହଣ୍ଡି ବିଜେ କରି ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘର ଠାରେ ପହଞ୍ଚିବା ପରେ ଗଇଁଠାଳ ( ରୁକ୍ମଣୀ ବିବାହ ସମୟ ର ) ଫିଟା ଯାଏ ଓ ବନ୍ଦାପନା,ରସଗୋଲା ଭୋଗ ଇତ୍ୟାଦି ଭିତରଛୁ ମହାପାତ୍ର ଙ୍କ ଦ୍‌ବାରା ସମ୍ପୁର୍ଣ କରା ଯାଇ ଥାଏ।ଏହା ପରେ ଘସା ବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନ ସିଂହାସନ କୁ ବିଜେ କରିଥାନ୍ତି।ଏହି ଗୋଟିଏ ଦିନ ଶ୍ରୀ ମନ୍ଦିର ଭିତରେ ଜଗନ୍ନାଥ ମହା-ପ୍ରଭୁଙ୍କ ରସଗୋଲା ଭୋଗ କରା ଯାଇ ଥାଏ।ଭିତରଛୁ ମହାପାତ୍ର ନିଜସ୍ୱ ଗୃହ ରେ ଅତ୍ୟନ୍ତ ସୁଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇ ଥାଏ। ପୂର୍ବ ରୁ ସୂଚନା ଅଛି ଯେ ମହାପ୍ରଭୁ ମା ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନ ଭଞ୍ଜନ କରିଥିଲେ। ଏହା ପରେ ରତ୍ନ ମଣ୍ଡପ ବିଜେ ହୁଅନ୍ତି ମହାପ୍ରଭୁ ଜଗତର ନାଥ ଜଗନ୍ନାଥ।

ଜୟ ଜଗନ୍ନାଥ!!

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

# ସମ୍ବିଧାନର ପ୍ରସ୍ତାବନା ସହ ଖେଳ ଖେଳାନଯାଉ



**ଗୋପାଳ ମହାପାତ୍ର**

ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେ କହିଛନ୍ତି ଯେ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଯାଇଥିବା "ସମାଜବାଦୀ" ଏବଂ "ପନ୍ଥ ନିରପେକ୍ଷ" ଶବ୍ଦର ସମୀକ୍ଷା କରାଯିବା ଉଚିତ୍। ତାଙ୍କ ମତରେ ଏ ଦୁଇଟି ଶବ୍ଦ ସମ୍ବିଧାନର ମୂଳ ପ୍ରସ୍ତାବନାରେ ନଥିଲା ଏବଂ ପରେ ✓ ଇନ୍ଦିରାଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଜାରିକରିବା ସମୟରେ ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନ କରି ଏ ଦୁଇ ଶବ୍ଦକୁ ଯୋଡିଥିଲେ। ଏ ଦୁଇ ଶବ୍ଦକୁ ସେତେବେଳେ ଯୋଡ଼ା ଯାଇଥିଲା ଯେତେବେଳେ ମୂଳ ଅଧିକାରକୁ ଛଡାଇ ନିଆଯାଇଥିଲା ଏବଂ ନ୍ୟାୟପାଳିକା ପଙ୍ଗୁ ହୋଇ ଯାଇଥିଲା ଏବଂ ସଂସଦ ଅଚଳ ହୋଇଯାଇଥିଲା। ଦତ୍ତାତ୍ରେୟ ହୋସବାଲେଙ୍କ ଏଭଳି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ ଓ କହିଛି ବିଜେପି ଆମ୍ବେଦକରଙ୍କ ସମ୍ବିଧାନ ନୁହେଁ ମନୁସ୍ମୃତି ଚାହୁଁଛି। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ପ୍ରକୃତରେ ସମ୍ବିଧାନରେ ପରିବର୍ତ୍ତନ କରାଯିବା ପାଇଁ ଉଦ୍ୟମ ହେଉଛି? ହୋସବାଲେ ଯାହା କହିଲେ ତାହା ଚର୍ଚ୍ଚାର ବିକାଶ ନିଶ୍ଚୟ ଏବଂ ଏଭଳି ମନ୍ତବ୍ୟ ଦେବାର ଉଦେଶ୍ୟ ହେଉଛି ଲୋକେ ଏହା ଉପରେ କ'ଣ ସବୁ ମନ୍ତବ୍ୟ ଦେଉଛନ୍ତି। ବିଜେପିର ବରିଷ୍ଠ ନେତାମାନେ ହୋସବାଲେଙ୍କ ମନ୍ତବ୍ୟ ଏବଂ କଂଗ୍ରେସର ପ୍ରତିକ୍ରିୟା କୁ ନେଇ ଚୁପ୍ କିନ୍ତୁ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ବିଜେପି ସମ୍ବିଧାନର ପ୍ରସ୍ଥାବନାରୁ 'ସିକୁଲାର' ଏବଂ 'ସୋସାଲିଷ୍ଟ' ଶବ୍ଦକୁ ହଟାଇଦେବା ପାଇଁ ଚାହୁଁଛି। ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ସମ୍ବିଧାନରୁ ଏ ଦୁଇ ଶବ୍ଦକୁ ହଟାଇବା ପାଇଁ ବିଚାର କରାଯିବା ଉଚିତ୍। କିନ୍ତୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏ ପ୍ରସଙ୍ଗରେ ଯାହା କହିଛନ୍ତି ତାହା ଚିନ୍ତାର ବିଷୟ। ମହାମହିମ ଉପରାଷ୍ଟ୍ରପତି କହିଛନ୍ତି ଯେ "ସମ୍ବିଧାନର ପ୍ରସ୍ତାବନା ଅତ୍ୟନ୍ତ ପବିତ୍ର ଅଟେ। କିନ୍ତୁ ଏଥିରେ ଧର୍ମ ନିରପେକ୍ଷ ଏବଂ ସମାଜବାଦ ଶବ୍ଦକୁ ଯୋଡ଼ାଯାଇଛି ... ଏଭଳି ପରିବର୍ତ୍ତନ ଯାହା ଅସ୍ତିତ୍ୱଗତ ସଙ୍କଟ ସୃଷ୍ଟି କରୁଛି। ଏହି ଦୁଇ ଶବ୍ଦ ସ୍ୱୀକାର୍ଯ୍ୟ ନୁହେଁ। ଏ ଦୁଇଶବ୍ଦ ସନାତନର ଆତ୍ମାକୁ ଅପବିତ୍ର ତଥା ଅନାଦର କରୁଛି।" ଉପରାଷ୍ଟ୍ରପତିଙ୍କର ନିଜସ୍ୱ ବିଚାର ପ୍ରକଟ କରିବାର ଅଧିକାର ରହିଛି କିନ୍ତୁ ଏ ଦୁଇ ଶବ୍ଦ ଅସ୍ୱୀକାର୍ଯ୍ୟ କେମିତି? କ'ଣ ଦେଶର ଉପରାଷ୍ଟ୍ରପତି ଭାବୁଛନ୍ତି ପ୍ରକୃତିରେ ଧର୍ମ ନିରପେକ୍ଷ ଏବଂ ସମାଜବାଦ ଶବ୍ଦ ଗ୍ରହଣୀୟ ନୁହେଁ? ୫୦ ବର୍ଷ ହେବ ଏ ଦୁଇ ଶବ୍ଦ ଯୋଗୁଁ କିଛି ତ ଅସୁବିଧା ହେଉ ନଥିଲା, ଏବେ କାହିଁକି ଅସୁବିଧା ହେଉଛି? ଏ ଦୁଇ ଶବ୍ଦକୁ ସମ୍ବିଧାନରୁ ହଟାଇ ଦିଆଗଲେ ଦେଶର ସବୁ ସମସ୍ୟା କ'ଣ ଦୂର ହୋଇଯିବ?

ଇନ୍ଦିରା ଗାନ୍ଧୀ ଯେଉଁ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ ତାହା ଏକ ମସ୍ତବଡ଼ ଭୁଲ ଥିଲା। ଅଭିବ୍ୟକ୍ତିର ସ୍ୱାଧିନତା, ଗଣମାଧ୍ୟମର ସ୍ୱାଧିନତା ସବୁକୁ ସେ ସମୟରେ ଛଡାଇ ନିଆଯାଇଥିଲା। ଲକ୍ଷେରୁ ଅଧିକ ଲୋକଙ୍କୁ ଜେଲରେ ପୁରାଇ ଦିଆଯାଇଥିଲା। ମଜାଦାର କଥା ହେଉଛି ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନକୁ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାମାନେ ସମର୍ଥନ କରୁଥିବା ବେଳେ ତତ୍‌କାଳୀନ ସଂଘ ପ୍ରମୁଖ ବାଲା ସାହେବ ଦେଓରସ ଜେଲରୁ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶଂସା କରି ପତ୍ର ଲେଖିଥିଲେ। ପରେ ସେବିନୋବା ଭାବେଙ୍କୁ ପତ୍ର ଲେଖି କହିଥିଲେ "ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀଙ୍କ ମନରେ ସଂଘ ପ୍ରତିଯେଉଁ ଧାରଣା ରହିଛି ତାକୁ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରନ୍ତୁ ଫଳରେ ସଂଘ ଉପରୁ ପ୍ରତିବନ୍ଧ ହଟିପାରିବ ଏବଂ ସଂଘର କାର୍ଯ୍ୟକର୍ତ୍ତା ମାନେ ଜେଲରୁ ମୁକୁଳି ପାରିବେ ......... ଏବଂ ପ୍ରଧାନମନ୍ତ୍ରୀଙ୍କ ଅଧିନ ........... ପ୍ରଗତିରେ ସହାୟକ ହୋଇ ପାରିବେ।" ଏଥିରୁ ସ୍ପଷ୍ଟ ଯେ ତତ୍‌କାଳୀନ ସଂଘ ପ୍ରମୁଖ ଜରୁରୀକାଳୀନ ପରିସ୍ଥିତି ବେଳେ ଇନ୍ଦିରାଗାନ୍ଧୀଙ୍କ ନେତୃତ୍ୱକୁ ସ୍ୱୀକାର କରିବା ପାଇଁ ରାଜିଥିଲେ। ସେମାନଙ୍କର "ଧର୍ମ ନିରପେକ୍ଷ" ଏବଂ "ସମାଜବାଦ" ଶବ୍ଦକୁ ନେଇ କୌଣସି ସମସ୍ୟା ନଥିଲା। ନୀରଜା ଚୌଧୁରୀ ନାମକ ଜଣେ ସାମ୍ବାଦିକ ତାଙ୍କ ଲିଖିତ ପୁସ୍ତକ



"ହାଓ ପ୍ରାଇମ୍ ମିନିଷ୍ଟରସ ଡିସାଇଡ଼"ରେ ଏ ବାବଦରେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି। ଅଭିଷେକ ଚୌଧୁରୀ ମଧ ତାଙ୍କ ଲିଖିତ ପୁସ୍ତକ "ବାଜପେୟୀ ଦି ଆସେଣ୍ଟ ଅଫ ଦି ହିନ୍ଦୁ ରାଇଟ"ରେ ଏ ପ୍ରସଙ୍ଗରେ ଲେଖିଛନ୍ତି। ଅଭିଷେକ ଚୌଧୁରୀ ଲେଖିଛନ୍ତି ଯେ "ଦେଓରସ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପୁଣେର ୟରବଦା ଜେଲରୁ ଦୁଇ ଦୁଇ ଥର ପତ୍ର ଲେଖିଥିଲେ ...............ଯେଉଁଥିରେ ସଂଘ ଉପରୁ ପ୍ରତିବନ୍ଧ ହଟାଇ ଦିଆଯିବା ପାଇଁ ବିନତି କରାଯାଇଥିଲା।"

ଇନ୍ଦିରା ଗାନ୍ଧୀ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ କାହିଁକି? ୧୯୭୧ରେ ସେ ପାକିସ୍ଥାନକୁ ଦୁଇ ଫାଳ କରି ବଙ୍ଗଳାଦେଶର ଗଠନ କରାଇଥିଲେ। ତାଙ୍କର ଲୋକପ୍ରିୟତା ମଧ ଥିଲା। କିନ୍ତୁ ସଙ୍କଟ ପରେ ସଙ୍କଟ ଆସିଥିଲା। ଯୁଦ୍ଧର ଖର୍ଚ୍ଚ, ମରୁଡ଼ି ପରିସ୍ଥିତି ଏବଂ ତୈଳ ସଙ୍କଟ ପାଇଁ ଲୋକେ ଅସନ୍ତୁଷ୍ଟ ହୋଇଯାଇଥିଲେ। ପୁର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜୁରାଲ ସେତେବେଳେ ସୂଚନା ପ୍ରସାରଣ ମନ୍ତ୍ରୀ ଥିଲେ କିନ୍ତୁ ସଞ୍ଜୟ ଗାନ୍ଧୀଙ୍କୁ ପରାମର୍ଶ ଅନୁସାରେ ତାଙ୍କୁ ହଟାଇ ଦିଆଯାଇଥିଲା। ଗୁଜୁରାଲ ସେତେବେଳେ କହିଥିଲେ ଯେ ଲୋକଙ୍କ ଅସନ୍ତୋଷକୁ ଇନ୍ଦିରା କେମିତି ସାମନା କରିବେ ତାହା ତାଙ୍କୁ ଜଣାନାହିଁ। ଇନ୍ଦିରା ଗାନ୍ଧୀଙ୍କ ଦୁର୍ଭାଗ୍ୟ ଯେ ସେ ସମୟରେ ଇଲାହାବାଦ ହାଇକୋର୍ଟର ବିଚାରପତି ଜଗମୋହନ ସିହ୍ନା ନିର୍ବାଚନରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ରାୟବରେଲିର ନିର୍ବାଚନକୁ ରଦ୍ଦ କରି ଦେଇଥିଲେ। ୧୯୭୫ ମସିହା ଜୁନ ୧୨ ତରିଖରେ ଇଲାହାବାଦ ହାଇକୋର୍ଟ ରାୟ ଦେବାର ୧୩ ଦିନ ପରେ ଜୁନ ୨୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପରେ ଅଚାନକ ଜରୁରୀ ପରିସ୍ଥିତି ହଟାଯାଇ ନିର୍ବାଚନ ଘୋଷଣା କରାଯାଇଥିଲା। ନିର୍ବ୍ବାଚନ ଘୋଷଣା କରିବାର କାରଣ ହେଉଛି ଲୋକସଭାର ଅବଧି ୧୫ ମାସ ବାକି ଥିଲା। ସଞ୍ଜୟଗାନ୍ଧୀ ନିର୍ବାଚନକୁ ବିରୋଧ କରୁଥିଲେ ମଧ ଇନ୍ଦିରା ନିର୍ବାଚନ କରାଇଥିଲେ। ଐତିହାସିକ ଜ୍ଞାନ ପ୍ରକାଶ ଲେଖିଛନ୍ତି ଯେ "ଇନ୍ଦିରା ନିଜ ଶାସନର ବୈଧତା ଚାହୁଁଥିଲେ ଏବଂ ତାଙ୍କ ମତ ଥିଲା ଯେ ନିର୍ବାଚନ ତାଙ୍କ ଶାସନକୁ ବୈଧତା ଦେଇପାରିବ। କିନ୍ତୁ ନିର୍ବାଚନରେ କଂଗ୍ରେସ ହାରି ଯାଇଥିଲା। ଦେଶରେ ଅଣ କଂଗ୍ରେସ ସରକାର ଗଠନ ହେଲା। କିନ୍ତୁ ଜନତା ପାର୍ଟିର ନେତା ମାନେ ଅଧିକ ଦିନ ଶାସନରେ ରହି ପାରିଲେ ନାହିଁ। ପୁଣି ନିର୍ବାଚନ ହେଲା ଓ ଜରୁରୀ ପରିସ୍ଥିତି ଜାରି ହେବାର ୩ବର୍ଷ ପରେ ୧୯୮୦ରେ ପୁଣି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ।

ସ୍ୱୟଂସେବକ ସଂଘର ସମ୍ବିଧାନ ସହ ସମ୍ପର୍କ ମଧ ଉଲ୍ଲେଖନୀୟ। ଦେଶସ୍ୱାଧିନ ହେବା ପରେ ଯେଉଁ ସମୟରେ ସମ୍ବିଧାନକୁ ସ୍ୱୀକାର କରାଗଲା ସେତେବେଳେ ସଂଘ ମୁଖ୍ୟ ଗୋଲବାଲେକର ସମ୍ବିଧାନକୁ ମାନିବାକୁ ରାଜି ହୋଇନଥିଲେ। ସେ ହିନ୍ଦୁରାଷ୍ଟ୍ର ଚାହୁଁଥିଲେ। କିନ୍ତୁ ପରେ ସଂଘ ଏହାକୁ ଗ୍ରହଣ କରିଥିଲା। ଏକଥା ସତ୍ୟ ଯେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଥିବା ବେଳେ ସମ୍ବିଧାନ ସଂଶୋଧନ କରାଯାଇ ଏ ଦୁଇ ଶବ୍ଦକୁ ଯୋଡ଼ା ଯାଇଥିଲା। କିନ୍ତୁ ଦେଶର ଜନତା ଏହାକୁ ସ୍ୱୀକାର କରିଛନ୍ତି। ଜନତାପାର୍ଟି ସରକାର ମଧ ୪୨ତମ ସଂଶୋଧନରୁ କେତେକ ଶବ୍ଦକୁ ହଟାଇ ଦେଇଛନ୍ତି କିନ୍ତୁ ଏ ଦୁଇ ଶବ୍ଦକୁ ହଟାଇ ନଥିଲେ। ଗତ ବର୍ଷ ସୁପ୍ରିମକୋର୍ଟ ମଧ କହିଛନ୍ତି ଯେ ସମାଜବାଦ ଏବଂ ଧର୍ମନିରପେକ୍ଷ ଶବ୍ଦକୁ ସାଧାରଣ ସ୍ୱୀକୃତି ମିଳିଛି ଏବଂ "ଆମେ ଭାରତର ଲୋକେ" ସ୍ପଷ୍ଟଭାବେ ଏହାର ଅର୍ଥ ବୁଝିଛନ୍ତି। ଏହା ବୈଧ ଅଟେ। ୧୯୭୩ ରେ କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ "ସିକୁଲାରିଜିମ୍ ସମ୍ବିଧାନର ବୁନିଆଦି ସଂରଚନାର ଅଂଶ ଅଟେ"। ସମାଜବାଦ ଯାହା ସମସ୍ତେ ସମାନ କଥା କହେ ସେଇ ଶବ୍ଦକୁ ନେଇ ଆପତ୍ତି କାହିଁକି? ଯେଉଁଠି ଏତେ ଗରୀବ ଅଛନ୍ତି ସେଠି କୋଉ 'ବାଦ' ଚାଲିବ? ସରକାର ଯେକୌଣସି ଆର୍ଥୀକ ନୀତି ପ୍ରଣୟନ କଲେ ମଧ ପ୍ରସ୍ତାବନା ଏଥିରେ ବାଧା ସୃଷ୍ଟିକରେ ନାହିଁ। ଦେଶର ୧ପ୍ରତିଶତ ଲୋକଙ୍କ ପାଖରେ ଦେଶର ୫୦ ପ୍ରତିଶତ ସମ୍ପତ୍ତି ରହିଛି ଓ ଦେଶରେ ଅସମାନତା ବଢ଼ିଛି। ସରକାରଙ୍କୁ ସନ୍ତୁଳନ କରିବା ପାଇଁ ରୋକୁଛନ୍ତି କିଏ? ଧର୍ମ ମାମଲାରେ ସରାକର ନିରପେକ୍ଷ। ଆମ ସଂସ୍କୃତି ଉଦାର ଏବଂ ସହିଷ୍ଣୁ। ଦେଶରେ ୮୨ ପ୍ରତିଶତ ହିନ୍ଦୁ କିନ୍ତୁ ବିଜେପିକୁ ୩୮ ପ୍ରତିଶତରୁ ଅଧିକ ହିନ୍ଦୁ ଭୋଟ ମିଳୁନାହିଁ। ଏଥର ୩୭ ପ୍ରତିଶତ ମିଳିଛି। ଏହାର ଅର୍ଥ ହେଉଛି ଜରୁରୀ କାଳୀନ ପରିସ୍ଥିତିକୁ ଗ୍ରହଣ କରାଯିବ ନାହିଁ କିମ୍ବା ଭୁଲି ହେବନାହିଁ କିନ୍ତୁ ସମ୍ବିଧାନର ପ୍ରସ୍ତାବନା ସହ ଖେଳ ଖେଳି ହେବ ନାହିଁ। ଗଣତନ୍ତ୍ରରେ ଲୋକେ ହିଁ ମାଲିକ, ନେତା ନୁହଁନ୍ତି କି କୌଣସି ଦଳ ନୁହେଁ କିମ୍ବା କୌଣସି ସଂଗଠନ ନୁହେଁ।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୫୦୯୪**

# ରଥଯାତ୍ରାର ପବିତ୍ର ଓ ମୋକ୍ଷ ପର୍ବ-ସୁନାବେଶ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟର ଠିକ୍ ପୂର୍ବରୁ ଅର୍ଥାତ୍ ବାହୁଡ଼ା ପରଦିନ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରରେ ଦଣ୍ଡାୟମାନ ଥିବା ତିନି ରଥ ଉପରେ ଆକର୍ଷଣୀୟ ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କର ବର୍ଷକ ଭିତରେ ବିଭିନ୍ନ ବେଶ ହୋଇଥାଏ। ତନ୍ମଧ୍ୟରୁ ସୁନାବେଶ ଅତ୍ୟନ୍ତ ଦୁର୍ଲଭ ଓ ଆକର୍ଷଣୀୟ ହୋଇଥାଏ ଯହିଁରେ ଦିଅଙ୍କୁ ସୁବର୍ଣ୍ଣ ଆଭୂଷଣରେ ସାଜ କରାଯାଏ। ଏହି ସୁନା ବେଶକୁ ରାଜାବେଶ, ବଡ଼ତଢାଉ ବେଶ ମଧ୍ଯ କୁହଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ପାଞ୍ଚ ଥର ସୁନାବେଶ ହୋଇଥାଏ। ଏହା ସାଧାରଣତଃ ପୌଷ ପୂର୍ଣ୍ଣିମା ପୁଷ୍ୟାଭିଷେକ, ଫାଲଗୁନ ପୂର୍ଣ୍ଣିମା ଅର୍ଥାତ୍ ଦୋଳ ପୂର୍ଣ୍ଣିମା, ହରିଶୟନ ଏକାଦଶୀ ବା ବାହୁଡ଼ା ଏକାଦଶୀ, କାର୍ତ୍ତିକ ପୂର୍ଣ୍ଣିମା ବା ରାଜରାଜେଶ୍ୱର ବେଶ ଓ ବିଜୟାଦଶମୀ ଅର୍ଥାତ୍ ଦଶହରା ଦିନ ଅନୁଷ୍ଠିତ ହୋଇଥାଏ। ଏଥିମଧ୍ୟରୁ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀଜୀଉମାନେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି ଓ କେବଳ ଥରେ ମାତ୍ର ସମସ୍ତ ବର୍ଗର ଜନତାଙ୍କ ପାଇଁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥଯାତ୍ରାରେ ମାଉସିମା ଘରେ ନଅ ଦିନ ଧରି ଶରଧାବାଲିରୁ ବାହୁଡାରେ ଫେରି ସିଂହଦ୍ୱାରଠାରେ ଦଣ୍ଡାୟମାନ ତିନିରଥ ଉପରେ ସୁନାବେଶରେ ସଜ୍ଜିତ ହୋଇଥାନ୍ତି। ବର୍ଷସାରା କରାଯାଉଥିବା ସୁନାବେଶ ମଧ୍ୟରୁ ରଥ ଉପରେ କରାଯାଉଥିବା ସୁନାବେଶ ସବୁଠୁ ବଡ଼ ଏବଂ ବ୍ୟାପକ ହୋଇଥାଏ ଯାହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଅନାଇ ରହିଥାନ୍ତି। ଶ୍ରୀଜୀଉମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅର୍ଥାତ୍ ପ୍ରାୟ ଦୁଇ ଘଣ୍ଟା ସମୟ ଧରି ତିନିରଥ ଉପରେ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଶ୍ରୀଜୀଉମାନେ ସୁନାବେଶରେ ପ୍ରାୟ ଛଅ ଘଣ୍ଟା ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଭିତିରଛ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ତଳିଛ ମହାପାତ୍ର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ରେ ଓ ପୁଷ୍ପାଳକ ସେବାୟତ ଦେବୀ ସୁଭଦ୍ରାଙ୍କ ବାଡ଼ରେ ଯଥାକ୍ରମେ ନନ୍ଦିଘୋଷ,



ତାଳଧ୍ୱଜ ଓ ଦର୍ପଦଳନ ରଥରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶରେ ସଜ୍ଜିତ କରିବାର ପରମ୍ପରା ରହିଛି। ମହାପ୍ରଭୁ ହେଉଛନ୍ତି ନିରାକାର, ନିରଞ୍ଜନ ତଥା ପରବ୍ରହ୍ମ। ମହାପ୍ରଭୁଙ୍କର ହସ୍ତ ନାହିଁ, ପାଦ ନାହିଁ ଓ ଆଙ୍ଗୁଳି ନାହିଁ। ସେଥିପାଇଁ ତାଙ୍କ ପାଇଁ ସୁନାର ହାତ ଲଗାଯାଏ ଓ ସୁନାର ପୟର ଲଗାଯାଏ। ମାଆ ସୁଭଦ୍ରାଙ୍କର କାନ ନାହିଁ ବୋଲି ସେଥିପାଇଁ ମାଆଙ୍କର ସୁନାର କାନ ଲଗାଯାଏ ଆଉ ସୁନ୍ଦର ଭାବରେ ସଜ୍ଜିତ କରିବା ପାଇଁ ଅନାନ୍ୟ ଅଳଙ୍କାର ଶ୍ରୀଜୀଉଙ୍କ ଅଙ୍ଗରେ ପିନ୍ଧାଇ ଦିଆଯାଏ। ଏହି ସୁନା ବେଶ ଦେଖିବା ପରେ ଭକ୍ତ ମାନଙ୍କ ମନରେ ପ୍ରଶ୍ନ ଉଠେ ଯେ ମହାପ୍ରଭୁଙ୍କର ଏହି ବେଶ କାହିଁକି ହୁଏ, ଏତେ ସୁନା କେଉଁଠୁ ଆସିଲା ଏଭଳି ଅନେକ ପ୍ରଶ୍ନ ଭକ୍ତ ମାନଙ୍କ ମନରେ ଉଙ୍କି ମାରେ।

କିମ୍ବଦନ୍ତୀରୁ ଜଣାଯାଏ ଯେ ସୁନାବେଶ ରାଜା କପିଳେନ୍ଦ୍ର ଦେବଙ୍କ ସମୟରୁ ଆରମ୍ଭ ହୋଇଥିଲା। କପିଳେନ୍ଦ୍ର ଦେବ କୃଷ୍ଣାନଦୀ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ। ବହୁ ରାଜାଙ୍କୁ ପରାସ୍ତ କରି ସେମାନଙ୍କର କିରିଟୀ, ମୁକୁଟ, ସିଂହାସନ ଏବଂ ସୁନା ୧୬ ଟି ହାତୀ ପିଠିରେ ବୋଝେଇ ଦକ୍ଷୀଣରୁ ଆଣିଥିଲେ। ସେହି ସୁନାକୁ ନିଜ କାର୍ଯ୍ୟରେ ନ ଲଗାଇ ମହାପ୍ରଭୁଙ୍କ କାର୍ଯ୍ୟରେ ଲଗାଇଥିଲେ। ସେହି ସୁନାରେ ପ୍ରଭୁଙ୍କର ସୁନା ଅଳଙ୍କାର ତିଆରି ହୋଇଛି ବୋଲି କୁହଯାଏ। ତେବେ କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ଏକାଦଶୀ ତିଥିରେ ସୁନାବେଶ କରାଇଥିଲେ। ତେବେ ବଡ଼ତଢାଉ ବେଶ ମତରେ ରାଜା କପିଳେନ୍ଦ୍ର ଦେବ ୧୪୬୦ ରେ ଆଣି ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି। ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଢାଉ ରାଜା କପିଳେନ୍ଦ୍ର ଦେବଙ୍କୁ ବିନତି କରିଥିଲେ। ଦକ୍ଷିଣାଭିମୁଖୀ ଯାତ୍ରାରେ ତଥା ବାହୁଡ଼ାରେ ଫେରି ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ। ବହୁବର୍ଷ ଧରି ପୂର୍ବରୁ ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି ହେଉଥିଲା। ଏବେ ଏଥିରେ କିଛି ପରିବର୍ତ୍ତନ ହେଇଛି। ରତ୍ନ ଭଣ୍ଡାର ଘର ଭିତରୁ ପାଳିଆ ମେକାପ ଖୁଣ୍ଟିଆ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସୁନାବେଶ ସାମଗ୍ରୀ ଗଣା ହୋଇ ରଥ ପାଖକୁ ଆସିଥାଏ। ତିନି ରଥରେ ରଥାରୂଢ଼ ଦାରୁଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରମୁଖ ସେବାୟତ ଶ୍ରୀଜୀଉମାନଙ୍କୁ ସୁନାବେଶ ଆଭୁଷଣ ଲାଗି କରିଥାନ୍ତି।

ଶ୍ରୀଜୀଉମାନଙ୍କ ପ୍ରତ୍ୟେକ ଅଳଙ୍କାରର ନାମ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଅଳଙ୍କାର ନାମ ହେଲା - କିରିଟ, ଶ୍ରୀପୟର, ଶ୍ରୀଭୁଜ, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ଓଢିଆଣୀ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଟି, ତ୍ରିଖଣ୍ଡିକା, କମରପଟି। ଶ୍ରୀବଳଭଦ୍ର ଙ୍କ ଅଳଙ୍କାର ନାମ ହେଲା - କିରିଟ, ଶ୍ରୀପୟର, ଶ୍ରୀଭୁଜ, ହଳ ଓ ମୂଷଳ, ଓଢିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡ଼ା ମାଳି, ବାଘନଖ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଟି, ତ୍ରିଖଣ୍ଡିକା, କମରପଟି। ଦେବୀ ସୁଭଦ୍ରା ଙ୍କ ଅଳଙ୍କାର ନାମ ହେଲା - କିରୀଟ, ଓଢ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ସେବତୀ ମାଳି, ତଗଡ଼ି। ପୃଥିବୀରେ ମହାପ୍ରଭୁଙ୍କ ବେଶ ଭଳି ବେଶ କେଉଁଠି ନାହିଁ। ଏତେ ବଡ଼ ବଡ଼ ଅଳଙ୍କାର ମହାପ୍ରଭୁଙ୍କ ଛଡ଼ା ଆଉ କେହି ପିନ୍ଧି ପାରିବେ ନାହିଁ। ମହଣ ମହଣ ଓଜନର ଅଳଙ୍କାର ପିନ୍ଧିବାର ଶକ୍ତି କେବଳ ବିଶ୍‌ବ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ବଡ଼ଭାଇ ବଳଭଦ୍ର ଓ ମାଆ ସୁଭଦ୍ରାଙ୍କର ହିଁ ଅଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଅର୍ଦ୍ଧନାରୀଶ୍ୱର ବୋଲି କେତେକ ଗବେଷକ ତଥା ଭକ୍ତ କହିଥାନ୍ତି। ସେଥିପାଇଁ ଜଗନ୍ନାଥଙ୍କୁ ପୁରୁଷ ଅଳଙ୍କାର ଦିଆଯାଉଛି ଏବଂ ନାରୀର ଅଳଙ୍କାର ମଧ ଦିଆଯାଉଛି ବୋଲି ଗବେଷକ କହିଥାନ୍ତି।

**ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍: ୮୨୪୯୫୦୨୭୭୬**

# ହିମାଚଳରେ ଜଳ ପ୍ରଳୟ, ଗଲାଣି ୭୦ ଜୀବନ



**ସିମ୍ଲା,୪।୭:** ସାରା ଦେଶର ବିଭିନ୍ନ ସ୍ଥାନରେ ଜାରି ରହିଛି ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଓ ବନ୍ୟା । ଏଭଳି ପ୍ରାକୃତିକ ବିପର୍ଯ୍ୟୟରେ ବିଶେଷ କରି ହିମାଚଳ ପ୍ରଭାବିତ ହୋଇଛି । ଏଠାରେ ପ୍ରକୃତିର ତାଣ୍ଡବରେ ଏବେ ସୁଦ୍ଧା ୭୦ ଜଣଙ୍କ ମୃତ୍ୟୁ ହେବା ସହ ୪୦୦ କୋଟିରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ପ୍ରବଳ ବର୍ଷା, ବନ୍ୟା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଅନୁଯାୟୀ, ଏପର୍ଯ୍ୟନ୍ତ ୭୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ହିମାଚଳ ପ୍ରଦେଶ ମଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଏଠାରେ ଅନେକ ସ୍ଥାନରେ ଲଗାଣ ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ଓ ଜଳ ଯୋଗାଣ ସେବା ବି ବାଧାପ୍ରାପ୍ତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଜୁଲାଇ ୭ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି । ସିମ୍ଲା, ସୋଲାନ, ସିରମୌର, ଉନା, ବିଲାସପୁର, ହମିରପୁର, କାଙ୍ଗଡ଼ା ଓ ଚମ୍ବା ଜିଲ୍ଲାରେ ୫ ଓ ୬ ତାରିଖରେ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ବନ୍ୟା ଓ ଭୂସ୍ଖଳନର ଆଶଙ୍କା ରହିଛି । ରାଜ୍ୟରେ ୨୫୦ରୁ ଅଧିକ ରାସ୍ତା ବନ୍ଦ ହୋଇଥିବା ବେଳେ ୫୦୦ରୁ ଅଧିକ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ୭୦୦ରୁ ଅଧିକ ଜଳ ଯୋଗାଣ ଯୋଜନା କ୍ଷତିଗ୍ରସ୍ତ ହୋଇଛି ।
ରାଜ୍ୟ ସରକାର ଓ କେନ୍ଦ୍ରୀୟ ସଂସ୍ଥାମାନେ ମିଳିତ ଭାବେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ଭାରତୀୟ ବାୟୁସେନା ଦ୍ୱାରା ରିଲିଫ୍ କ୍ୟାମ୍ପ୍ ସ୍ଥାପନ ଓ ଖାଦ୍ୟ ପ୍ୟାକେଟ୍ ବିମାନ ମାଧ୍ୟମରେ ପଠାଯାଉଛି । ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଚିବ କହିଛନ୍ତି, ଏହି ବିପର୍ଯ୍ୟୟ ଜଳବାୟୁ ପରିବର୍ତ୍ତନ ଓ ଗ୍ଲୋବାଲ ୱାର୍ମିଂର ପରିଣାମ ।

● ଏୟାର ଇଣ୍ଡିଆର କ୍ଷତିପୂରଣ ରାଶି କେଁ

## ସାଙ୍ଘାତିକ ଅଭିଯୋଗ ଆଣିଲେ ମୃତକଙ୍କ ପରିବାର




**ନୂଆଦିଲ୍ଲୀ,୪।୭:** ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପରିବାର ଏବେ ଏୟାରଇଣ୍ଡିଆ ଏୟାରଲାଇନ୍ସ ଉପରେ ବଡ଼ ଅଭିଯୋଗ ଆଣିଛନ୍ତି । ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି କି କ୍ଷତିପୂରଣ ଦେବାକୁ ଏୟାରଲାଇନ୍ସ ପକ୍ଷରୁ ସଠିକ ଭାବେ କାର୍ଯ୍ୟ କରାଯାଉନି । କ୍ଷତିପୂରଣ ରାଶି ଦେବାକୁ ଏୟାରଇଣ୍ଡିଆ ପକ୍ଷରୁ ଏଭଳି କିଛି ପ୍ରଶ୍ନର ଉତ୍ତର ଦେବାକୁ କୁହାଯାଉଛି ଯାହା ଆଦୌ ଗ୍ରହଣୀୟ ନୁହେଁ । ବ୍ୟକ୍ତିଗତ ଓ ଆର୍ଥିକ ତଥ୍ୟ ରଖିବାକୁ ବାଧ୍ୟ କରାଯାଉଛି । ଏୟାରଲାଇନ୍ସ ମୁତାବକ ଯଦି ଫର୍ମରେ ତଥ୍ୟ ପୂରଣ କରାନଯାଏ ତେବେ କ୍ଷତିପୂରଣ ନଦେବାକୁ ଧମକ ମଧ୍ୟ ଦିଆଯାଉଛି। କେବଳ ସେତିକି ନୁହେଁ ଏଭଳି କିଛି ଦସ୍ତାବିଜ ଉପରେ ହସ୍ତାକ୍ଷର କରିବାକୁ କୁହାଯାଇଛି ଯେଉଁଥିରେ କିଛି ସତ୍ୟତା ନାହିଁ। ତେବେ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛି ଏୟାରଇଣ୍ଡିଆ ଏୟାରଲାଇନ୍ସ। ଯେଉଁ ଅଭିଯୋଗ ଆସିଛି ସେଥିରେ କୌଣସି ସତ୍ୟତା ନାହିଁ। ମୃତକଙ୍କ ପରିବାରକୁ ଘୋଷଣା ମୁତାବକ କ୍ଷତିପୂରଣ ରାଶି ଯଥାଶୀଘ୍ର ଦେବାକୁ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି । ଗତ ଜୁନ ୧୨ ତାରିଖରେ ଅହମ୍ମଦାବାଦ ଏୟାରପୋର୍ଟରୁ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିଥିଲା ଏୟାର ଇଣ୍ଡିଆର ବିମାନ । ତେବେ ଉଡ଼ାଣ ଭରିବାର କିଛି ସମୟ ପରେ ହିଁ ସ୍ଥାନୀୟ ଏକ ମେଡିକାଲ୍ କଲେଜ ହଷ୍ଟେଲ୍ ଛାତ ଉପରେ ଖସି ପଡ଼ିଥିଲା ବିମାନ। ଫଳରେ କ୍ରୁ ମେମ୍ବରଙ୍କ ସହ ମୋଟ ୨୪୧ ଜଣଙ୍କ ମୃତ୍ୟୁ ହୋଇଛି । କେବଳ ଜଣଙ୍କ ଜୀବନ କୌଣସି ମତେ ଏହି ଦୁର୍ଘଟଣାରେ ବଞ୍ଚି ଯାଇଥିଲା। ସାରା ବିଶ୍ୱକୁ ଏହି ଦୁର୍ଘଟଣା ସ୍ତବ୍ଧ କରିଦେଇଥିଲା । ଏହାପରେ ଏୟାର ଇଣ୍ଡିଆ ପକ୍ଷରୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଘୋଷଣା କରିଥିଲା । ଏବେ ଏହି କ୍ଷତିପୂରଣ ରାଶି ଦେବାକୁ ନେଇ ସଙ୍ଗିନ ଅଭିଯୋଗ ଆଣିଛନ୍ତି ମୃତକଙ୍କ ପରିବାର ।

## ସାନିଟାରୀ ପ୍ୟାଡ ରାଜନୀତି

**ନୂଆଦିଲ୍ଲୀ,୪।୭:** ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ, ଏଥର କଂଗ୍ରେସର ପ୍ରଚାରର ତରିକା ମଧ୍ୟ ଭିନ୍ନ ଦେଖାଯାଉଛି। ମାସିକ ଋତୁସ୍ରାବ ସମୟରେ ମହିଳାମାନଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରିବା ମଧ୍ୟ କଂଗ୍ରେସର ନିର୍ବାଚନ ଏଜେଣ୍ଡାର ଏକ ଅଂଶ ପାଲଟିଛି । ତେଣୁ, ଏଥର କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ୟାଡମ୍ୟାନ ଭୂମିକାରେ ନଜର ଆସିବେ । କଂଗ୍ରେସ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି ଯେଉଁଥିରେ ରାଜ୍ୟର ପ୍ରାୟ ୫ ଲକ୍ଷ ମହିଳାଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯିବ। ସାନିଟାରୀ ପ୍ୟାଡ୍ ଥିବା ପ୍ୟାକେଟରେ ରହିଛି ରାହୁଲ ଗାନ୍ଧୀଙ୍କ ଫଟୋ । ଯାହାକୁ ବିରୋଧ କରିଛି ବିଜେପି। ସାନିଟାରୀ ପ୍ୟାକେଟରେ ପୁରୁଷଙ୍କ ଫଟୋ ରଖିବା ମହିଳାଙ୍କ ପ୍ରତି ଅପମାନ ବୋଲି କହିଛି ଦଳ ।

**ପ୍ୟାକେଟରେ ରାହୁଲ ଗାନ୍ଧୀଙ୍କ ଫଟୋକୁ ନେଇ ବିବାଦ**




## ତାଲିବାନୀ ଶାସନକୁ ଋଷିଆର ସମର୍ଥନ ! ଚିନ୍ତାରେ ପଡ଼ିଲା ପାକିସ୍ତାନ



**ମସ୍କୋ,୪।୭:** ଆଫଗାନିସ୍ତାନରେ ତାଲିବାନ ଶାସନ ନେଇ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି ଋଷିଆ। ଏହି ନିଷ୍ପତ୍ତି ପାକିସ୍ତାନକୁ ଚିନ୍ତାରେ ପକାଇପାରେ । ଗତ ଗୁରୁବାର ତାଲିବାନୀ ସରକାର ପକ୍ଷରୁ କୁହାଯାଇଥିଲା ଯେ, ଋଷିଆ ପ୍ରଥମ ଦେଶ ଭାବରେ ତାଲିବାନୀ ସରକାରକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଛି। ଚୀନ, ପାକିସ୍ତାନ ଓ ଅନ୍ୟ କେତେକ ଦେଶର ରାଜଧାନୀରେ ତାଲିବାନୀ ସରକାରଙ୍କ ରାଷ୍ଟ୍ରଦୂତ ରହିଛନ୍ତି, କିନ୍ତୁ କୌଣସି ଦେଶ ଇସ୍‌ଲାମିକ ଏମିରେଟ୍‌ସ୍‌କୁ ସ୍ୱୀକୃତି ଦେଇନାହାନ୍ତି । ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତ୍ତାକି ଓ ଋଷିଆରେ ଅବସ୍ଥାପିତ ଆଫଗାନିସ୍ତାନର ରାଷ୍ଟ୍ରଦୂତ ଦିମିତ୍ରୀ ଝିରନୋବଙ୍କ ମଧ୍ୟରେ କାବୁଲରେ ହୋଇଥିବା ବୈଠକ ପରେ ତାଲିବାନ ସରକାର ଏହି ଘୋଷଣା କରିଛନ୍ତି । ସୋସିଆଲ ମିଡିଆ ୱେବ୍‌ସାଇଟ୍‌ରେ ଏକ୍ସ ହ୍ୟାଣ୍ଡେଲ୍‌ରେ ତାଲିବାନ୍ ପକ୍ଷରୁ କୁହାଯାଇଛି ଯେ, ଏହା ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ଉଦାହରଣ । ବର୍ତ୍ତମାନ ତାଲିବାନୀ ସରକାରକୁ ସ୍ୱୀକୃତି ଦେବା ପ୍ରକ୍ରିୟା ଆରମ୍ଭ ହେଲା । ଯେତେବେଳେ ଏହି ପ୍ରକ୍ରିୟା ଆରମ୍ଭ ହେଲା ଏ କ୍ଷେତ୍ରରେ ଋଷିଆ ପ୍ରଥମ ଦେଶ ଭାବରେ ଆଗକୁ ଆସିଥିଲା। ତାଲିବାନ ବୈଦେଶିକ ମନ୍ତ୍ରାଳୟ ପ୍ରବକ୍ତା ଜିଆ ଅହମ୍ମଦ ତକାଲ କହିଛନ୍ତି ଯେ, ଋଷିଆ ପ୍ରଥମ ଦେଶରେ ତାଲିବାନକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଛି । ତାଲିବାନ ଶାସନକୁ ମାନ୍ୟତା ଦେବା ପୁତିନ୍‌ଙ୍କ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି। କାରଣ ଏହାଦ୍ୱାରା ଆମେରିକାକୁ ଅନେକ ରଣନୀତି ଚ୍ୟାଲେଞ୍ଜ୍‌ର ସାମ୍ନା କରିବାକୁ ପଡ଼ିପାରେ । ଅପରେସନ ସିନ୍ଦୂର ସମୟରେ ନିଜକୁ ନିରପେକ୍ଷ ଦେଖାଇବାକୁ ଯାଇ ଭାରତର ସପକ୍ଷରେ ରହିନଥିଲା ଟ୍ରମ୍ପ୍ ସରକାର ।

## ତାମିଲନାଡୁ ରାଜନୀତିରେ ଚର୍ଚ୍ଚା ମେଣ୍ଟ ନୁହେଁ, ଏକାକୀ ଲଢ଼ିବ ଟିଭିକେ ପାର୍ଟି

**ନୂଆଦିଲ୍ଲୀ,୪।୭:** ଟିଭିକେର ଏଭଳି ଘୋଷଣା ତାମିଲନାଡୁ ବିଧାନସଭା ନିର୍ବାଚନକୁ ରୋଚକ ମୋଡରେ ପହଁଚାଇଛି । ସବୁବେଳେ ରାଜ୍ୟରେ ଦୁଇଟି ମେଣ୍ଟ ଡିଏମକେ ଓ ଏଆଇଡିଏମକେ ମଧ୍ୟରେ ଲଢ଼େଇ ହୁଏ । କେବଳ ୨୦୨୪ ଲୋକସଭା ନିର୍ବାଚନକୁ ଛାଡିଦେଲେ ଆଉ ପ୍ରାୟ ସମସ୍ତ ନିର୍ବାଚନରେ ଜାତୀୟ ଓ ଆଞ୍ଚଳିକ ଦଳ ଗୁଡିକ ଏହି ଦୁଇ ମେଣ୍ଟରେ ସାମିଲ ହୋଇଛନ୍ତି । ଏବେ ଟିଭିକେର ଘୋଷଣା ପରେ ରାଜ୍ୟରେ ଆଉ ଏକ ମେଣ୍ଟ ଗଠନ ହେବା ନିଶ୍ଚିତ ହୋଇଛି । ଏଥିରେ ଅନ୍ୟ ଦୁଇଟି ମେଣ୍ଟରେ ସାମିଲ ହୋଇନଥିବା ପିଏମକେ ତଥା ଅନ୍ୟ ଦଳ ମିଶି ପାରନ୍ତି । ଗତବର୍ଷ ପ୍ରଥମାର୍ଦ୍ଧରେ ଲୋକପ୍ରିୟ ଅଭିନେତା ବିଜୟ ଟିଭିକେ ଦଳ ଗଠନ କରିଥିଲେ । ସମଗ୍ର ରାଜ୍ୟରେ ଥିବା ତାଙ୍କ ପ୍ରଶଂସକମାନଙ୍କ ଆଧାରରେ ବିଜୟ ରାଜନୀତିରେ ମଧ୍ୟ ଅନ୍ୟ ଦୁଇ ମେଣ୍ଟକୁ ଟକ୍କର ଦେବେ ବୋଲି ଆଶା ରଖିଛନ୍ତି । ସେଥିପାଇଁ ବିଜୟଙ୍କ ଟିଭିକେକୁ ଏଆଇଏଡିଏମକେ ମେଣ୍ଟରେ ସାମିଲ ପାଇଁ ବିଜେପି ବହୁ ଉଦ୍ୟମ କରିଛି ମାତ୍ର ଆଜିର ଘୋଷଣା ପରେ ବିଜୟଙ୍କ ନେତୃତ୍ୱରେ ଟିଭିକେ ନିଜର ଏକ ମେଣ୍ଟ କରିବା ସ୍ପଷ୍ଟ ହୋଇଛି । ଜନ ନାୟକଗଣକୁ ନିଜ ଜୀବନର ଶେଷ ଚଳଚିତ୍ର ଭାବେ ଅବିହିତ କରି ବିଜୟ ଏବେ ରାଜନୀତରେ ପୂରା ସମୟ ଦେଉଛନ୍ତି। ଏହା ସତ ଯେ ତାମିଲନାଡୁ ରାଜନୀତିରେ ଲୋକପ୍ରିୟ ଚଳଚିତ୍ର ତାରକାମାନେ ଖୁବ ସଫଳ ହୋଇଛନ୍ତି । ଯେପରି କି ଏମଜି ରାଘବେନ୍ଦ୍ରେନ ଓ ଜୟ ଲଲୀତା। ଏହା ସହ ତାଳ ଦେଇ ବହୁ ଚଳଚିତ୍ର ତାରକା ତଥା କମଲ ହାସନ, ରଜନୀକାନ୍ତ ରାଜନୀତିରେ ଏତେଟା ସଫଳ ହୋଇନାହାଁନ୍ତି। ତେବେ ବିଜୟଙ୍କ ରାଜନୀତି ଯାତ୍ରାର ସଫଳତା ଆଗାମୀ ଦିନର ବିଧାନସଭା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି । ତାରକା ରାଜନୀତି କରିବେ ନା ପୁଣି ଫିଲ୍ମ ଦୁନିଆକୁ ଫେରିବେ ସମୟ ହିଁ କହିବ।



## ପ୍ରଥମ ମହିଳା ଭାବେ ଯୁଦ୍ଧ ବିମାନ ଉଡ଼ାଇବେ ଆସ୍ଥା



**ନୂଆଦିଲ୍ଲୀ,୪।୭:** ପ୍ରଥମ ଥର ପାଇଁ ଜଣେ ମହିଳା ଭାରତୀୟ ନୌସେନାରେ ଜଣେ ଫାଇଟର ପାଇଲଟ ହୋଇଛନ୍ତି। ସବ-ଲେଫଟନାଣ୍ଟ ଆସ୍ଥା ପୁନିଆଙ୍କୁ ନୌସେନାରେ ଜଣେ ଫାଇଟର ପାଇଲଟ କରାଯାଇଛି। ସେ ଏପରି କରିବାରେ ପ୍ରଥମ ମହିଳା। ଭାରତୀୟ ନୌସେନାରେ ପୂର୍ବରୁ ଗୋଇନ୍ଦା ବିମାନ ଏବଂ ହେଲିକପ୍ଟର ଷ୍ଟ୍ରିମରେ ମହିଳା ପାଇଲଟ ଅଛନ୍ତି, କିନ୍ତୁ ଆସ୍ଥା ଯୁଦ୍ଧ ବିମାନ ଉଡ଼ାଇବେ। ନୌସେନା ଦେଶର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏବେ ଏଥିରେ ଆସ୍ଥାଙ୍କ ଭୂମିକା ଆହୁରି ବୃଦ୍ଧି ପାଇବ। ଭାରତୀୟ ନୌସେନା ଏକ୍ସରେ ଏକ ପୋଷ୍ଟ ସେୟାର କରିଛି। ଆସ୍ଥା ପୁନିଆଙ୍କ ଫଟୋ ମଧ୍ୟ ଏଥିରେ ସାମିଲ କରାଯାଇଛି। ନୌସେନା ପୋଷ୍ଟରେ ଲେଖିଛି, ନୌସେନା ବିମାନ ଚଳାଚଳରେ ଏକ ନୂତନ ଅଧ୍ୟାୟ ଯୋଡା ହୋଇଛି। ୦୩ ଜୁଲାଇ ୨୦୨୫ରେ ଭାରତୀୟ ନୌସେନା ବାୟୁସେନା ଷ୍ଟେଶନରେ ଦ୍ୱିତୀୟ ବେସିକ ହକ କନଭର୍ସନ କୋର୍ସ ସମାପ୍ତ ହେବା ସହିତ ଭାରତୀୟ ନୌସେନା ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି।

## କ୍ୱିଭ ଉପରେ ରୁଷିଆର ବଡ଼ ଆକ୍ରମଣ

**କ୍ୱିଭ,୪।୭:** ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ପର୍ଯ୍ୟନ୍ତୁ ଥମିବାର ନାଁ ନେଉନି। ଶୁକ୍ରବାର ରାତିରେ ରୁଷିଆ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ସହିତ କ୍ୱିଭକୁ ନିରନ୍ତର ଆକ୍ରମଣ କରି ଟାର୍ଗେଟ କରିଥିଲା, ଯେଉଁଥିରେ ୨୩ ଜଣ ଆହତ ହୋଇଥିଲେ ଏବଂ କ୍ୱିଭରେ ଅନେକ ସ୍ଥାନରେ ବହୁ କ୍ଷତି ମଧ୍ୟ ହୋଇଥିଲା। ରୁଷିଆ ବାୟୁସେନା କହିଛି ଯେ ରୁଷିଆ ରାତାରାତି ୫୫୦ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ସହିତ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା। ଏଥିମଧ୍ୟରୁ ଅଧିକାଂଶ ଶାହିଦ ଡ୍ରୋନ ଥିଲା, ଏହା ସହିତ ୧୧ ଟି କ୍ଷେପଣାସ୍ତ୍ର ମଧ୍ୟ ବ୍ୟବହାର କରାଯାଇଥିଲା। ରୁଷିଆ ଦ୍ୱାରା ରାତିସାରା ଆକ୍ରମଣ ସମୟରେ, ନିରନ୍ତର ଡ୍ରୋନର ଜୋରଦାର ଶବ୍ଦ ଶୁଣାଯାଉଥିଲା ଏବଂ ବିସ୍ଫୋରଣ ଏବଂ ମେଶିନ ଗନ ଗୁଳି ଚଳାଇବାର ଶବ୍ଦ ମଧ୍ୟ ଶୁଣାଯାଉଥିଲା। ମେୟର ଭିଟାଲି କ୍ଲିଟସ୍କୋଙ୍କ ଅନୁଯାୟୀ, ଆକ୍ରମଣର ମୁଖ୍ୟ ଲକ୍ଷ୍ୟ କ୍ୱିଭ ଥିଲା। ସେ କହିଛନ୍ତି ଯେ ଏହି ଆକ୍ରମଣରେ ଅତି କମରେ ୨୩ ଜଣ ଆହତ ହୋଇଛନ୍ତି, ଯେଉଁଥିରୁ ୧୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୟୁକ୍ରେନୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ୨ଟି କ୍ରୁଜ କ୍ଷେପଣାସ୍ତ୍ର ସମେତ ୨୭୯ ଟି ଡ୍ରୋନକୁ ଖସାଇ ଦେଇଥିବା ଦାବି କରିଛି। ଏହା ମଧ୍ୟ କହିଛି ଯେ ଅନ୍ୟ ୨୦୮ ଟି ଲକ୍ଷ୍ୟ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା ଏବଂ ଏହା ବିଶ୍ୱାସ କରାଯାଉଛି ଯେ ସେଗୁଡ଼ିକ ସବୁ ଜାମ ହୋଇଯାଇଥିଲା।



ଭାରତର 'ଅପରେଶନ ସିନ୍ଦୂର'

## ପାକିସ୍ତାନକୁ ଚୀନ୍ ଦେଇଥିଲା ଲାଇଭ୍ ଇନପୁଟ

**ନୂଆଦିଲ୍ଲୀ,୪।୭:** ଭାରତୀୟ ସୈନ୍ୟର ଉଚ୍ଚସ୍ତରୀୟ କର୍ମଚାରୀ ଲେଫ୍ଟେନାଣ୍ଟ ଜେନେରାଲ୍ ରାହୁଲ ଆର୍ ସିଂହ କହିଛନ୍ତି ଯେ, ଚାରି ଦିନିଆ ସଂଘର୍ଷ "ଅପରେଶନ ସିନ୍ଦୂର" ସମୟରେ ଚାଇନା ପାକିସ୍ତାନକୁ ଭାରତର ଗୁରୁତ୍ୱପୂର୍ଣ୍ଣ ଭେକ୍ଟରଗୁଡ଼ିକ ବିଷୟରେ ରିଅଲ-ଟାଇମ ଇନପୁଟ ପ୍ରଦାନ କରିଥିଲା। ସେ କହିଛନ୍ତି ଯେ, ଏହି ସମୟରେ ଭାରତ ସୀମାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ସହିତ ସାମ୍ନା କରିଥିଲା। ସୈନ୍ୟ ସହକାରୀ ମୁଖ୍ୟ ଭାବେ କାର୍ଯ୍ୟରତ ଲେଫ୍ଟେନାଣ୍ଟ ଜେନେରାଲ୍ ସିଂହ ଦିଲ୍ଲୀରେ ଫେଡରେଶନ୍ ଅଫ୍ ଇଣ୍ଡିଆନ୍ ଚମ୍ବରସ୍ ଅଫ୍ କମସ୍ର ଏବଂ ଇଣ୍ଡଷ୍ଟ୍ରୀ (ଏଫଆଇସିସିଆଇ) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି, "ପାକିସ୍ତାନ ସୀମାରେ ସାମ୍ନାରେ ଥିଲା। ଚାଇନା ସମସ୍ତ ସମ୍ଭବ ସହାୟତା ପ୍ରଦାନ କରୁଥିଲା ତୁର୍କୀ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।" ସେ ଯୋଜନା କରିଛନ୍ତି ଯେ, ଡିଜିଏମଓ -ସ୍ତରର ଆଲୋଚନା ଚାଲିଥିବା ସମୟରେ ପାକିସ୍ତାନ କହିଥିଲା ଯେ, "ଆମେ ଜାଣୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ଭେକ୍ଟର ପ୍ରସ୍ତୁତ ଅଛି ଓ କାର୍ଯ୍ୟକ୍ଷମ ହୋଇଛି। ଆପଣଙ୍କୁ ତାହା ପଛାଇବାକୁ ଅନୁରୋଧ କରୁଛୁ।" ଏହାର ଅର୍ଥ ହେଲା ସେମାନେ ଚାଇନାରୁ ଲାଇଭ ଇନପୁଟ ପାଉଥିଲେ। ଜେନେରାଲ୍ ସିଂହ କହିଛନ୍ତି ଯେ, ଶେଷ ପାଞ୍ଚ ବର୍ଷର ସାଂଖ୍ୟିକ ତଥ୍ୟ ଦେଖିଲେ ଚାଇନାର ପାକିସ୍ତାନକୁ ସହାୟତା କରିବା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ। "ଶେଷ ପାଞ୍ଚ ବର୍ଷରେ ପାକିସ୍ତାନ ଯେଉଁ ୮୧% ସାମରିକ ସାମଗ୍ରୀ ପ୍ରାପ୍ତ କରିଛି।

## ଭାଷା ନାଁରେ ଗୁଣ୍ଡାଗିରିକୁ ବରଦାସ୍ତ କରାଯିବନି

### ଦୋକାନୀଙ୍କୁ ମାଡ଼ ଘଟଣାରେ ମୁଖ୍ୟମନ୍ତ୍ରୀ ଫଡନାବିସଙ୍କ ବୟାନ

**ମୁମ୍ବାଇ,୪।୭:** ମହାରାଷ୍ଟ୍ରରେ ମରାଠୀ ଭାଷା ନକହିବାରୁ ଜଣେ ଦୋକାନୀଙ୍କୁ ଏମ୍ଏନ୍ଏସ୍ କର୍ମୀ ମାଡ଼ ମାରିଥିଲେ । ଏବେ ଏହି ଘଟଣାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡଣବିସ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ଏମ୍ଏନ୍ଏସ୍ କର୍ମୀଙ୍କ ଦ୍ୱାରା ଦୋକାନୀଙ୍କୁ ମାଡ଼ ଘାଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମରାଠୀର ସମ୍ମାନ କରାଯିବା ଦରକାର, କିନ୍ତୁ ମରାଠୀ ନାଁରେ ଗୁଣ୍ଡାଗିରିକୁ ବରଦାସ୍ତ କରାଯିବ ନାହିଁ । ଉଲ୍ଲେଖଯୋଗ୍ୟ ଯେ ମୁମ୍ବାଇ ନିକଟ ମୀରା ରୋଡ୍ ସ୍ଥିତ ଫୁଡ୍ ଷ୍ଟଲ୍ ଚଲାଉଥିବା ଜଣେ ୪୮ ବର୍ଷୀୟ ଦୋକାନୀ ବାବୁଲାଲ ଚୌଧୁରୀଙ୍କ ଉପରେ ରାଜ ଠାକରେଙ୍କ ଦଳର କର୍ମୀ ମାଡ଼ ମାରିଥିଲେ। ମରାଠୀ ନକହିଲେ ଦୋକାନ କରାଇ ଦେବେନି ବୋଲି ସେମାନେ ଚେତାବନୀ ଦେଇଥିଲେ । ଦୋକାନୀ ଏହାକୁ ବିରୋଧ କରି, ମହାରାଷ୍ଟ୍ରରେ ସବୁ ଭାଷା କୁହାଯାଏ ବୋଲି କହିଥିଲେ। ଯେଉଁଥିରେ ଉତକ୍ଷିପ୍ତ ହୋଇ ଏମ୍ଏନ୍ଏସ୍ କର୍ମୀ ଦୋକାନୀଙ୍କୁ ଚାପୁଡ଼ା ମାରିଥିଲେ । ରାଜ ଠାକରେଙ୍କ ପାର୍ଟି ଏମ୍ଏନ୍ଏସ୍ ଏହି ମାମଲାରେ ନିଜ କର୍ମୀଙ୍କ ମାଡ଼କୁ ସମର୍ଥନ କରିଛି । ଦଳ ଦାବି କରିଛି ଯେ ଦୋକାନୀ ଜଣକ ମରାଠୀ ଭାଷାର ଅପମାନ କରିବା କାରଣରୁ କାର୍ଯ୍ୟକର୍ତ୍ତା ସେଭଳି ପଦକ୍ଷେପ ନେଇଥିଲେ । ଅନ୍ୟପଟେ ଏହି ଘଟଣାକୁ ମହାରାଷ୍ଟ୍ରର ଗୃହ ରାଷ୍ଟ୍ର ମନ୍ତ୍ରୀ ଯୋଗେଶ କଦମ ପରୋକ୍ଷରେ ସମର୍ଥନ କରିଥିଲେ । ସେ କହିଥିଲେ ଯେ ମରାଠୀ ଭାଷାର ଅପମାନ କରିଥିବା ଯେକୌଣସି ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ତେବେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡଣବିସ ସ୍ପଷ୍ଟ କରିଛନ୍ତି ଯେ ମରାଠୀ ନାଁରେ ଗୁଣ୍ଡାଗିରି ଗ୍ରହଣ କରାଯିବ ନାହିଁ ।



● ଶାହୀ ମସଜିଦ୍‌କୁ ବିବାଦୀୟ ନିର୍ମାଣ ଘୋଷଣା

## ହିନ୍ଦୁ ପକ୍ଷର ଆବେଦନ ଖାରଜ କଲେ କୋର୍ଟ



**ନୂଆଦିଲ୍ଲୀ,୪।୭:** ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଏବଂ ଶାହୀ ଇଦଗା ମସଜିଦକୁ ନେଇ ଆଇନଗତ ଲଢ଼େଇ ଚାଲିଥିବା ବେଳେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଶାହୀ ମସଜିଦକୁ ବିବାଦୀୟ ଢାଞ୍ଚା ଘୋଷଣା କରିବାକୁ ହିନ୍ଦୁ ପକ୍ଷ ଦ୍ୱାରା ହୋଇଥିବା ଆବେଦନକୁ ଆହ୍ଲାବାଦ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆବେଦନ ପତ୍ର ଏ-୪୪ରେ କୋର୍ଟ ରେକର୍ଡ ଏବଂ ପରବର୍ତ୍ତୀ କାର୍ଯ୍ୟପଛାରେ ଶାହି ଇଦଗା ମସଜିଦକୁ ଆନୁଷ୍ଠାନିକ ଭାବରେ ଏକ 'ବିବାଦୀୟ ନିର୍ମାଣ' ଘୋଷଣା କରିବାକୁ ଆବେଦନ କରାଯାଇଥିଲା। ହିନ୍ଦୁ ପକ୍ଷର ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ମହେନ୍ଦ୍ର ପ୍ରତାପ ସିଂହଙ୍କ ଏହି ଆବେଦନ କରିଥିଲେ। ତେବେ ଶୁଣାଣି କରୁଥିବା ଜଷ୍ଟିସ୍ ରାମ ମନୋହର ନାରାୟଣ ମିଶ୍ରଙ୍କ ଜଣିଆକିଆ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଆବେଦନ ଏ-୪୪ରେ କୋର୍ଟଙ୍କୁ ବିଶେଷ ଭାବରେ ଅନୁରୋଧ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ସେ ସମ୍ପୃକ୍ତ ଷ୍ଟେନୋଗ୍ରାଫରଙ୍କୁ ଚାଲୁଥିବା ମାମଲାର ଡକ୍ୟୁମେଣ୍ଟ ଏବଂ ଭବିଷ୍ୟତର କାର୍ଯ୍ୟପଛାରେ 'ଶାହୀ ଇଦଗା ମସଜିଦ' ଶବ୍ଦ ବଦଳରେ 'ବିବାଦୀୟ ନିର୍ମାଣ'ରେ ବଦଳାଇବାକୁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା।

## ଦଲାଇ ଲାମା ଚୟନ ପ୍ରକ୍ରିୟାରେ ଭାରତ ରହିବ ନିରପେକ୍ଷ

**ନୂଆଦିଲ୍ଲୀ,୪।୭:** ନୂତନ ଦଲାଇ ଲାମା ଚୟନକୁ ନେଇ ବିବାଦ ଘନେଇବା ପରେ ଭାରତ ସରକାର ଏକ ବଡ ଟିପ୍ପଣି ଜାରି କରିଛନ୍ତି। ଭବିଷ୍ୟତରେ ହେବାକୁ ଥିବା ଏହି ଧାର୍ମିକ ପ୍ରକ୍ରିୟାକୁ ନେଇ ଭାରତ କୌଣସି ମନ୍ତବ୍ୟ ରଖିବ ନାହିଁ ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। ଏନେଇ ବୈଦେଶିକ ମନ୍ତ୍ରଣାଳୟ(ଏମଇଏ)ର ମୁଖପାତ୍ର ରଣଧିର ଜୟସୁଆଲ ଏକ ସାମ୍ବାଦିକ ସମ୍ମିଳନିରେ ଟିପ୍ପଣି ଦେଇ କହିଛନ୍ତି ଯେ "ନିକଟରେ ଦଲାଇ ଲାମାଙ୍କ ପକ୍ଷରୁ ନୂତନ ଦଲାଇ ଲାମା ଚୟନ ନେଇ ମନ୍ତବ୍ୟ ଆସିଛି। ଭାରତ ସରକାର ଏଭଳି ଧାର୍ମିକ କାର୍ଯ୍ୟକୁ ନେଇ କୌଣସି ପ୍ରକାରର ନିଷ୍ପତ୍ତି କିମ୍ବା ଘୋଷଣା କରିନାହାନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ ଓ ଧର୍ମ ଉପରେ ନିର୍ଭର କରେ।" ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତର ସମ୍ବିଧାନ ଓ ଭାରତ ସରକାର ସମସ୍ତଙ୍କୁ ନିଜ ଧର୍ମ ପାଇଁ ସ୍ୱାଧିନତା ପ୍ରଦାନ କରିଛନ୍ତି, ଯାହା ଆଗକୁ ମଧ୍ୟ ଜାରି ରହିବ। ଭବିଷ୍ୟତରେ ହେବାକୁ ଥିବା ତିବ୍ବତର ଧାର୍ମିକ ନେତୃତ୍ୱର ଓ ନୂଆ ଦଲାଇ ଲାମାଙ୍କ ଚୟନକୁ ନେଇ ସମଗ୍ର ବିଶ୍ୱର ନଜର ବର୍ତ୍ତମାନର ଦଲାଇ ଲାମାଙ୍କ ଉପରେ ରହିଛି। ଖାସକରି ଚୀନର ବିନା ହସ୍ତକ୍ଷେପରେ କିପରି ନୂଆ ଦଲାଇ ଲାମାଙ୍କୁ ଚୟନ କରାଯିବ ସେନେଇ ସମସ୍ତେ ଏହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେବେ ଭାରତ ଦୁନିଆର ସବୁଠୁ ବଡ ତିବ୍ବତିଆନ ଶରଣାର୍ଥି ଦେଶ ହୋଇଥିବାରୁ ଏହି ମାମଲାରେ ନିରପେକ୍ଷତା ଅବଲମ୍ବନ କରୁଛି।



### ଦ୍ୱିତୀୟ ଟେଷ୍ଟ: ଇଂଲଣ୍ଡ ୪୦୭ରେ ଅଲ୍‌ଆଉଟ୍, ଭାରତ ୨୪୪ ରନ୍‌ରେ ଆଗୁଆ

# ବ୍ରୁକ୍ ଓ ସ୍ମିଥ୍‌ଙ୍କ ଆକର୍ଷଣୀୟ ଶତକ




**ବର୍ମିଂହାମ୍, ୪।୭:** ଚଳିତ ଦ୍ୱିତୀୟ ଟେଷ୍ଟ୍‌ରେ ଘରୋଇ ଇଂଲଣ୍ଡ ଭାରତର ପ୍ରଥମ ଇନିଂସ ସ୍କୋର୍ ୫୮୭ ଜବାବରେ ୪୦୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ଏକଦା ୮୪ ରନ୍‌ରେ ୫ଟି ଓ୍ୱିକେଟ୍ ହରାଇ ବିପଦରେ ପଡ଼ିଥିଲେ ମଧ୍ୟ ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ୍‌ଙ୍କ ଆକର୍ଷଣୀୟ ଶତକ ମାଧ୍ୟମରେ ଫଲୋଅନ୍ ଏଡ଼ାଇବାରେ ସକ୍ଷମ ହୋଇଥିଲା। ଜବାବରେ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଗୋଟିଏ ଓ୍ୱିକେଟ୍ ହରାଇ ୬୪ ରନ୍ କରିଛି। ଓପନର ଯଶସ୍ୱୀ ଜୈସ୍ୱାଲ୍ ୨୮ ରନ୍ କରି ଆଉଟ୍ ହୋଇଥିବା ବେଳେ ଅନ୍ୟତମ ଓପନର ଲୋକେଶ ରାହୁଲ୍ ୨୮ ଓ କରୁଣ୍ ନାୟର୍ ୭ ରନ୍‌ରେ ଅପରାଜିତ ଅଛନ୍ତି। ପୂର୍ବରୁ ଭାରତ ଆଜି ସକାଳୁ ଇଂଲଣ୍ଡର ୨ଟି ଓ୍ୱିକେଟ୍ ପକାଇ ଘରୋଇ ଦଳର ସ୍କୋର୍‌କୁ ୫ ଓ୍ୱିକେଟ୍ କ୍ଷତିରେ ୮୪ରେ ପହଞ୍ଚାଇଥିଲା। ଦୁଇ ପେସର୍ ମହମ୍ମଦ ସିରାଜ୍ ଓ ଆକାଶ ଦୀପ ଓ ସିରାଜ୍ ଘାତକ ବୋଲିଂ କରିଥିଲେ। କିନ୍ତୁ ଦମ୍‌ଦାର ଇନିଂସ ଖେଳିଥିଲେ ସ୍ମିଥ୍ ଓ ବ୍ରୁକ୍। ଦୁଇ ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରୁ ସ୍ମିଥ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟଙ୍କ ମଧ୍ୟରେ ଷଷ୍ଠ ଓ୍ୱିକେଟ୍‌ରେ ୩୦୩ ରନ୍‌ର ଭାଗୀଦାରୀ ହୋଇଥିଲା। ଫଳରେ ଦଳ ସହଜରେ ଫଲୋଅନ୍ ଏଡ଼ାଇବାର ସକ୍ଷମ ହୋଇଥିଲା। ୧୭ଟି ଚୌକା ଓ ଗୋଟିଏ ଛକା ସହ ବ୍ରୁକ୍ ୧୫୮ ରନ୍‌ରେ ଆଉଟ୍ ହେବା ପରେ ଏହି ବଡ଼ ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। ପରେ ସ୍ମିଥ୍ ୨୧ଟି ଚୌକା ଓ ୪ଟି ଛକା ମାଧ୍ୟମରେ ୧୮୪ ରନ୍‌ର ଜବରଦସ୍ତ ଇନିଂସ ଖେଳି ତାଙ୍କ କ୍ୟାରିଅର୍‌ର ସର୍ବାଧିକ ସ୍କୋର୍ କରିଥିଲେ।

ଶେଷ ଧାଡ଼ିର ବ୍ୟାଟ୍ସମ୍ୟାନ୍‌ଙ୍କୁ ସଅଳ ଆଉଟ୍ କରି ଭାରତ ପ୍ରଥମ ଇନିଂସ ଭିତ୍ତିରେ ୧୮୦ ରନ୍‌ର ଅଗ୍ରଣୀ ନେଇଥିଲା। ଭାରତ ପକ୍ଷରୁ ସିରାଜ୍ ୬ଟି ଓ ଆକାଶ ଦୀପ ୪ଟି ଓ୍ୱିକେଟ୍ ନେଇଥିଲେ।

## ମରେଙ୍କ ୱିମ୍ବଲଡନ୍ ଫାଇନାଲ୍ ଜର୍ସି ନିଲାମ ହେବ



ଲଣ୍ଡନ, ୪।୭: ୨୦୧୩ ୱିମ୍ବଲଡନ୍ ବିଜୟ ବେଳେ ଇଂଲଣ୍ଡ ଟେନିସ୍ ତାରକା ଆଣ୍ଡି ମରେ ପିନ୍ଧିଥିବା ସାର୍ଟ ଭାଗ୍ୟବାନ ପ୍ରଶଂସକଙ୍କ ପାଖରେ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ। ୩୮ ବର୍ଷୀୟ ମରେ ୱିମ୍ବଲଡନ୍‌ରେ ୩ ଥର ବିଜେତା ହୋଇଛନ୍ତି। ହେଲେ ୨୦୧୩ ଫାଇନାଲ୍ ତାଙ୍କ ପାଇଁ ସବୁଠୁ ସ୍ମରଣୀୟ ହୋଇରହିବ। ଏହି ଫାଇନାଲ୍‌ରେ ସେ ନୋଭାକ ଜୋକୋଭିକ୍‌ଙ୍କୁ ପରାସ୍ତ କରି ୭୭ ବର୍ଷ ପରେ ଗ୍ରାସ୍‌କୋର୍ଟରେ ବ୍ରିଟେନ୍‌ର ପ୍ରଥମ ପୁରୁଷ ଖେଳାଳି ଭାବେ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ଉକ୍ତ ମ୍ୟାଚ୍‌ରେ ପିନ୍ଧିଥିବା ୩ଟି ଆଦିଦାସ ସାର୍ଟ ମଧ୍ୟରୁ ଗୋଟିଏକୁ ଏଜ୍ ଅଫ୍ ଟେନିସ ସହ ମିଶି ଗ୍ରାହାମ ବଡ୍ ଅକ୍‌ସନ୍ ଜୁଲାଇ ୧୩ରେ ନିଲାମ କରିବ। ମରେଙ୍କ ସ୍ୱାକ୍ଷର ଥିବା ଏହି ସାର୍ଟର ନିଲାମ ମୂଲ୍ୟ ୮୦୦୦ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୯,୩୨,୦୦୦ ଟଙ୍କା) ରହିଛି। ଏଥସହ ତାଙ୍କ କ୍ୟାପ୍‌ର ନିଲାମ ମୂଲ୍ୟ ୩୫୦୦ ପାଉଣ୍ଡ (୪,୦୮,୦୦୦ ଟଙ୍କା) ରଖାଯାଇଛି। ମରେଙ୍କ ସାର୍ଟ ଓ କ୍ୟାପ୍ ସହ ୨୦୧୦ରେ ଜନ୍ ଇଜ୍‌ନର ଓ ନିକୋଲାସ ମାହୁତଙ୍କ ମଧରେ ହୋଇଥିବା ସବୁଠୁ ଦୀର୍ଘତମ ମ୍ୟାଚ୍‌ର ନେଟ୍ ମଧ ନିଲାମ ହେବ। ଏହି ମ୍ୟାଚ୍ ୩ ଦିନରେ ୧୧ ଘଣ୍ଟା ୫ ମିନିଟ୍ ଖେଳାଯାଇଥିଲା। ୩ ତାରକା ଖେଳାଳି ରାଫେଲ ନାଦାଲ, ରୋଜର ଫେଡ଼େରର, ଜୋକୋଭିକ୍ ଓ ମରେଙ୍କ ଅଟୋଗ୍ରାଫ୍ ଥିବା ୱିମ୍ବଲଡନ୍ ବଲ୍ ମଧ ୩୦୦ରୁ ୫୦୦ ପାଉଣ୍ଡ (୪୦ରୁ ୬୦ ହଜାର ଟଙ୍କା)ରେ ନିଲାମ ହେବ।

## ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୮ ପଦକ



### ଜାତୀୟ ମିନିଗଲ୍ଫ

ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ): ନାଗପୁରରେ ଆୟୋଜିତ ଦଶମ ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ କାଂସ୍ୟ ସହ ୮ ପଦକ ହାସଲ କରିଛନ୍ତି। ଏଥି ସହ ପଦକ ତାଲିକାରେ ଓଡ଼ିଶା ମହିଳା ଦ୍ୱିତୀୟ ଓ ପୁରୁଷ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ନକ୍‌ଆଉଟ୍ ମିନିଗଲ୍ଫର ମିଶ୍ରିତ ଯୁଗଳରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭୀପ୍ସା ପଣ୍ଡା ଏବଂ ମହିଳା ବ୍ୟକ୍ତିଗତ ବର୍ଗରେ ଲତା ସମର୍ଥ ସ୍ୱର୍ଣ୍ଣ ଜିତିଥିଲା ବେଳେ ଆନିକା ପଟ୍ଟନାୟକ କାଂସ୍ୟ ପାଇଥିଲେ। ଅଭୀପ୍ସା, ସୌମ୍ୟଶ୍ରୀ ଥର, ଆନିକା, ଅଦିତି ପଟେଲ, ରେଶମା ମାଝୀ ଓ ଆଇଶା ଘଟୁଆଳଙ୍କୁ ନେଇ ଗଠିତ ମହିଳା ରୌପ୍ୟ ଏବଂ କୁମାର ଦେବଦତ୍ତ ଓ କୁମାର ଦେବଜିତଙ୍କୁ ନେଇ ଗଠିତ ଯୁଗଳ ଦଳ କାଂସ୍ୟ ଜିତିଥିଲେ। ସ୍ପିଡ୍ ମିନିଗଲ୍ଫରେ ମହିଳା ଦଳ (ଅଭୀପ୍ସା, ଲତା, ରେଶମା, ଅଦିତି, ଆଇଶା ଓ ସ୍ମରଣିକା ମହାନ୍ତି) ଏବଂ ମହିଳା ଯୁଗଳରେ ସୌମ୍ୟଶ୍ରୀ, ଅଭୀପ୍ସା ରୌପ୍ୟ ପାଇଛନ୍ତି।

ଏହି ସଫଳତା ଲାଗି ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଓଡ଼ିଶା ମିନିଗଲ୍ଫ ସଂଘ ସଭାପତି ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସନଜିତ ପତି, ଯୁଗ୍ମସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ପ୍ରଫେସର ସ୍ମୃତିରେଖା ପଟ୍ଟନାୟକ, ଓଡିଏମ୍ ଗ୍ଲୋବାଲ ସ୍କୁଲ୍ ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ, ସ୍ପୋର୍ଟ୍ସ ଏଚ୍‌ଓଡି ଦେବାଶିଷ ସାହା ଏବଂ ଓଡିଏମ୍ ସ୍ପୋର୍ଟ୍ସ ଏଚ୍‌ଓଡି ଜୟଦେବ ମହାପାତ୍ର ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଦଳକୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉତ୍ସବରେ ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ନେଲସନ ଲାକ୍ରା ଯୋଗଦେଇଥିଲେ।

### ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା


ଅଶୋକ ଦଣ୍ଡସେନା


ସୁସ୍ମିତା ଟିଗା


ସୁମନ ଶେଖର ଦାସ

## ଓଡ଼ିଶାକୁ ଆଉ ୪ ସ୍ୱର୍ଣ୍ଣ

କଟକ, ୪।୭ (ସଂଚାର ବ୍ୟୁରୋ): ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଆୟୋଜିତ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶା ପୁଲିସର ୪ ଜଣ ଯୁବ କ୍ରୀଡ଼ାବିତ୍ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି। କନେଷ୍ଟବଳ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ଯଥାକ୍ରମେ ପୁରୁଷ ଓ ମହିଳା ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଏହି ଦୁଇ ଜଣ ମଧ ୮୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିଲେ। ଫଳରେ ଉଭୟ ଏ ପର୍ଯ୍ୟନ୍ତ ୨ଟି ଲେଖାଏଁ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେହିଭଳି କରାଟେରେ କନେଷ୍ଟବଳ ଭଗବାନ ରେଡ୍ଡୀ (୬୪ କିଲୋଗ୍ରାମରୁ କମ୍) ଏବଂ ସୁମନ ଶେଖର ଦାସ (୮୪ କିଲୋଗ୍ରାମରୁ କମ୍) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସ୍ୱର୍ଣ୍ଣ ବିଜେତାଙ୍କୁ ପୁଲିସ ଡିଜି ୱାଇ ବି ଖୁରାନିଆ ଅଭିନନ୍ଦନ ଜଣାଇଛନ୍ତି।

### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଭାରତୀୟ ଦଳରେ କିଟ୍‌ରୁ ୪୧

**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ):** ଜର୍ମାନୀର ରାଇନେ-ରୁର୍‌ଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଖେଳାଳି, ପ୍ରଶିକ୍ଷକ, ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ମିଶାଇ ୪୧୯ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଅନ୍ୟ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୪୧ଜଣ ଖେଳାଳି ଅଂଶଗ୍ରହଣ କରିବେ। ସେହିଭଳି ଏହି ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଓ ଦଳ ଚୟନ ଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) କିଟ୍ ବିଶ୍ୱବିଦ୍ୟାଳୟକୁ ୬ଟି ଖେଳ ଯଥା ତୀରନ୍ଦାଜି, ଦୌଡ଼କୁଦ, ବ୍ୟାଡ୍‌ମିଣ୍ଟନ୍, ଟେନିସ୍, ଟେବୁଲ ଟେନିସ୍, ଭଲିବଲ୍ (ମହିଳା) ଭଳି ଖେଳ ଲାଗି ନୋଡାଲ ବିଶ୍ୱବିଦ୍ୟାଳୟ ନିଯୁକ୍ତ କରିବା ରାଜ୍ୟ ପାଇଁ ଆଉ ଏକ ଗର୍ବ ଓ ଗୌରବର ବିଷୟ ହୋଇଛି। ଭାରତୀୟ ଦଳ ପାଇଁ ଯୋଗାଇ ଦେଇଥିବା ସୁବିଧା ସୁଯୋଗ ଓ ସମର୍ଥନ ଲାଗି ଏଆଇୟୁ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ହେଲେ ମଣିକାନ୍ତ ହବଲିଧର, ଅନୀମେଷ କୁଜୁର, ଲାଲୁ ପ୍ରସାଦ ଭୋଇ, ଦଣ୍ଡପତି ମୃତ୍ୟୁମ ଜୟରାମ, ଅନୁ କୁମାର, କିରଣ ମାତ୍ରେ, ସୁନୀଲ ଜୋଲିଆ ଜିନାଭାଇ, ତେଜସ୍ ଅଶୋକ ଶିର୍ସେ, ଯଶସ୍ ପି, ପରମଜିତ ସିଂହ ବିଷ୍ଟ, ଯସ୍ମିନ ଅଲଡ୍ରିନ୍, ଡେଭିଡ୍ ପି, ପ୍ରବୀଣ ଚିତ୍ରଭେଲ, ସମରଦୀପ ସିଂହ ଗିଲ୍, ସାହିଲ ସିଲୱାଲ୍, ଯଶବୀର ନାୟକ, କିରଣ ପହଲ, ରୂପଲ, ଚନ୍ଦା କେଏମ୍, ସୀମା, ମୌମିତା ମଣ୍ଡଳ, ଅଙ୍କିତା, ଆନସି ସୋଜାନ ଇ, ପୂର୍ଣ୍ଣ ରାଓରାଣେ, କରିସ୍ମା ଏସ୍ ସାନିଲ, ମୁନିତା ପ୍ରଜାପତି, ମାନ୍‌ସି ନେଗି, ସେଜଲ ଅନିଲ ସିଂହ, ଅଦିତି ଜୟସ୍ୱାଲ, ଅନନ୍ୟା ସିଂହ, ଗମିତ ମିନଲ, କବୀର ହଂସ, ଅଥର୍ବ ଶର୍ମା, ଅବିନାଶ ମହାନ୍ତି ପ୍ରମୁଖ।

## ଦ୍ୱିତୀୟ ରାଉଣ୍ଡରେ ବାଲାଜୀ, ରିତ୍ୱିକ

ଲଣ୍ଡନ, ୪।୭: ଭାରତର ଏନ୍ ଶ୍ରୀରାମ ବାଲାଜୀ ଓ ରିତ୍ୱିକ ଚୌଧୁରୀ ବୋଲ୍ଲିପାଲ୍ଲୀ ନିଜ ନିଜ ସାଥୀଙ୍କ ସହ ଚଳିତ ୱିମ୍ବଲଡନ୍ ଟେନିସ ପ୍ରତିଯୋଗିତାର ପୁରୁଷ ଯୁଗଳ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡ ମୁକାବିଲାରେ ବାଲାଜୀ ଓ ତାଙ୍କ ମେକ୍ସିକୋ ସାଥୀ ମିଗୁଏଲ ରିୟାଜ-ଭାରେଲା ୬-୪, ୬-୪ ସେଟ୍‌ରେ ଆମେରିକୀୟ ଯୋଡ଼ି ଆଲେକ୍‌ଜାଣ୍ଡର କୋଭାସେଭିକ ଓ ଲର୍ନର ତିଏନ୍‌ଙ୍କୁ ହରାଇଥିଲେ। ସେହିପରି ରିତ୍ୱିକ ଓ କଲମ୍ବିଆର ନିକୋଲାସ ବାରିଏଣ୍ଟୋସ୍ ୪-୬, ୬-୪, ୭-୬ ସେଟ୍‌ରେ ଫ୍ରାନ୍ସର ଆଲେକ୍‌ଜାଣ୍ଡର ମୁଲର ଓ ବେଲ୍‌ଜିୟମ୍‌ର ଡେଭିଡ ଗଫିନ୍‌ଙ୍କୁ ମାତ୍ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲାଭବାନ...

ତେବେ ଓଏଏସ କିମ୍ବା ଆଇଏଏସ ସଂଘରେ କାହିଁକି ସେମାନଙ୍କ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ପଦକ୍ଷେପ ନେଉନାହାଁନ୍ତି। ଭିଜିଲାନ୍ସ ଦ୍ୱାରା ପ୍ରାୟ ପ୍ରତିଦିନ ଜଣେ ଓଏଏସ ଅଫିସର ବନ୍ଧା ହେଉଛନ୍ତି। ପୁଳା ପୁଳା ନଗଦ ଟଙ୍କା ସହ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଧରାପଡୁଥିବା ଜଣେ ହେଲେ ଅଫିସରଙ୍କୁ ସଂଘର ପ୍ରାଥମିକ ସଦସ୍ୟତା ପଦରୁ ବିଦା କରାଯାଇଛି କି? ଆଇଏଏସଙ୍କ କ୍ଷେତ୍ରରେ ବି ସମାନ ସ୍ଥିତି। ସିବିଆଇ ଦ୍ୱାରା ଗିରଫ ହେଉଥିବା ଅଧିକାରୀଙ୍କ ବିରୋଧରେ ଆଇଏଏସ ଅଫିସର ସଂଘ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନି, ତାହା ଏକ ବିରାଟ ପ୍ରଶ୍ନ।

ଏହାଦ୍ୱାରା ସଂଘରେ ଥିବା ସଚ୍ଚୋଟ ଅଫିସରମାନେ ବି ନିଜ ମୁହଁରେ ଅନ୍ୟର କାଳିମା ବୋଳି ହୋଇ ବୁଲୁଛନ୍ତି। ଦୁର୍ନୀତିଖୋରଙ୍କ ବିରୋଧରେ ସଂଘ ସ୍ୱତଃପ୍ରବୃତ୍ତ ଭାବେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ବେଆଇନ ଭାବେ ଅର୍ଥ ଉପାର୍ଜନ କରିନଥିବା ଅଫିସରମାନେ ହତୋତ୍ସାହିତ ହେଉଛନ୍ତି। ତେଣୁ ସାଧାରଣରେ ଦାବି ହେଉଛି ଯେ ଏହିସବୁ ସଂଘ କରୁଥିବା ରୋଜଗାରର ବାର୍ଷିକ ଅଡିଟ କରାଯାଉ। ଯେମିତି ସରକାରୀ ସ୍ତରରେ ସବୁ ବିଭାଗର ଆୟ-ବ୍ୟୟର ଆକଳନ କରାଯାଉଛି, ସଂଘଗୁଡିକ ମଧ୍ୟ ସରକାରଙ୍କ ଅଡିଟ ବ୍ୟବସ୍ଥା ଭିତରକୁ ଆସିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

ସଂଘର ଆଳ ଦେଖାଇ କିଛି ଅଫିସର ସରକାରଙ୍କୁ ବ୍ଲାକମେଲ କରିବାର ସୁଯୋଗ ପାଉଛନ୍ତି। ଆଉ ସଂଘର ବଡ଼ ବଡ଼ ଦାୟିତ୍ୱରେ ଥିବା ଅଫିସରମାନେ କ୍ରିମ ଖାଉଛନ୍ତି ଓ ସଚ୍ଚୋଟ ଅଫିସରମାନେ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ବର୍ତ୍ତମାନ ଓଏଏସ ସଂଘର ନେତୃତ୍ୱ ନେଉଥିବା ଅଫିସରମାନେ ତା'ର ଏକ ଜ୍ୱଳନ୍ତ ଉଦାହରଣ। ଯେମତିକି ବିଜୟ ସ୍ୱାଇଁ ବିଜେଡି ସରକାରରେ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବ୍ୟକ୍ତିଗତ ସଚିବ ଥିଲେ। ପରେ ସେ ପ୍ରତାପ ଦେବଙ୍କ ପିଏସ ରହିଥିଲେ। ସେହିଭଳି ଜ୍ୟୋତି ମିଶ୍ର ସାରଦା ନାୟକଙ୍କ ବ୍ୟକ୍ତିଗତ ସଚିବରୁ ବିହନ ନିଗମର ପରିଚାଳନା ନିର୍ଦ୍ଦେଶ ଓ ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ନିର୍ଦ୍ଦେଶ ଦାୟିତ୍ୱରେ ଅଛନ୍ତି। ଏହିସବୁ ଅଫିସର ଏବେ ସରକାରଙ୍କ ସ୍ନାନରରେ ଅଛନ୍ତି।

### ସୁପ୍ରିମକୋର୍ଟ ...

ଆନ୍ଦୋଳନ କରିପାରିବେ କି? ସାଧାରଣ ଲୋକଙ୍କ ଅଧିକାର କ୍ଷୁଣ୍ଣ କରି ପ୍ରଶାସନିକ ସେବା ଅଧିକାରୀମାନେ ନିଜ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ସମୂହ ଛୁଟିରେ ଯାଇପାରିବେ କି? ଲୋକଙ୍କ ସେବା ପାଇଁ ନିଯୁକ୍ତି ପାଇଥିବା ଏ ଅଧିକାରୀଙ୍କୁ ସାଧରଣ ଲୋକଙ୍କ ସେବା ବ୍ୟାହତ କରିବାର ଅଧିକାର କିଏ ଦେଇଛି? କାହା ବଳରେ ବଳୀୟାନ ହୋଇଛନ୍ତି ରାଜ୍ୟ ପ୍ରଶାସନିକ ଅଧିକାରୀ ସଂଘ। ଏମିତି ଅନେକ ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ ଅଫିସରଙ୍କ ଇଗୋ ରକ୍ଷା କରିବାକୁ ତିନି ଦିନ ଧରି ରାଜ୍ୟରେ ପ୍ରଶାସନିକ କାର୍ଯ୍ୟକୁ ଠପ କରିଦେଲା ଓଏଏସ ଅଫିସର ସଂଘ।

ସମ୍ବିଧାନର ଧାରା ୧୯ ଆମକୁ କଥା କହିବାର ଅଧିକାର ଦେଇଛି। ଆମର ଅଭାବ ଅସୁବିଧା ବିଷୟରେ ଜଣାଇବା ବା ବ୍ୟକ୍ତ କରିବାର ସ୍ୱାଧିକାର ଦେଇଛି। ଏହି ଧାରାଟି ହିଁ ଆମ ଦେଶରେ ମିଡିଆ ବା ଗଣମାଧ୍ୟମ ଚଳାଇବା ସ୍ୱାଚ୍ଛନ୍ଦ୍ୟ ଦିଏ। ଏହା ଏକ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର। ଅର୍ଥାତ୍ ସରକାର ଯିଏ ବି ଆସୁ ଏହାକୁ କ୍ଷୁଣ୍ଣ କରିପାରିବ ନାହିଁ। ଏହି ଧାରା ଅନୁସାରେ ଆମେ ସଂଘ ଗଠନ କରିପାରିବା, ଆନ୍ଦୋଳନ କରିପାରିବା। ସମ୍ବିଧାନର ଧାରା-୧୯ ଉପଧାରା (୧) (କ) ଅନୁସାରେ ପ୍ରତିଟି ନାଗରିକ ନିଜର କଥା, ଭାବ, ବ୍ୟକ୍ତ କରିବାର ଅଧିକାର ଲାଭ କରିଛନ୍ତି। ସେହିପରି ଧାରା ୧୯ ଉପଧାରା ୧-ଗ ଅନୁସାରେ ଆମେ କୌଣସି ସଂଘ, ୟୁନିୟନ ଗଠନ କରିବାର ସ୍ୱାଧୀନତା ପ୍ରାପ୍ତ କରିଛୁ। ଏହି ଅନୁସାରେ ସରକାରୀ କର୍ମଚାରୀ ହୁଅନ୍ତୁ ବା ସାଧାରଣ ନାଗରିକ ସେମାନଙ୍କ ସାଧାରଣ ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂଘ, ସଂଗଠନ ଗଢ଼ିପାରିବେ। ସରକାରଙ୍କ ଉପରେ ଚାପ ପକାଇପାରିବେ। ହେଲେ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହି ଧାରା ଲାଗୁ ହେବ ନା ନାହିଁ?

ଏ ପ୍ରଶ୍ନର ଉତ୍ତର ଆଜି ନୂଆ ନୁହେଁ। ୧୯୬୨ ମସିହାରୁ ଏପରି ବିବାଦ କୋର୍ଟଙ୍କ ଦ୍ୱାରରେ ବିଚାର ହୋଇ ଆସୁଛି। ସରକାର ଓ ଅଫିସରଙ୍କ ବିବାଦ କୋର୍ଟରେ ପଡ଼ି ସେ ବାବଦରେ ରାୟ ମଧ୍ୟ ଦିଆସରିଛି। କିନ୍ତୁ ବାରମ୍ବାର ରାଜ୍ୟର ଅଧିକାରୀମାନେ ଏହାକୁ ଉଲ୍ଲଂଘନ କରିଛନ୍ତି। ଯେମିତି ଆମ ରାଜ୍ୟରେ ଗଲା ତିନିଦିନ ହେଲା ଚାଲିଥିଲା। ୧୯୬୨ ମସିହାରେ ଏମିତି ଏକ ମାମଲା ସୁପ୍ରିମକୋର୍ଟରେ ଦାୟର କରାଯାଇଥିଲା। ଏହା ବିହାର ରାଜ୍ୟ ସରକାର ବନାମ କାମେଶ୍ୱର ପ୍ରସାଦ ମାମଲା ନାମରେ ଖ୍ୟାତ। ସୁପ୍ରିମକୋର୍ଟ ମାମଲାକୁ ଶୁଣାଣି କରି ଭବିଷ୍ୟତରେ ସରକାରୀ କର୍ମଚାରୀଙ୍କ ଆନ୍ଦୋଳନକୁ ଚେତାବନୀ ଦେଇଥିଲେ। କୋର୍ଟ ନିଜ ରାୟରେ ସରକାରୀ କର୍ମଚାରୀଙ୍କ ଆନ୍ଦୋଳନକୁ ବାରଣ କରି ସରକାର ଦେଇଥିବା ନୋଟିସ୍‌କୁ ଉଚିତ ବୋଲି ଗ୍ରହଣ କରିଥିଲେ। ସୁପ୍ରିମକୋର୍ଟ କହିଥିଲେ, ଧାରା ୧୯ ଆମକୁ ସଂଘ ଗଠନ ଲାଗି ଅଧିକାର ଦେଉଛି। କିନ୍ତୁ ଧାରା ୧୯ ଉପଧାରା ୨ରେ ସରକାର ଏ ଉପରେ ପ୍ରତିବନ୍ଧକ ଲଗାଇବାକୁ ମଧ୍ୟ ଅନୁମତି ଦେଇଛି। ଯେତେବେଳେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ତାହା ଭରତର ସାର୍ବଭୌମତ୍ୱ, ସାଧାରଣ ଶୃଙ୍ଖଳାକୁ ବ୍ୟାହତ କରୁନଥିବା ଦରକାର ବୋଲି ସୁପ୍ରିମକୋର୍ଟ ସ୍ଥିର କରିଥିଲେ।

ଏହାପରେ ୨୦୦୩ ମସିହାରେ ସମାନ ଏକ ଘଟଣାକୁ ନେଇ ତାମିଲନାଡୁ ସରକାର ଏବଂ ସରକାରୀ କର୍ମଚାରୀ ଟି.କେ ରଙ୍ଗରାଜନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ସମ୍ବିଧାନର ନିର୍ଦ୍ଦେଶକୁ ନଜରରେ ରଖି ନିର୍ଦ୍ଦେଶ ଏପରି ଦେଇଥିଲେ ଯାହା ଐତିହାସିକ ହୋଇ ରହିଛି। ଜଷ୍ଟିସ ଏମ୍‌ବି ଶାହ ଏବଂ ଏ ଆର ଲକ୍ଷ୍ମଣନ୍‌ଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଥିଲେ, 'ଧାରଣା ବା ଆନ୍ଦୋଳନ ଲାଗି ସରକାରୀ କର୍ମଚାରୀଙ୍କ ମୌଳିକ, ସାମ୍ବିଧାନିକ ବା ନୈତିକ ଅଧିକାର ନାହିଁ'। ସରକାରୀ କର୍ମଚାରୀଙ୍କ ଦ୍ୱାରା ଆନ୍ଦୋଳନ ସାଧାରଣ ବ୍ୟବସ୍ଥାକୁ ବାଧା ପହଞ୍ଚାଉଛି। ଏହାଦ୍ୱାରା ସାଧାରଣ ଲୋକ ପ୍ରଭାବିତ ହୁଅନ୍ତି। ଏପରି ନିଷ୍ପତ୍ତି ସ୍ପଷ୍ଟ କରୁଛି ଯେ, ସରକାରୀ କର୍ମଚାରୀ ସାଧାରଣ ନାଗରିକଙ୍କ ସେବା ବା ଦାୟିତ୍ୱକୁ ନୁହେଁ ଧାରଣା, ଆନ୍ଦୋଳନକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି।

କ୍ୟାପ୍ଟେନ ହରିଶ ଉପ୍ପଲ ଏବଂ ଭାରତ ସରକାରଙ୍କ ଭିତରେ ଚାଲିଥିବା ଏକ ମାମଲାକୁ ବିଚାର କରି ୨୦୦୨ ମସିହାରେ ସୁପ୍ରିମକୋର୍ଟ ସରକାରୀ କର୍ମଚାରୀଙ୍କ ଆନ୍ଦୋଳନ କରିବାର ଅଧିକାର ନାହିଁ ବୋଲି କହିଥିଲେ। ଓଡ଼ିଶା ହାଇକୋର୍ଟ ମଧ୍ୟ ୨୦୨୦ ମସିହାରେ ଆଇନଜୀବୀଙ୍କ ଦୀର୍ଘ ଦିନର ଆନ୍ଦୋଳନରେ ନିଜଆଡୁ ମାମଲା ରୁଜୁ କରି ଆନ୍ଦୋଳନକୁ ବେଆଇନ ଘୋଷଣା କରିଥିଲେ। ଏହା ସୁପ୍ରିମକୋର୍ଟରେ ମଧ୍ୟ କାଏମ ରହିଥିଲା। ଖାଲି ସେତିକି ନୁହେଁ, ଓଡ଼ିଶା ସରକାରୀ ସେବା ଆଚରଣ ବିଧି ବା ଓଡ଼ିଶା ସିଭିଲ ସର୍ଭିସେସ୍ କଣ୍ଡକ୍ଟ ରୁଲ୍‌ସ ୧୯୫୯ରେ ସରକାରୀ କର୍ମଚାରୀଙ୍କ କୌଣସି ପ୍ରକାର ଆନ୍ଦୋଳନ, ଧାରଣା, ବିକ୍ଷୋଭକୁ ବାରଣ କରାଯାଇଛି।

ତେଣୁ ଏବେ ଏଭଳି ବେଆଇନ ଆନ୍ଦୋଳକାରୀଙ୍କ ବିରୋଧରେ ସରକାର କି କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାର କଥା। ଏବେ କିଛି ଜିଲ୍ଲାରେ ବନ୍ୟା ସ୍ଥିତି ଓ ବାହୁଡ଼ା ଯାତ୍ରା ଥିବାରୁ ସରକାର ହୁଏତ ଆନ୍ଦୋଳନର ନେତୃତ୍ୱ ନେଉଥିବା ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନପାରନ୍ତି। କିନ୍ତୁ ଅନ୍ଦରମହଲର ତଥ୍ୟ କହୁଛି ସଂଘର ନେତାମାନେ ଏବେ ସରକାରଙ୍କ ସ୍ନାନରରେ ରହିଛନ୍ତି। ପୂର୍ବ ସରକାରର ଷଡଯନ୍ତ୍ରରେ ପରିଚାଳିତ ହୋଇ ବର୍ତ୍ତମାନର ସରକାରଙ୍କୁ ଅଡୁଆରେ ପକାଉଥିବା ଅଫିସରମାନେ ଏହାର ପରିଣାମ ଭୋଗିବେ।

### ବିରୋଧୀ ...

କରିବ ନାହିଁ । ଏହା ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ । ଏଥିରେ ସମ୍ପୃକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କୁ ପ୍ରଥମେ ଗିରଫ କରାଯାଇଥିଲା। ଯେହେତୁ ଅଭିଯୁକ୍ତମାନେ ଆକ୍ରମଣ ସମୟରେ ଜଗନ୍ନାଥ ପ୍ରଧାନଙ୍କ ନାମ ଉଚ୍ଚାରଣ କରିଥିଲେ, ସେଥିପାଇଁ ଓଏଏସ୍ ସଂଘ ତାଙ୍କର ଗିରଫଦାରୀ ପାଇଁ ଅଡ଼ିବସିଥିଲା। ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ କହିଥିଲେ ଯେ ପାଞ୍ଚଜଣଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି। ଆକ୍ରମଣ ପଛରେ ଯଦି ଆଉ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାର ତଦନ୍ତ ବେଳେ ଜଣାପଡ଼ିବ, ତେବେ ସରକାର ଏ ନେଇ କଠୋର କାର୍ଯ୍ୟାନୁଷ୍ଠାନ ନେବାରେ ପଶ୍ଚାତ୍‌ପଦ ହେବେ ନାହିଁ । ଶେଷରେ ତାହାହିଁ ହୋଇଛି।

ଗଣତନ୍ତ୍ରରେ ଆଇନର ଶାସନ ଚାଲେ। ଏହାକୁ ଆଧାର କରି ବିଜେପି ଓ ମୋହନ ସରକାର ଜଗନ୍ନାଥଙ୍କ ଆତ୍ମସମର୍ପଣ ଭଳି ଏକ ସମ୍ମାନଜନକ ରାସ୍ତା ବାହାର କରି ଦଳ ଓ ସରକାରଙ୍କର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ସମର୍ଥ ହେଲେ । ଅତୀତରେ ବିଜେଡି ସରକାର ଅମଳରେ ଏମିତି ବହୁ ନେତାଙ୍କ ବିରୋଧରେ ଅଭିଯୋଗ ଆସିଥିଲେ ମଧ୍ୟ ନବୀନ ପଟ୍ଟନାୟକ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନଥିଲେ। ସେମାନଙ୍କୁ ଗିରଫ କରିବା ତ ଦୂରର କଥା ସେମାନଙ୍କୁ ମନ୍ତ୍ରୀପଦରୁ ମଧ୍ୟ ହଟାଉନଥିଲେ। ମୋହନ ସରକାର କିନ୍ତୁ ଏଥିରେ ଏକ ବ୍ୟତିକ୍ରମ। ନିଜ ଦଳର ନେତା ଓ କର୍ମୀଙ୍କୁ ମଧ୍ୟ ସେ ଛାଡ଼ି ନାହାଁନ୍ତି। ଯଦିଓ ଜଗନ୍ନାଥଙ୍କ ବିରୋଧରେ ଏପର୍ଯ୍ୟନ୍ତ ଆପାତତଃ ପ୍ରମାଣଯୋଗ୍ୟ ତଥ୍ୟ ମିଳିଥିବା ନେଇ ସନ୍ଦେହ ରହିଛି। ତଥାପି ପୋଲିସ ତାଙ୍କ ବିରୋଧରେ ଯେଉଁ ଦଫା ଲଗାଇଛି ସରକାରୀ ସ୍ତରରେ ତାକୁ କୋହଳ କରିବାକୁ ମଧ୍ୟ ଉଦ୍ୟମ କରାଯାଇନାହିଁ। ଏମିତି ହୋଇଥିଲେ ଜଗନ୍ନାଥଙ୍କ ଜାମିନ ଆବେଦନ ଏସଡିଜେଏମ କୋର୍ଟରୁ ଖାରଜ ହୋଇ ସେ ଜେଲ ଯାଇନଥାନ୍ତେ।

### ବବି...

ଆବେଦନ ଖାରଜ ହୋଇଥିବା ବେଳେ ଆଜି ସେ ଉପର କୋର୍ଟରେ ଅପିଲ କରିଛନ୍ତି। ଏବେ ସରକାର ବଦଳିଛି, ଆଉ ରାଜନୈତିକ ଆଭିମୁଖ୍ୟ ବି ବଦଳିଛି। ତେଣୁ ଏବେ ସରକାର ପୁରୁଣା ଫାଇଲ ଖୋଲିବେ କି ଏବଂ ଦୋଷୀଙ୍କୁ ଜେଲରେ ପୂରାଇବେ କି ବୋଲି କର୍ମୀମାନେ ପ୍ରଶ୍ନ କରୁଛନ୍ତି। ଯଦି ଜଗନ୍ନାଥ ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ପଛରେ ମାଷ୍ଟରମାଇଣ୍ଡ ଥିଲେ, ତା'ହେଲେ ଅରୁଣ, ସଞ୍ଜୟ, ବବି, ପ୍ରତାପ, ଅତନୁ, ଅରୁଣ ମଧ୍ୟ ପରୀହତ୍ୟା, ଚିଟଫଣ୍ଡ, ବ୍ଲାକ ରୋଜ, ମାହାଙ୍ଗା ତ୍ରିପଲ ମର୍ଡର ଭଳି ସଙ୍ଗୀନ ମାମାଲାରେ କିଙ୍ଗପିନ ଥିଲେ ବୋଲି କର୍ମୀମାନେ ଯୁକ୍ତି ବାଢ଼ିବା ଆରମ୍ଭ କରିଦେଇଛନ୍ତି।

### ଆଜି...

ତଥାପି ଭିଡ଼ ବଢ଼ିବାରୁ ସନ୍ଧ୍ୟା ସାଢେ ୫ଟାରୁ ହିଁ ଦର୍ଶନ ବନ୍ଦ କରି ଦିଆଯାଇଥିଲା। ବାହୁଡ଼ା ଯାତ୍ରା ପରଦିନ ଅର୍ଥାତ୍ ରବିବାର ହେବ ସୁନାବେଶ। ପୁରୀରେ ୨୦ରୁ ୨୫ ଲକ୍ଷ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଟ୍ରାଫିକ ସମସ୍ୟାର ମୁକାବିଲା ପୁରୀ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ରୁଟ ଚାର୍ଟ ପ୍ରସ୍ତୁତ ହୋଇଛି। ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ସିସିଟିଭି ସର୍ଭିଲାନ୍ସରେ ରହିବ ପୂରା ପୁରୀ ସହର। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମନିଟରିଂ ବ୍ୟବସ୍ଥା ମଧ୍ୟ ହୋଇଛି। ଆସନ୍ତାକାଲି ଭୋର ୪ଟାରେ ମଙ୍ଗଳ ଆଳତୀ, ୪ଟା୧୫ରେ ମଇଲମ, ସାଢ଼େ ୪ଟାରେ ତଡ଼ପ ଲାଗି, ରୋଷହୋମ, ୫ଟାରେ ଅବକାଶ, ୫ଟା ୧୫ରେ ସୂର୍ଯ୍ୟପୂଜା, ସାଢ଼େ ୫ଟାରେ ଦ୍ୱାରପାଳ ପୂଜା ଓ ବେଶ ଶେଷ ହୋଇ ସକାଳ ୫ଟା ୪୫ରୁ ୬ଟା ୪୫ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପରେ କେବଳ ଖେଚୁଡ଼ି ଭୋଗ, ସକାଳ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ସେନାପଟା ଲାଗି, ୧୧ଟା ୪୫ରେ ମଙ୍ଗଳାର୍ପଣ, ମଧ୍ୟାହ୍ନ ୧୨ଟାରୁ ସାଢ଼େ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ହେବ। ସେହିପରି ଅପରାହ୍ନ ୧ଟାରୁ ସାଢ଼େ ୨ଟା ମଧ୍ୟରେ ବେଶ ଶେଷ, ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୩ଟା ଛେରା ପହଁରା, ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ଓ ଘୋଡ଼ା ଲାଗିବା ପରେ ୪ଟାରେ ରଥ ଟାଣିବା ପାଇଁ ନୀତି ନିର୍ଘଣ୍ଟ ହୋଇଛି।

ସ୍ଥିର ହୋଇଥିବା ନୀତି ଅନୁସାରେ ସବୁକିଛି ସମ୍ପନ୍ନ ହେବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶରଧାବାଲିରେ ଅଘଟଣ ପରେ ବାହୁଡ଼ାରେ ଯେମିତି କୌଣସି ତ୍ରୁଟି ନ ହୁଏ, ସେନେଇ ଯଥେଷ୍ଟ ସତର୍କତା ଅବଲମ୍ବନ କରିଛି ପୁରୀ ପୁଲିସ ଓ ପ୍ରଶାସନ। ନିଜେ ପୁଲିସ ଡିଜି ୱାଇବି ଖୁରାନିଆ ଶ୍ରୀକ୍ଷେତ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାହୁଡ଼ା ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ତେଣୁ ଭକ୍ତଙ୍କ ଭିଡ଼କୁ ଆଖିରେ ରଖି ଶୃଙ୍ଖଳିତ ଦର୍ଶନ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାର ତଦାରଖ ପୁରୀ ଜିଲ୍ଲାପାଳ ଓ ଏସପି କରୁଛନ୍ତି।

### ଗରିବଙ୍କ...

ଯୋଜନାରେ ଗରିବଙ୍କୁ ଘର ମିଳୁଛି। ପୂର୍ବ ସରକାର ମୋଦିଙ୍କ ଲୋକପ୍ରିୟତା ବଢ଼ିଯିବା ଭୟରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଲ୍ଲୀ ପଠାଉନଥିଲେ। ଲାଞ୍ଚ ନେଇ ସମ୍ପନ୍ନ ଲୋକଙ୍କୁ ଦଳୀୟ ଆଧାରରେ ଘର ଦିଆଯାଉଥିଲା, ଫଳସ୍ୱରୂପ ଗରିବ ଲୋକେ ଘର ପାଇବାରୁ ବଞ୍ଚିତ ହେଉଥିଲେ। କିନ୍ତୁ ଆମ ସରକାରରେ ଦଳୀୟ ରାଜନୀତି ଶେଷ ହୋଇଛି ଓ ଯୋଗ୍ୟ ଲୋକଙ୍କୁ ଘର ଦିଆଯାଉଛି। ଡବଲ ଇଞ୍ଜିନ ସରକାରରେ ଗରିବ ଲୋକ ନିଜର ଅଧିକାର ପାଇଛି।

ଦେବଗଡ଼ ଜିଲ୍ଲା ଏକ ଚଷାଚାଷୀର ଅଞ୍ଚଳ ଏବଂ ପଶୁପାଳନ ସହ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଏଠାରେ ଅପାର ସମ୍ଭାବନା ରହିଛି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ। ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲାର ସବୁ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଥିବା ଯୋଜନାର ତାଲିକା, ଅନଲାଇନ୍ ଆବେଦନର ପ୍ରକ୍ରିୟା ଏବଂ ବିଭିନ୍ନ ଚାଷର ଯୋଜନା ଓ ସରକାରୀ ପ୍ରୋତ୍ସାହନର ତାଲିକା ମାରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି ।

ପୂର୍ବରୁ ଶ୍ରୀ ପ୍ରଧାନ ଦେବଗଡ଼ରେ ନୂତନ ବସ ଟର୍ମିନାଲ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ୫ଟି ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଓ ମଶା ଧୂଆଁ ଗାଡ଼ିର ଲୋକାର୍ପଣ କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଦେବଗଡ଼ରେ ବସଯାତ୍ରୀ ଓ ଜନସାଧାରଣ ଉନ୍ନତ ସୁବିଧା ଓ ସେବା ପାଇପାରିବେ। ଏହି ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି।

### ପୁରୀକୁ ...

ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ। ଏହି ଲକ୍ଷ୍ୟ ହାସଲ ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡ଼ିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତଦାରଖ, ପୁନର୍ବିନ୍ୟାସ ଓ ରକ୍ଷଣାବେକ୍ଷଣ ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ପୁରୀ ସହର ଓ ଆଖପାଖରେ ଥିବା ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହାଦ୍ୱାରା ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକର ପ୍ରାୟ ୮ଟି ଗ୍ରାମପଞ୍ଚାୟତକୁ ସାମିଲ କରାଯିବ। ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇପାରିବେ। ଆସନ୍ତାକାଲିଠାରୁ ଏହି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବାକୁ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ମଧ୍ୟରେ ଅନ୍ୟତମ। ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ଡିଜିଟାଲ...

ଡିଜିଟାଲ ହୁଣ୍ଡି ସମର୍ପଣର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଭକ୍ତଗଣ ଅତି ସହଜରେ କ୍ୟୁଆର୍ କୋଡ୍ ବ୍ୟବହାର କରି ନିଜ ନିଜ ସମର୍ପଣ ଦେଇପାରିବେ। ଶ୍ରୀମନ୍ଦିରର ୱେବ୍‌ସାଇଟ୍‌ରେ ଏହି କ୍ୟୁଆର୍ କୋଡ୍ ପ୍ରଦର୍ଶିତ ହେବ। ଏଥିପାଇଁ ସମସ୍ତ ଇଚ୍ଛୁକ ବ୍ୟାଙ୍କ୍ ମନ୍ଦିର ବାହାର ପରିସରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ନିଜ ନିଜ କ୍ୟୁଆର୍ କୋଡ୍ ଷ୍ଟେସନ ସ୍ଥାପନ କରିପାରିବେ। ମନ୍ଦିର ବ୍ୟତୀତ ପୁରୀ ସହରର ଲୋକପ୍ରିୟ ସ୍ଥାନଗୁଡିକରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଅଧିକ ଦାନ ସଂଗ୍ରହ ସହ ଭକ୍ତଙ୍କ ଭଗବାନଙ୍କ ପ୍ରତି ସମର୍ପଣ ଭାବକୁ ପୂର୍ଣ୍ଣ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ମୃତକଙ୍କ...

କରିଥିବା ଓଡ଼ିଆ କର୍ମଚାରୀମାନେ ହେଲେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିବାସୀ ରାଜନାଲା ଜଗନ୍ ମୋହନ, କଟକ ଜିଲ୍ଲା ତିଗିରିଆ ଅନ୍ତର୍ଗତ ପାଇକରାପୁରର ଲମ୍ବଜିତ୍ ଦୁଆରି, ବାଲେଶ୍ୱର ଜିଲ୍ଲାର ସିମୁଳିଆ ଅନ୍ତର୍ଗତ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଏରବଙ୍ଗର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁରର ଚଇତୁ ଭତ୍ରା ଓ ରମେଶ ଗୌଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗୌଡ଼ ଓ ଗଞ୍ଜାମ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ର।

● ହଇଜା ନିୟନ୍ତ୍ରଣ ପାଇଁ ପ୍ରଶାସନର ପଦକ୍ଷେପ

## ପଟ୍ଟାମୁଣ୍ଡାଇରେ ଫୁଡ ସେଫ୍‌ଟି ଟିମର ଚଢ଼ାଉ

**ପଟ୍ଟାମୁଣ୍ଡାଇ, ୪।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ବିଭିନ୍ନ ଅଂଚଳରେ ବ୍ୟାପୁଥିବା ହଇଜା ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଆଗୁଆ ପଦକ୍ଷେପ ସ୍ୱରୂପ ବାସୀଖାଦ୍ୟ ବର୍ଜନ ଓ ବିଶୁଦ୍ଧ ପାଣି ପିଇବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରେ ଆଜି ପଟ୍ଟାମୁଣ୍ଡାଇ ବଜାରରେ ଥିବା ବିଭିନ୍ନ ହୋଟେଲ ଓ ଜଳ ଖିଆ ଦୋକାନରେ ଫୁଡ ସେଫଟି ଟିମ ଚଢ଼ାଉ କରିଥିବା ଖବର ମିଳିଛି । ସମ୍ଭାବ୍ୟ ଡାଇରିଆ ସ୍ଥିତିକୁ ମୁକାବିଲା କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ଏକ ଟିମ ପଟ୍ଟାମୁଣ୍ଡାଇ ବଜାରରେ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢ଼ାଉ କରି ଖାଦ୍ୟ ମାନ ପରୀକ୍ଷା ସହ ଜୋରିମାନା ଆଦାୟ କରିଥିବା ଜଣାପଡିଛି। ଫୁଡ ସେଫଟି ଟିମ ଚଢ଼ାଉ ବେଳେ ଖାଦ୍ୟର ମାନ ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଛି । କେନ୍ଦ୍ରାପଡ଼ା ପଡୋଶୀ ଜିଲ୍ଲା ଯାଜପୁରରେ ଝାଡାବାନ୍ତି ବେକାବୁ ହେବା ପରେ ପ୍ରଶାସନ ସଜାଗ ହୋଇଛି । ବିଭିନ୍ନ ଅଂଚଳରେ ଝାଡା ବାନ୍ତି ଲାଗି ରହିଛି । କେନ୍ଦ୍ରାପଡ଼ା ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ବଜାରରେ ବିଭିନ୍ନ ଦୋକାନ ଚଢ଼ାଉ ବେଳେ ବାହାରେ ଘୋଡାଇ ନ ରଖାଯାଇଥିବା ଖାଦ୍ୟ ସାମଗ୍ରୀକୁ ଫୋପାଡ଼ି ଦେଇଥିଲେ । ଏଇ ଅବସରରେ ଟିମ ଖାଦ୍ୟର ମାନ ଯାଞ୍ଚ କରିବା ସହିତ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ବିଭିନ୍ନ ହୋଟେଲ ଓ ଜଳ ଖିଆ ଦୋକାନୀମାନଙ୍କୁ ତାଗିଦ କରିଥିଲେ ।

## ଆମ ବିଦ୍ୟାଳୟ ପୁସ୍ତକ ଉନ୍ମୋଚିତ




**ପଟ୍ଟାମୁଣ୍ଡାଇ, ୪।୭ (ସଂଚାର ବ୍ୟୁରୋ) :** ପ୍ରତ୍ୟେକ ବିଦ୍ୟାଳୟରେ ପାଳିତ ହେଉଥିବା ବିଭିନ୍ନ ଦିବସର ଗୁରୁତ୍ୱ ରହିଥିବାରୁ ଏହି ଦିବସ ଗୁଡ଼ିକ ଆମ ପିଲାଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇଥାଏ। ଆମ ବିଦ୍ୟାଳୟ ଆମ ଦିବସ ପୁସ୍ତକଟି ପିଲାମାନଙ୍କ ପାଇଁ ବେଶ ଉପାଦେୟ ହେବ ବୋଲି କବି ଅନ୍ତର୍ଯ୍ୟାମୀ ବେଜଙ୍କ ଲିଖିତ ପ୍ରଥମ କବିତା ପୁସ୍ତକକୁ ଉନ୍ମୋଚନ କରି ରାଜ୍ୟ ଉଚ୍ଚ ଶିକ୍ଷା, ଭାଷା ସାହିତ୍ୟ ସଂସ୍କୃତି ଏବଂ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକାଶ କରିଛନ୍ତି ଦେଇଛନ୍ତି। ଭୁବନେଶ୍ୱରର ଠାରେ ବରିଷ୍ଠ ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ସମ୍ମାନିତଅତିଥି ଭାବେ ଯୋଗ ଦେଇଥିବାବେଳେ କବି ସୁବାସ ଚନ୍ଦ୍ର ନାୟକ, କବି ଗୋଲକ ନାୟକ, ନାରାୟଣ ପ୍ରସାଦ ରାଉଳ, ଲକ୍ଷ୍ମଣ ବେଜ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶତ୍ରୁଘ୍ନ ସିଂହ, ବନମାଳୀ ମହାପାତ୍ର, ନିରଞ୍ଜନ ମିଶ୍ର ପ୍ରମୁଖ ବହୁ କବି ସାହିତ୍ୟିକ ଯୋଗ ଦେଇଥିଲେ।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା




**ମାର୍ଶାଘାଇ, ୪।୭ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକ ମାର୍ଶାଘାଇ ଗ୍ରାମପଂଚାୟତ ଅନ୍ତର୍ଗତ ତୁଳସୀପୁର ଗ୍ରାମର ସମାଜସେବୀ ଚନ୍ଦ୍ରମଣି ସାହୁଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ପୁତ୍ର ଇଂ ଚିତ୍ତରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବି ଶଙ୍କର୍ଷଣ ରାଉତ, ଆମେରିକା ପ୍ରବାସୀ ମୁକୁନ୍ଦ ଜେନା, ବଟିରା ସମିତି ସଭ୍ୟା ସୁନତୀ ସାହୁ, ଗରଜଙ୍ଗା ସମିତି ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ,ମଣିକୁଣ୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରତାପ ରାଉତ, ପ୍ରାକ୍ତନ ଶିକ୍ଷକ ସୁକାନ୍ତ ନାୟକ, ସୁଶାନ୍ତ ନାୟକ, ଅଶୋକ ସ୍ୱାଇଁ, ନିଲୁ ନାୟକ,ଶଶୀରେଖା ସାହୁ, ମିନତୀ ସାହୁ, ଭାରତୀ ଦଳେଇ, ସୌମ୍ୟରଞ୍ଜନ ନାୟକ, ପ୍ରମୋଦ ନାୟକ, ଉମାକାନ୍ତ ରାଉତ, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁତୁରା ପବିତ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଉଚ୍ଚ ବିଦ୍ୟାଳୟ ବୁଲିଲେ ଫୁଲବାଣୀ ବିଧାୟକ



**କନ୍ଧମାଳ, ୪।୭ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲ୍ଲାର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହେବାପରେ ବିଧାୟକ ଉମାଚରଣ ମଲିକ ବିଭିନ୍ନ ପାହାଡ଼ିଆ, ଉପାନ୍ତ ଅଞ୍ଚଳକୁ ଯାଇ ଲୋକମାନଙ୍କର ସୁଖ ଦୁଃଖ ଓ ସୁବିଧା ଅସୁବିଧା ବିଷୟରେ ଆଲେଚନା କରି ଲୋକ ମାନଙ୍କର ସମସ୍ୟା ବୁଝି ଜନସାଧାରଣଙ୍କ ନିକଟତର ହେଉଥିବା ବେଳେ ବୁଧବାର ଦିନ କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକନା ଗାଁ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରି ଶିକ୍ଷକ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ଅନୁଧ୍ୟାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢି ବିଦ୍ୟାଳୟର ନା ରଖିବା ସହିତ ଭବିଷ୍ୟତ ବଡ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ବିଧାୟକଙ୍କର ଏପରି କାର୍ଯ୍ୟକଳାପ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି ମହଲରୁ ପ୍ରଶଂସା କରୁଥିବା ଜଣାପଡ଼ିଛି ।

# ଅସ୍ତରଙ୍ଗ ଓ କାକଟପୁରରେ ବଢୁଛି ଫେରିବାଲାଙ୍କ ସଂଖ୍ୟା



● ବାଂଲାଦେଶୀ ନା ପଶ୍ଚିମବଙ୍ଗ ବାସିନ୍ଦା ଜାଣି ହେଉନି

● କିଏ ଆସୁଛି କିଏ ଯାଉଛି ହିସାବ ରଖୁନି ପୁଲିସ

**କାକଟପୁର/ଅସ୍ତରଙ୍ଗ, ୪।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ତଥା ଆଖ ପାଖ ଅଂଚଳରେ ଫେରିବାଲାଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହି ଫେରିବାଲା ବାଂଲାଦେଶୀ ନା ପଶ୍ଚିମବଙ୍ଗ ବାସିନ୍ଦା ଜାଣି ହେଉନି। ଅଧିକ ଭଡା ଦେଉଥିବାରୁ ସ୍ଥାନୀୟ ବାସିନ୍ଦା ଫେରିବାଲାଙ୍କୁ ଘର ଭଡା ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଫେରିବାଲା ରହଣି ଓ ହରେକ ମାଲ ବ୍ୟବସାୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରୁଥିବା ବ୍ୟବସାୟ କମିବାରେ ଲାଗିଛି। ସ୍ୱଳ୍ପ ଲାଭ ରଖି ହରେକମାଲ ଶାଢ଼ୀ, ଲୁଗା, ବଦଳିଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ବିକ୍ରି କରିବା ପରେ ସ୍ଥାନୀୟ ବ୍ୟବସାୟୀ ହାତ ବାନ୍ଧି ସାରିଲେଣି। କିଏ ଆସୁଛି, କିଏ ଯାଉଛି ପୋଲିସ ପାଖରେ ଖବର ନାହିଁ। ଯଦି କିଛି ଅସୁବିଧା ହୁଏ ସେତେବେଳେ କିଏ ଦାୟୀ ରହିବ ପ୍ରଶ୍ନ ଉଠିଲାଣି।

କାକଟପୁର ଅଞ୍ଚଳର ମେଡିକାଲ ଛକ, ଭଣ୍ଡାଘର, କଟକଣା ଅଂଚଳରେ ଅନେକ ସ୍ଥାନରେ ୫୦ରୁ ଉର୍ଦ୍ଧ ଫେରିବାଲା ରହି ନିଜର ବ୍ୟବସାୟ କରୁଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ଅନେକ ଫେରିବାଲା ରହୁଛନ୍ତି। ଅନେକ ବ୍ୟବସାୟୀ ୨ ବଖରା ଘର ଭଡା ନେଇ ଗୋଟିକରେ ଗୋଦାମ ଓ ଅନ୍ୟଟିରେ ରହୁଛନ୍ତି। ଗୋଟିଏ ବଖରାରେ ୪ରୁ ୭ଜଣ ଲେଖାଏଁ ରହୁଛନ୍ତି। ୨ବଖରାକୁ ୧୦ରୁ ୧୨ହଜାର ଭଡା ଦେଉଛନ୍ତି। ସ୍ୱଳ୍ପ ଘରକୁ ଅଧିକ ଦାମ୍‌ରେ ଭଡା ମିଳୁଥିବାରୁ ଘର ମାଲିକ ଖୁସି ହେଉଛନ୍ତି। ଏହି ଫେରିବାଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗାଁ କୁ ଯାଇ ବ୍ୟବସାୟୀ ଚଳାଇ ଆସୁଛନ୍ତି। କାକଟପୁର ଅଞ୍ଚଳରେ ରହି ସେମାନଙ୍କ ନାଁ ଭୋଟର ତାଲିକାରେ ଉଠାଇ ସାରିଲେଣି ବୋଲି ଅଭିଯୋଗ ହୋଇ ଆସୁଛି। ଏପରିକି ପଂଚାୟତ ଓ ବିଧାନସଭା ନିର୍ବାଚନରେ ଏମାନେ ଭୋଟ ଦେଉଛନ୍ତି ବୋଲି ଚର୍ଚ୍ଚା।

ପ୍ରଶ୍ନ ଉଠୁଛି ପୁରୀ ଜିଲ୍ଲା ବାସିନ୍ଦା ନ ହୋଇ ସ୍ଥାୟୀ ପ୍ରମାଣପତ୍ର ନ ଥାଇ ସେମାନଙ୍କ ନାଁ ଭୋଟର ତାଲିକାରେ ଉଠିଲା କିପରି ? ସେମାନଙ୍କୁ କାହିଁକି ଭୋଟର ତାଲିକାରେ ନାଁ ଉଠାଣ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ପ୍ରଶାସନ ପୁଲିସ ସେମାନଙ୍କ ପାଇଁ କାହିଁକି ପଦକ୍ଷେପ ନେଉନାହିଁ। ତାହା ମଧ ଏକ ପ୍ରଶ୍ନବାଚୀ? ପ୍ରାୟ ୨୫ବର୍ଷ ହେବ ଏଭଳି ସ୍ଥିତି ଲାଗି ରହିଥିବା ବେଳେ ଆଗାମୀ ଦିନରେ ଏହା କିଛି ଯେ ଅସୁବିଧା ନ ଘଟାଇ ପାରେ କହି ହେବନି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

ସମ୍ ହସ୍ପିଟାଲ୍‌ରେ ଯକ୍ଷ୍ମା ଜୀବାଣୁ ଚିହ୍ନଟ ଅଭିଯାନ

## ମାଗଣାରେ ସିୱାଇ ଟିବି ପରୀକ୍ଷଣ ଉପଲବ୍ଧ




**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ) :** ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଅଭିଯାନ ପରିପ୍ରେକ୍ଷୀରେ ମଣିଷ ଶରୀରରେ ଯକ୍ଷ୍ମା ଜୀବାଣୁ ଚିହ୍ନଟ କରିବା ନିମନ୍ତେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ବିନା ମୂଲ୍ୟରେ ସିୱାଇ ଟିବି ଇନ୍‌ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଉପଲବ୍ଧ ହୋଇଛି।

ସମ୍ ହସ୍ପିଟାଲ୍‌ରେ ଶୁକ୍ରବାର ଏ ସମ୍ପର୍କିତ ଏକ ସିଏମ୍ଇ ଆୟୋଜନ କରାଯାଇଥିବା ବେଳେ ଏ ବିଷୟରେ ସୂଚନା ଦେଇଛନ୍ତି ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବନାନୀ ଜେନା। ଏହି ସିୱାଇ ଟିବି ଇନ୍‌ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଏକ ସ୍ୱଦେଶୀ କିଟ୍‌ରେ ଉପଲବ୍ଧ ଯାହାକି ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଛି। ଏହି କିଟ୍ ସାହାଯ୍ୟରେ କରାଯାଉଥିବା ପରୀକ୍ଷଣରେ ମଣିଷ ଶରୀରରେ କେତେ ପ୍ରତିଶତ ଯକ୍ଷ୍ମା ଜୀବାଣୁ ରହିଛି ତାହା ଜଣାପଡ଼ିବ ବୋଲି ପ୍ରଫେସର ଜେନା କହିଛନ୍ତି। ସମ୍ ହସ୍ପିଟାଲ୍‌ର ସେଂଟ୍ରାଲ ଲାବୋରେଟୋରୀରେ ଏହି ପରୀକ୍ଷା ଉପଲବ୍ଧ ଥିବା ବେଳେ ଜନସାଧାରଣ ମାଗଣାରେ ଏହି ପରୀକ୍ଷା କରାଇପାରିବେ ବୋଲି ପ୍ରଫେସର ଜେନା କହିଛନ୍ତି।

ଏହି ପରୀକ୍ଷଣ ସମ୍ପର୍କରେ ଆୟୋଜିତ ସିଏମଇରେ ପଲମୋନାରୀ ମେଡିସିନ୍ ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) କ୍ଷୀରୋଦ ଚନ୍ଦ୍ର ସାହୁ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଯକ୍ଷ୍ମା ନିରାକରଣ ଚିକିତ୍ସା ନିମନ୍ତେ ଏହି ସିୱାଇ ଟିବି ପରୀକ୍ଷା ନିତାନ୍ତ ଆବଶ୍ୟକ ଏବଂ ଯେକୌଣସି ସୁସ୍ଥ ଲୋକ ମଧ ଏହି ପରୀକ୍ଷା କରାଇପାରିବା ସହ ୫ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କର ମଧ ଏହି ପରୀକ୍ଷା କରାଯାଇପାରିବ ବୋଲି କହିଛନ୍ତି ସମ୍ ହସ୍ପିଟାଲ୍‌ର ମେଡିସିନ୍ ବିଭାଗର ପ୍ରଫେସର (ଡାକ୍ତର) ଲଳିତ କୁମାର ମେହେର। ଆୟୋଜିତ ସିଏମ୍‌ଇରେ ସମ୍ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ନୂତନ କାର୍ଯ୍ୟକାରିଣୀ କମିଟିର 'ସହମନ୍ତ୍ରୀ' ହେବେ ଗାୟତ୍ରୀ



**ବୋରିଗୁମ୍ମା, ୪।୭ (ସଂଚାର ବ୍ୟୁରୋ) :** ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିବା ବେଳେ ଏହାର 'ସହମନ୍ତ୍ରୀ' ଭାବେ ବୋରିଗୁମ୍ମା ଅବସରପ୍ରାପ୍ତ ସିଡିପିଓ ଗାୟତ୍ରୀ ବାହିନୀପତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସର୍ବଭାରତୀୟ ସ୍ତରରେ କେବଳ ଓଡିଶାରୁ ଜଣେ ମାତ୍ର ମହିଳା ଶ୍ରୀମତୀ ବାହିନୀପତି ସ୍ଥାନ ପାଇବା ଓଡ଼ିଶା ପାଇଁ ଏକ ଗୌରବର ବିଷୟ।

ସୂଚନାଯୋଗ୍ୟ ପୂର୍ବରୁ ସେ ବୋରିଗୁମ୍ମା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପର ସୁନାମ ଧନ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ବର୍ତ୍ତମାନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ସଦସ୍ୟା ଭାବେ କାର୍ଯ୍ୟରତ ଅଛନ୍ତି । ସେ ତାଙ୍କ ପିତାଙ୍କ ଉଦେଶ୍ୟରେ ନିଜସ୍ୱ ଲେଖନୀ ମୁନରୁ ଫୁଟିଉଠିଥିବା ଏକ ପୁସ୍ତକ 'ସ୍ମୃତି ପାଖୁଡା' ଉତ୍ସର୍ଗୀତ କରିଛନ୍ତି। ପୁସ୍ତକଟି ସମସ୍ତ ପାଠକ ପାଠିକା, ସୁପରଭାଇଜର ଏବଂ ସିଡିପିଓଙ୍କୁ ପ୍ରେରଣା ଯୋଗାଇବ ବୋଲି ଆଶା ରଖିଛନ୍ତି କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଏବଂ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି।

## ଚାରି ହଜାର ଟଙ୍କା ପାଇଁ ଯୁବକଙ୍କୁ ପିଟି ପିଟି ମାରିଦେଲେ ଦୁଇଭାଇ, ତିନି ଅଭିଯୁକ୍ତ ଗିରଫ



**ଖୋର୍ଦ୍ଧା, ୪।୭ (ସଂଚାର ବ୍ୟୁରୋ) :** ବାକି ଥିବା ଚାରି ହଜାର ଟଙ୍କା ନ ଦେବାରୁ ଆରମ୍ଭ ହୋଇଥିଲା ବଚସା। ବଚସା ଏତେ ଉଗ୍ରରୂପ ଧାରଣ କରିଥିଲା ଯେ ଦୁଇଭାଇଙ୍କ କାଠ ଫାଳିଆ ମାଡ଼ରେ ଯୁବକର ମୃତ୍ୟୁ ଘଟିଛି। ପୁଲିସ ମୃତ ଦେହ ଜବତ କରିବା ସହ ହତ୍ୟାକାଣ୍ଡର ଖୁଲାସା କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି। ଘଟଣା ଘଟିଥିଲା ଜଟଣୀ ଥାନା ଅନ୍ତର୍ଗତ ପଦନପୁର ଅଞ୍ଚଳରେ। ସେଇ ଅଞ୍ଚଳର ଭିମରାଜ ମହାନ୍ତି (୩୮) ଏବଂ ସୁରେଶ ମହାନ୍ତି (୩୬) ଦୁଇଭାଇଙ୍କ ସହ ଗତ ୨୮ ତାରିଖ ସନ୍ଧ୍ୟାରେ ଜଟଣୀ ଥାନା ଅଧିନସ୍ଥ ବିକାଶ ନଗରର ହିରଣ୍ୟ ବେହେରାଙ୍କ ସହ ଚାରି ହଜାର ଟଙ୍କା ବାକି ପଇସାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳର କିଛି ସମୟ ପରେ ସମସ୍ତେ ମଦ ପିଇ ପୁନର୍ବାର ପୂର୍ବକଥାକୁ ଦୋହରାଇ ଥିଲେ। ଦୁଇଭାଇଙ୍କ କାଠ ଫାଳିଆ ମାଡ଼ରେ ହିରଣ୍ୟର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତଦେହକୁ ଉଭୟ ଦୁଇଭାଇ ନିଜ ସମ୍ପର୍କୀୟଙ୍କ ସହ ମିଶି ଖୋର୍ଦ୍ଧା ଠେଙ୍ଗା ହାଟରୁ ବରୁଣେଇ ଯିବା ରାସ୍ତାରେ ଥିବା ବଧାପୋଖରୀ ନିକଟରେ ଫୋପାଡି ଦେଇଥିଲେ।

## ଲୋକଙ୍କ ଭରସା ତୁଟାଉଛି କାକଟପୁର ପୁଲିସ

● ଚୋରିକୁ ଅଣଦେଖା ● ଗୋଟିଏ ଦିନରେ ସିରିଜ ଚୋରି

**କାକଟପୁର/ଅସ୍ତରଙ୍ଗ, ୪।୭ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଚୋରଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ଗାଁରୁ ବଜାର ସବୁଠି କଳାକନା ବୁଲାଉଛନ୍ତି ଚୋର। ଏଭଳି ଚୋରି ସମ୍ପର୍କିତ ମାମଲା କାକଟପୁର ଥାନାକୁ ଆସୁଛି। ପୁଲିସ କେବଳ ମାମଲା ରୁଜୁ କରୁଛି। ବଡ଼ ଚୋରି ହୋଇଥିଲେ କୁକୁର ଧରି ବୁଲି ଆସୁଛି। ସେଇଠୁ ତଦନ୍ତ ସରୁଛି। ଗୋଟିଏ ବି ଚୋରିର ପର୍ଦ୍ଦାଫାସ କରିପାରୁନି କାକଟପୁର ପୁଲିସ। ଏଭଳି ଚୋରିକୁ ଅଣଦେଖା କରି ଆସୁଛି କାକଟପୁର ପୁଲିସ।



ଗତ ୬ମାସ ଭିତରେ କାକଟପୁର ଥାନା ଅଂଚଳରେ ୧୦ରୁ ଉର୍ଦ୍ଧ ଚୋରି ହୋଇଛି। ମନ୍ଦିର ଠାରୁ ଆରମ୍ଭ କରି ଘରୁ ଚେନ ଚୋରି ପର୍ଯ୍ୟନ୍ତ ଚୋରି ହୋଇଛି। ସେ ସବୁର ଟେର ପାଉନି ପୁଲିସ। ଯେଉଁଥି ପାଇଁ ଚୋରି ମାମଲା ଏବେ ଡକାୟତ ରୂପ ନେଇଛି। ସବୁ କିଛି ପୁଲିସର ନିଷ୍କ୍ରିୟତାରୁ ବଢୁଥିବା ବୁଦ୍ଧିଜୀବୀ ମହଲରୁ ଅଭିଯୋଗ ହୋଇଛି।

ଗୁରୁବାର ବିଳମ୍ବିତ ରାତ୍ରରେ କାକଟପୁର ଥାନା ଅଞ୍ଚଳରୁ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ବେଳେ ବଲରା ସ୍ଥିତ ମାଧବାନନ୍ଦ ମନ୍ଦିର ପୂଜକ ଶୁକ୍ରବାର ସକାଳୁ ଦେଖିଥିଲେ ମନ୍ଦିର କୋଲପ୍ ଓ କୁନ୍ଦା ଭାଙ୍ଗି ଡାଲ, ଥାଳି, ବାଲ୍‌ଟି ଏବଂ ରୂପା ହାର ନେଇଛନ୍ତି। ଏ ନେଇ ପୂଜକ ବିଜୟ କୁମାର ଦାଶ ଅଭିଯୋଗ କରିଥିବା ବେଳେ, ପତିସାହି ନିକଟସ୍ଥ ମହାବୀର ମନ୍ଦିର ନିକଟସ୍ଥ ଆଲୋକ କୁମାର ଦାଶଙ୍କ ଘରୁ ପାଣି ମଟର, ଗ୍ୟାସ ଚୋରି କରିନେଇଛନ୍ତି। ଏହା ଶହ ପତିସାହି ନିକଟ ମହାବୀର ମନ୍ଦିର ପୂଜକ ବିପିନି ବିହାରୀ ଦାଶଙ୍କ ଅଭିଯୋଗ କ୍ରମେ ରୂପା ମୁକୁଟ, ସୁନାର ଆଖି ୨ଟା, କଡୁ ରୂପାର ୨ଟା, ହୁଣ୍ଡୀ ବାକ୍ସ ପ୍ରାୟ ଆନୁମାନିକ ୧୫ହଜାରରୁ ୨୦ହଜାର ଟଙ୍କା ନେଇଯାଇଛନ୍ତି ବୋଲି କାକଟପୁର ଥାନାରେ ଅଭିଯୋଗ କରିଛନ୍ତି।

ବାରମ୍ବାର ବିଭିନ୍ନ ମନ୍ଦିର ରୁ ଚୋରି ହେଉଥିବା ବେଳେ ଗୁରୁବାର ରାତ୍ରରେ ଏକକାଳୀନ ୩ଟି ଜାଗାରୁ ଚୋରି ପୁଲିସକୁ ଏକ ପ୍ରକାର ଆଶ୍ଚର୍ଯ୍ୟ କରିଛି। କୌଣସି ଘଟଣାରେ ସାମାନ୍ୟ ଖିଅ ପାଉନି। ଯାହା ଦ୍ୱାରା ଚୋରିକୁ ଅଣଦେଖା କରିବା ଦ୍ୱାରା ଏବେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଚୋରଙ୍କ ସାହସ ବଢ଼ି ବଢ଼ି ଚାଲିଛି।

# ଭେକ୍ଟର ବାହିତ ରୋଗର ସମୀକ୍ଷା କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ



**ଖୋର୍ଦ୍ଧା, ୪।୭ (ସଂଚାର ବ୍ୟୁରୋ) :** ଆଜି ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଅପରାହ୍ନରେ ଜିଲ୍ଲା ସଦର ମହକୁମା ଗୋପବନ୍ଧୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଓ ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ ନେଇଥିଲେ ।

ଉକ୍ତ ବୈଠକରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଭାରପ୍ରାପ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡାକ୍ତର ନୀଳକଣ୍ଠ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ଓ ସ୍ୱାସ୍ଥ୍ୟ ସେବା ଉପରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ମାନ୍ୟବର ମନ୍ତ୍ରୀ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଭଳି ଭେକ୍ଟର ବାହିତ ରୋଗ ବ୍ୟାପିବାର ଯଥେଷ୍ଟ ଆଶଙ୍କା ଥାଏ ବୋଲି ପ୍ରକାଶ କରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଭେକ୍ଟର ବାହିତ ରୋଗ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ କୌଣସି ଗୋଟିଏ ସ୍ଥାନରେ ଯେପରି ଦେଖା ନ ଯାଏ ସେଥିପ୍ରତି ସମସ୍ତ କାର୍ଯ୍ୟନ୍ୱୟନ ଅଧିକାରୀ ଯତ୍ନବାନ ହେବା ସହ ଏହାକୁ ଶତପ୍ରତିଶତ ନିୟନ୍ତ୍ରଣ କରି ଶୁନ ମୃତ୍ୟୁ ହାର ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ମିଳିତ ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ସୋଆ ଓ ଇଗ୍ନୋ ମଧ୍ୟରେ ବୁଝାମଣା




**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ) :** କୃଷି ବିଜ୍ଞାନ କ୍ଷେତ୍ରରେ ମିଳିତ ଭାବରେ ଦୂରଶିକ୍ଷା ବ୍ୟବସ୍ଥା ମାଧମରେ ୭ଟି ଶିକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଇନ୍ଦିରା ଗାନ୍ଧି ନ୍ୟାସ୍‌ନାଲ୍ ଓପନ୍ ୟୁନିଭର୍ସିଟି (ଇଗ୍ନୋ) ମଧ୍ୟରେ ଏକ ବୁଝମଣା ସ୍ୱାକ୍ଷରିତ ହୋଇଯାଇଛି। ସୋଆରେ ଇଗ୍ନୋ ପକ୍ଷରୁ ଏକ ଲର୍ଣ୍ଣର ସପୋର୍ଟ ସେଂଟର (ଏଲ୍‌ଏସ୍‌ସି) ଆରମ୍ଭ କରାଯାଇ ଏହି ଶିକ୍ଷା କାର୍ଯ୍ୟକ୍ରମ ସମ୍ପାଦନ କରାଯିବ ବୋଲି ବୁଝାମଣାରେ ଦର୍ଶାଯାଇଛି।

ବୁଝାମଣା ଅନୁଯାୟୀ ଏହି ଏଲ୍‌ଏସ୍‌ସି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ରେ ପ୍ରାଥମିକ ସ୍ତରରେ ଅର୍ଗାନିକ ଫାର୍ମିଂ, ବି କିପିଙ୍ଗ୍ ଓ ପୋଲ୍‌ଟ୍ରି ଫାର୍ମିଂରେ ସାର୍ଟିଫିକେଟ ପ୍ରୋଗ୍ରାମ ପ୍ରଦାନ କରାଯିବ। ସେହିପରି ହର୍ଟିକଲ୍‌ଚର୍ ଏବଂ ଡାଇରୀ ଟେକ୍ନୋଲଜିରେ ଡିପ୍ଲୋମା ପ୍ରୋଗ୍ରାମ୍ ଏବଂ ଏଗ୍ରିବିଜିନେସ ଓ ଏଗ୍ରିକଲ୍‌ଚରାଲ୍ ପଲିସିରେ ପୋଷ୍ଟ ଗ୍ରାଜୁଏଟ୍ ସାର୍ଟିଫିକେଟରେ ପାଠ୍ୟକ୍ରମ ରହିବ। ଆଗାମୀ ଦିନରେ ଏହି ପାଠ୍ୟକ୍ରମଗୁଡ଼ିକ ବୃଦ୍ଧି ପାଇବାର ଯୋଜନା ରହିଛି।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଇଗ୍ନୋର ନିର୍ଦ୍ଦେଶକ (ଆର୍‌ଏସ୍‌ଡି) ଡକ୍ଟର ମନୋରମା ସିଂ ବୁଝାମଣାରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଏଠାରେ ଗୁରୁବାର ସୋଆର କୁଳପତି ପ୍ରଫେସର ନନ୍ଦ ଏବଂ ଇଗ୍ନୋର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାକ୍ଷରିତ ବୁଝାମଣା ପତ୍ର ଆଦାନ ପ୍ରଦାନ କରିଥିଲେ।

## ଗ୍ରାମସାଥୀ ଓ ଜବ୍ କାର୍ଡଧାରୀଙ୍କ ମଧ୍ୟରେ ଗଣ୍ଡଗୋଳ, ମାମଲା ରୁଜୁ

**ନିଶ୍ଚିନ୍ତକୋଇଲି, ୪।୭ (ସଂଚାର ବ୍ୟୁରୋ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୁଳ ଗ୍ରାମପଂଚାୟତ ୧୦ନଂ ୱାର୍ଡ଼ରେ ଚାଲୁଥିବା ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ମନେରଗା)ରେ ଏକ ରାସ୍ତା କାର୍ଯ୍ୟକୁ ନେଇ ଗ୍ରାମସାଥୀ ଓ ଜବ୍ କାର୍ଡଧାରିଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହିତ କିଶନ ନଗର ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ଗ୍ରାମସାଥୀ ସନ୍ଧ୍ୟାରାଣୀ ସ୍ୱାଇଁ ତାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ମେହେନ୍ଦିପୁର ଗ୍ରାମର କିଛି ଯୁବଗୋଷ୍ଠି ମିଳିମିଶି ଏହି କାର୍ଯ୍ୟରେ ଦୂର୍ନୀତି କରିଥିବା କଥାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ଉତ୍ତରକୁଳ ଗ୍ରାମ ୧୦ନଂ ୱାର୍ଡର ଏକ ଜବକାର୍ଡଧାରୀ ଅଶୋକ କୁମାର ସ୍ୱାଇଁ ଏବଂ ୯ନଂ ୱାର୍ଡର ତପନ କୁମାର ଦାସ, କାଳିଆ ପ୍ରମୂଖ ଗ୍ରାମସାଥୀ ଶ୍ରୀମତି ସ୍ୱାଇଁଙ୍କୁ ରାସ୍ତା କାର୍ଯ୍ୟ ବିଷୟରେ ପଚାରିବାରୁ ସେ ପ୍ରଶ୍ନକର୍ତ୍ତା ମାନଙ୍କ ନାମରେ କିଶନ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାହା ପଞ୍ଜିକୃତ ହୋଇ ପିଏସ୍ କେଶ୍ ନଂ ୧୫୩/୨୦୨୫ ରୁଜୁ ହୋଇ ମାମଲାର ତଦନ୍ତ ସବ୍ ଇନ୍ସପେକ୍ଟର ଦେ. ସାହୁ କରୁଥିବା ବେଳେ ଅପର ପକ୍ଷରୁ ଅଶୋକ ସ୍ୱାଇଁଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ ପକ୍ଷରୁ ପାଲଟା ଅଭିଯୋଗ ହୋଇଛି। ତାଙ୍କ ସ୍ୱାମୀ ଘରେ ନଥିବା ସମୟରେ ଗ୍ରାମସାଥି ଶ୍ରୀମତି ସ୍ୱାଇଁଙ୍କ ପୁତ୍ର ଜିତୁ ମଦ୍ୟପାନ କରି ଏକ ବାଉଁଶରେ ତାଙ୍କ କବାଟ ବାଡେଇବା ସହିତ ତାଙ୍କ ଝିଅର ମୋବାଇଲ ଫୋନ୍‌କୁ ଛଡ଼ାଇ ନେବା ସହ ତାଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ୍ କରିଥିବା କଥା ସହ ଏହା କେବଳ ଜବ୍ କାର୍ଡ କାର୍ଯ୍ୟକୁ ନେଇ ଘଟଣା ଘଟାଯାଇଥିବା କଥା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

ଯାହାକୁ ନେଇ ଥାନା ଅଧିକାରିଣୀ ଦୂର୍ଗେଶି ନନ୍ଦିନୀ ମହାନ୍ତି କେଶ୍ ନଂ ୧୫୫/୨୦୨୫ରେ ମାମଲା ରୁଜୁ କରି ମହାଳହାଟ ଫାଣ୍ଡି ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେଇଛନ୍ତି। ତେବେ କିଶନ ନଗର ଥାନା ପୋଲିସ୍ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବହୁ ଜବ୍ କାର୍ଡଧାରୀ ମାନେ କାମ ନକରି ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଯାଉଥିବା ସ୍ଥଳେ ଜବ୍ କାର୍ଡଧାରୀ ମାନେ କାର୍ଯ୍ୟ କରି ଟଙ୍କାଟିଏ ନପାଇ ନିରାଶ ହେଉଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

### ରାମ ଚରିତ ମାନସ ମନ୍ଦିରର ଭୂମି ପୂଜନ ସମାରୋହ

# ସଂସ୍କୃତିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ପୁରୀର ମଙ୍ଗଳାଘାଟଠାରେ ଆୟୋଜିତ ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ସଂସ୍କୃତି

- **ଯୋଗଦେଲେ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟଜୀ ମହାରାଜ**
- **ଭିଜନ ଡକୁମେଣ୍ଟ '୩୬ ପାଇଁ ୩୬' ପ୍ରସ୍ତୁତ ଅଛି**




ଓ ସଂସ୍କାରଧର୍ମୀ କାର୍ଯ୍ୟ ଓ ଏହାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟଜୀ ମହାରାଜ ଅଧ୍ୟକ୍ଷତା କରି ଏହି ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଥିଲେ। ରାଘବ ପରିବାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ପାଟଣା ଗ୍ରାମରେ ଭଗବାନ ଶ୍ରୀରାମ ଚରିତ ମାନସ ଭବ୍ୟ ମନ୍ଦିର ହେବା ସୌଭାଗ୍ୟର ବିଷୟ ଓ ଏହି ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ କରିବାକୁ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟଜୀ ମହାରାଜଙ୍କ ଆଗମନ ଆମ ପାଇଁ ଆଶୀର୍ବାଦ। ଏଠାରେ ରାମ ଚରିତ ମାନସ ମନ୍ଦିର ପ୍ରତିଷ୍ଠା ହିନ୍ଦୁ ପରମ୍ପରାର ଏକ ଅନନ୍ୟ ନିଦର୍ଶନ। ଆଗାମୀ ୧୦ ବର୍ଷ ଅର୍ଥାତ ୨୦୩୬ ପର୍ଯ୍ୟନ୍ତ ଆମର ଭିଜନ ଡକୁମେଣ୍ଟ '୩୬ ପାଇଁ ୩୬' ପ୍ରସ୍ତୁତ ରହିଛି ଓ ସରକାର ସେଇ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସମାଜର ୪ଟି ବର୍ଗ ଅନ୍ନଦାତା, ଗରିବ, ମହିଳା ଓ ଯୁବାଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଭାବରେ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ବିକଶିତ ଭାରତକୁ ସାକାର କରିବ। ରାଜ୍ୟରେ ସମସ୍ତ ଜନହିତକର ଯୋଜନା ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚୁଛି ଏବଂ ଓଡ଼ିଶା ବିକାଶର ଶିଖର ଛୁଇଁବ। ଭୂମିପୂଜନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ସେହି ସ୍ଥାନରେ ଏକ ନିମ୍ବ ଗଛ ଲଗାଇଥିଲେ ଏବଂ ଭୂମି ପୂଜନ ଯଜ୍ଞରେ ନିର୍ମାଣ ପ୍ରସ୍ତରର ଶୁଭ ଦେଇଥିଲେ। ଏହି ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ଉପସ୍ଥିତ ଥିଲେ।

---

## ରତ୍ନଭଣ୍ଡାର ମରାମତି ୯୦% ଶେଷ



**ପୁରୀ, ୪।୭ (ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ୯୦ ପ୍ରତିଶତ ଶେଷ ହୋଇଛି। ଆସନ୍ତା ନୀଳାଦ୍ରି ବିଜେ ପୂର୍ବରୁ ରତ୍ନ ଭଣ୍ଡାରର ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ଶେଷ କରାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନ ଭଣ୍ଡାର ହସ୍ତାନ୍ତର କରାଯିବା ନେଇ ଲକ୍ଷ୍ୟଥିବା ନେଇ ଏଏସଆଇ ସୂଚନା ଦେଇଛି। ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରର କାନ୍ଥ, ଚଟାଣ ମରାମତି ପାଇଁ ଛଅ ଶହ ପଥର ବଦଳାଯାଇଛି। ତେବେ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ସରିବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ରତ୍ନ ଭଣ୍ଡାର ତଦାରଖ ଉଚ୍ଚ ସ୍ତରୀୟ କମିଟି ସରକାରଙ୍କ ସୁପାରିସ ପାଇବା ପରେ ରତ୍ନ ଅଳଙ୍କାରର ଗଣତି କାର୍ଯ୍ୟ କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବରୁ କହିଥିଲେ। ଏଣୁ ରତ୍ନ ଅଳଙ୍କାର ଗଣତି କେବେ ହେବ ସେନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ବିଜେପିର ନିର୍ବାଚନ ଇସ୍ତାହାର ଅନୁଯାୟୀ ରତ୍ନ ଭଣ୍ଡାର ଗତ ୨୦୨୪ଜୁଲାଇ ୧୪ରେ ଖୋଲିଥିଲା। ତେବେ ଗତ ୨୦୨୪ ଡ଼ିସେମ୍ବରରୁ ଏଏସଆଇ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରିଥିଲା। ଯାହାକି ଆଜି ଶେଷ ପର୍ଯ୍ୟାୟରେ। ସେହିପରି ଏଏସଆଇ ଓଡ଼ିଶା ସର୍କଲର ଅଧୀକ୍ଷକ ଡି ବି ଗଡନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି,"ନୀଳାଦ୍ରି ବିଜେ ଆଗରୁ ସରିବ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ। ନବେ ଭାଗ ମୁଖ୍ୟ ମରାମତି କାର୍ଯ୍ୟ ଗୁଡ଼ିକ ଶେଷ ହୋଇଛି। ୧୪ ବିମରୁ ୧୨ଟି ପରିବର୍ତ୍ତନ ହୋଇ ନୂତନ ବୀମ ଲାଗି ସରିଛି। ଆଉ ଦୁଇଟି ବିମ ସ୍ଥାପନ କାର୍ଯ୍ୟ ଆଜି ସନ୍ଧ୍ୟା ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖିଛି ଏଏସଆଇ। ୬ ତାରିଖ ସୁଦ୍ଧା କାର୍ଯ୍ୟ ସାରିବାକୁ ରହିଛି ଲକ୍ଷ୍ୟ। କେବଳ ଫିନିଶିଂ କାର୍ଯ୍ୟ ବାକି ରହିଛି। କ୍ଲିନିଂ ପଏଣ୍ଟିଂ କାର୍ଯ୍ୟ ନୀଳାଦ୍ରି ବିଜେ ପୂର୍ବରୁ ଶେଷ ହେବ। ସାଇନ୍ସ ବ୍ରାଞ୍ଚ ଦ୍ୱାରା ହେବ କେମିକାଲ କ୍ଲିନିଂ କାର୍ଯ୍ୟ।ପରେ ସ୍ଥାୟୀତ୍ୱ ଦୃଷ୍ଟି କୋଣରୁ ଏକ ପ୍ରିଜରଭେଟିଭ ଦିଆଯିବ। ପ୍ରାୟ ୬ଶହଟି ପଥର ରିପ୍ଲେଶ ବା ପ୍ରତିସ୍ଥାପନ କାର୍ଯ୍ୟ ହୋଇଛି। କାନ୍ଥରେ ଥିବା ଭର୍ଟିକାଲ୍ କ୍ରାକ୍ ମରାମତି ସହ ବେଲ୍ଟ, ଓ୍ୱିମ୍, ପକେଟ୍ ଚଟାଣର ମେଜର କାର୍ଯ୍ୟ ଗୁଡ଼ିକ ହୋଇଛି। ୮୦ରୁ ଅଧିକ ଲୋକ ମରାମତି କାର୍ଯ୍ୟ ଜାରି ରଖିଛନ୍ତି।

---

### ଆଜି ୬ କେନ୍ଦ୍ରୀୟ ଉଚ୍ଚଶିକ୍ଷାନୁଷ୍ଠାନ ସହ ଚୁକ୍ତି

# ଉଚ୍ଚଶିକ୍ଷା କ୍ଷେତ୍ରରେ ହେବ ମାଇଲଖୁଣ୍ଟ



**କୋରାପୁଟ,୪।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି କୋରାପୁଟ ସୁନାବେଡାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ଶୈକ୍ଷିକ ଭିତ୍ତିଭୂମିର ବିକାଶ ପାଇଁ ୪୭୯.୯୨ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ପାଇଁ ଭୂମିପୂଜନ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ କରିବେ। ଭୂମିପୂଜନ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ବହୁମୁଖୀ ଏକାଡେମିକ ବିଲଡିଂ, ଅତ୍ୟାଧୁନିକ ଛାତ୍ରାବାସ, ଅତ୍ୟାଧୁନିକ ଅଡିଟୋରିୟମ୍, ଜିମ, ଇନଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଷ୍ଟୁଡେଣ୍ଟ୍ କାଫେଟେରିଆ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅତିଥି ଭବନ ଆଦି ପ୍ରମୁଖ। ସେହିପରି ଶ୍ରୀ ପ୍ରଧାନ ଏହି ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିବା ଏକାଡେମିକ୍ ବିଲଡିଂ, କୁଳପତିଙ୍କ ବାସଭବନ, ଅଧିକାରୀ ଓ କର୍ମଚାରୀ ବାସଗୃହର ଲୋକାର୍ପଣ କରିବେ। ଏହି ଅବସରରେ ଓଡ଼ିଶାର ୬ଟି କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ।

ଏନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ରଣନୈତିକ ସହଭାଗୀତା ଜାତୀୟ ଶିକ୍ଷା ନୀତି -୨୦୨୦ର ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ପଦକ୍ଷେପ। ବହୁମୁଖୀ ଶିକ୍ଷାକୁ ଗତିଦେବା, ଗବେଷଣା ସହଯୋଗ, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ମାଧ୍ୟମରେ କ୍ରେଡିଟ୍ ସ୍ଥାନାନ୍ତର, ଯୁଗ୍ମ ଡିଗ୍ରୀ କାର୍ଯ୍ୟକ୍ରମ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀର ପ୍ରୋତ୍ସାହନକୁ ପ୍ରୋତ୍ସାହନ ଆଗେଇ ନେବା ଦିଗରେ ଏହା ସହାୟକ ହେବ। ଏମଓୟୁ ହୋଇଥିବା ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ ଜନଜାତି ସମୁଦାୟକୁ ସଶକ୍ତ କରିବା ସହ ସ୍ଥାୟୀ ଏବଂ ଡିଜିଟାଲ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପଦକ୍ଷେପ ନେବେ। ଏହି କାମର ସଠିକ୍ କ୍ରିୟାନ୍ୱୟନ ଓ ଅନୁଧ୍ୟାନ ପାଇଁ ପ୍ରତ୍ୟେକ ଉଚ୍ଚଶିକ୍ଷାନୁଷ୍ଠାନର ପ୍ରତିନିଧିମାନଙ୍କୁ ନେଇ ଏକ ଯୁଗ୍ମ ସମନ୍ୱୟ କମିଟି (ଜେସିସି) ଗଠନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ ଓ ସ୍ଥାନୀୟ ଅଞ୍ଚଳର ବିଧାୟକ, କେନ୍ଦ୍ର ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ ବିନୀତ ଯୋଶୀ ଯୋଗଦେବେ।

---

## ସ୍ୱାଭାବିକ ହେଲା ବିଏମ୍‌ସି, ଗନ୍‌ମ୍ୟାନଙ୍କୁ ସୁରକ୍ଷା ଦାୟିତ୍ୱ



**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ସ୍ୱାଭାବିକ ହେଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ କାର୍ଯ୍ୟ। ଆଜି କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। କର୍ମଚାରୀଙ୍କ ପାଇଁ ବଢ଼ିଲା ସୁରକ୍ଷା। ନିୟୋଜିତ ହେଲେ ଗନ୍‌ମ୍ୟାନ। ସୁରକ୍ଷା ବ୍ୟବସ୍ଥା ନେଇ ପୁଲିସ କମିଶନରଙ୍କ ସହ ଆଲୋଚନା କରାଯାଇଛି। ଅତିରିକ୍ତ ସୁରକ୍ଷା କର୍ମୀ ମୁତୟନ କରାଯିବା ସହ ସେମାନଙ୍କୁ ତାଲିମ ଦିଆଯିବ। ଭବିଷ୍ୟତରେ ଯେପରି ପୂର୍ବ ସ୍ଥିତି ନ ଉପୁଜିବ, ସେଥିପାଇଁ ସଜାଗ ରହିବେ। ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ପରେ କର୍ମଚାରୀ ଓ ଅଧିକାରୀ କାର୍ଯ୍ୟ ବନ୍ଦ କରି କଳାବ୍ୟାଜ୍ ପିନ୍ଧିଥିଲେ।

## ଘଷିପୁରାରେ ଫୁଟିଲା ଗୁଳି: ଯୁବତୀ ଆହତ





**ଆନନ୍ଦପୁର,୪।୭(ସଂଚାର ବ୍ୟୁରୋ):** ଘଷିପୁରାରେ ଫୁଟିଲା ଗୁଳି। ଏଥିରେ ଜଣେ ଯୁବତୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ମେଡିକାଲ ରୋଡ୍‌ରେ ଥିବା ଏକ ଘରୋଇ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାକୁ ଆସିଥିବା ଭ୍ୟାନ୍‌ର ସୁରକ୍ଷା କର୍ମୀଙ୍କ ବନ୍ଧୁକରୁ ହଠାତ୍ ଗୁଳି ଫୁଟିଥିଲା। ତେବେ ଗୁଳିଟି କଂକ୍ରିଟ୍ ରାସ୍ତାରେ ବାଜିବା ପରେ କଂକ୍ରିଟ୍ ଖଣ୍ଡ ଚିଟିକିଥିଲା। ତେବେ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ଯୁବତୀଙ୍କ ଗୋଡ଼ରେ ସେହି କଂକ୍ରିଟ୍ ଖଣ୍ଡ ବାଜିବାରୁ ଯୁବତୀ ଜଣଙ୍କ ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ଦାୟିତ୍ୱହୀନତାରୁ ଏଭଳି ହୋଇଥିଲେ ହେଁ ଏକ ବଡ଼ ଧରଣର ଅଘଟଣ ଅଳ୍ପକେ ଟଳିଯାଇଛି।

## ସ୍ପିନିଂ ମିଲ୍‌ରୁ ଚୋରି, ୫ କୋର୍ଟ ଚାଲାଣ

**କେସିଙ୍ଗା,୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ସ୍ପିନିଂ ମିଲ୍‌ରୁ ଗୁରୁବାର ମଧ୍ୟାହ୍ନରେ ଅତି ମୂଲ୍ୟବାନ ଲୁହା ଜିନିଷପତ୍ର ଚୋରି ହୋଇଥିଲା। ଏନେଇ ସ୍ପିନିଂ ମିଲ୍ କର୍ତ୍ତୃପକ୍ଷ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ୍ ତଦନ୍ତ କରିଥିଲା। ୪ ଜଣ ଚୋର ଓ ଜିନିଷ କିଣିଥିବା କବାଡ଼ିଆଙ୍କୁ ପୁଲିସ ଗିରଫ କରି ପଚରାଉଚରା କରି ସବୁ କିଛି ପ୍ରମାଣିତ କରିବା ସହ ଶୁକ୍ରବାର ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭବାନୀପାଟଣାରୁ ଏକ ସନ୍ଧାନୀ କୁକୁର ଅନୁସନ୍ଧାନ କରିବା ପରେ ଚୋରମାନଙ୍କୁ ଗିରଫ କରାଯାଇଛି। ଏହି ଚୋରମାନେ କେସିଙ୍ଗା ସହରର ବାସିନ୍ଦା ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ଅନୁସାରେ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କଠାରୁ ସ୍ପିନିଙ୍ଗ ମିଲ୍‌ରେ ବ୍ୟବହୃତ ସାମଗ୍ରୀ ସିଜ୍ କରାଯାଇଛି।

---

### ମାଓବାଦୀଙ୍କ ବଡ଼ ଧରଣର ଯୋଜନା ପଣ୍ଡ

## କୁମ୍ଭେମେଲୁ ଜଙ୍ଗଲରେ ମାଓ ଡମ୍ପ୍ ଠାବ

**ବାଲିଗୁଡା, ୪।୭ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ସଲାଗୁଡା ପଂଚାୟତର କୁମ୍ଭେମେଲୁ ଗାଁ ନିକଟସ୍ଥ ଜଙ୍ଗଲରେ ବଡ଼ ଧରଣର ହାମଲା ନେଇ ବ୍ଲୁ ପ୍ରିଣ୍ଟ ଚଳାଇଥିଲେ ମାଓବାଦୀ। କୁମ୍ଭେମେଲୁ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ବିଏସଏଫ ପକ୍ଷରୁ ହୋଇଥିଲା କମ୍ବିଂ ଅପେରସନ। ଉର୍ଦ୍ଧ୍ୱ ସମୟ ଧରି କମ୍ବିଂ ଅପେରସନ ସମୟରେ କୁମ୍ଭେମେଲୁ ଜଙ୍ଗଲରେ ମାଓ ଡମ୍ପ ଠାବ କରିଥିଲେ ଯବାନ। ମାଓ ଡମ୍ପରୁ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ସମେତ ମାଓବାଦୀଙ୍କ ନିତ୍ୟ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ବିଏସଏଫ ପକ୍ଷରୁ କୁମ୍ଭେମେଲୁ ଜଙ୍ଗଲରୁ ଠାବ ହୋଇଥିବା ମାଓ ଡ଼ମ୍ପରୁ ଦୁଇଟି ରାଇଫଲ, ଜିଲଟିନ, ଡିଟୋନେଟର, ମାଓବ୍ୟାନର, ମେଡ଼ିସିନ, ମାଓ ବ୍ୟାନର ଛପାଇବା ପାଇଁ ଇଙ୍କ ସମେତ ବହୁ ସାମଗ୍ରୀ ଜବତ କରାଯାଇଛି।



## କୁଳିଅଣା ଗୁଳିକାଣ୍ଡ ମାମଲାରେ ୬ ଗିରଫ

**ମୟୂରଭଞ୍ଜ, ୪।୭ (ସଂଚାର ବ୍ୟୁରୋ) :** କୁଳିଅଣା ବହୁଚର୍ଚ୍ଚିତ ଗୁଳିକାଣ୍ଡ ମାମଲାର ହେଲା ପର୍ଦ୍ଦାଫାସ। ମୁଖ୍ୟ ଅଭିଯୁକ୍ତ ସମେତ ୬ ଜଣକୁ ଗିରଫ କଲା ମୟୂରଭଞ୍ଜ ପୋଲିସ। ଜୁନ୍ ୨୩ରେ ଏନଏଚ-୧୮ ରେ ଘଟିଥିଲା ଗୁଳିକାଣ୍ଡ। ଗୁଳିମାଡ଼ରେ କୁଳିଅଣା ଅଞ୍ଚଳର ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ସିସିଟିଭି ଫୁଟେଜ୍ ଏବଂ ଫରେନସିକ୍ ପ୍ରମାଣର ବୈଷୟିକ ବିଶ୍ଳେଷଣ ବ୍ୟବହାର କରି ପୋଲିସ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲା। ଡିଆଇଜି ପୂର୍ବାଞ୍ଚଳ ରେଞ୍ଜ ଡ. ସତ୍ୟଜିତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମୟୂରଭଞ୍ଜ ଏସପିଙ୍କ ନେତୃତ୍ୱରେ



ହୋଇଥିଲା ତଦନ୍ତ। ଘଟଣାସ୍ଥଳରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ସହିତ ମୋବାଇଲ,ବ୍ୟବହୃତ ସିମ କାର୍ଡ ଓ ଦୁଇଟି ବାଇକ ଉଦ୍ଧାର କରାଯାଇଥିଲା। ସିସିଟିଭି ଫୁଟେଜ ଆଧାରରେ ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଥିଲା। ଅଭିଯୁକ୍ତ ମାନଙ୍କ ମଧ୍ୟରେ ଦୁଇଜଣ ଗଞ୍ଜାମ ,ଦୁଇଜଣ ମୟୂରଭଞ୍ଜ ଓ ଦୁଇଜଣ ବାଲେଶ୍ୱର ଅଞ୍ଚଳର ବୋଲି କହିଛନ୍ତି ଏସପି ବରୁଣ ଗୁଣ୍ଟୁପାଲି। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ଥିବା ଏସପି ସୂଚନା ଦେଇଛନ୍ତି। ଏବେ ବି ଜଣେ ଅଭିଯୁକ୍ତ ଫେରାର ରହିଥିବା ସୂଚନା ଦିଆଯାଇଛି।

### ଜଗନ୍ନାଥଙ୍କ ପରେ ବିଧାୟକ ଖଟୁଆଙ୍କ ପାଳି !

## ଆପତ୍ତିଜନକ ମନ୍ତବ୍ୟ ପାଇଁ ମାମଲା ରୁଜୁ



**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ନୀଳଗିରି ବିଧାନସଭା ଆସନର ୩ ମତଦାତା ନୀଳଗିରି ଥାନାରେ ସ୍ଥାନୀୟ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ପୁଲିସ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗରେ କୁହାଯାଇଛି ଯେ ବିଧାୟକ ବିଜେଡି ନେତ୍ରୀ ଡାକ୍ତର ଲେଖାଶ୍ରୀ ସାମନ୍ତସିଂହାର ବିରୋଧରେ ଅପମାନଜନକ ଓ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି, ଯାହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଲେଖାଶ୍ରୀ ସାମନ୍ତସିଂହାର ଗତ ୨୦୨୪ ଲୋକସଭା ନିର୍ବାଚନରେ ବାଲେଶ୍ୱର ଆସନରୁ ବିଜେଡି ପକ୍ଷରୁ ପ୍ରାର୍ଥୀ ଥିଲେ। ଅଭିଯୋଗକାରୀମାନେ କହିଛନ୍ତି ଯେ ଏହି ମନ୍ତବ୍ୟ ସାର୍ବଜନୀନ ଭାବେ ଜଣେ ମହିଳାଙ୍କ ବିରୋଧରେ ଦିଆଯାଇଥିବାରୁ ଏହା ଲଜ୍ଜାଜନକ ଓ ଅପମାନଜନକ। କୌଣସି ଜନପ୍ରତିନିଧି ଅନ୍ୟ ଜଣେ ନେତ୍ରୀଙ୍କ ବିରୋଧରେ ଏପରି ମନ୍ତବ୍ୟ କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ ବୋଲି ଅଭିଯୋଗ କରିଥିବା ମତଦାତା ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀମାନେ ପୁଲିସରେ ଦାଖଲ ଏତଲାରେ ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। କାରଣ ତାଙ୍କ ମନ୍ତବ୍ୟ କେବଳ ଶ୍ରୀମତୀ ସାମନ୍ତସିଂହାରଙ୍କୁ ଅପମାନିତ କରିନାହିଁ, ବରଂ ସାଧାରଣ ମହିଳାଙ୍କ ସମ୍ମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ସେମାନେ ଦର୍ଶାଇଛନ୍ତି। ତେବେ ଏନେଇ ବିଧାୟକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ପୁଲିସ୍ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

### ଘାଟି ରାସ୍ତାରେ ଖରାପ ହେଲା ଆମ୍ବୁଲାନ୍ସ

## ଚାଲିଗଲା ରୋଗୀଙ୍କ ଜୀବନ

**ଖଲ୍ଲିକୋଟ,୪।୭(ସଂଚାର ବ୍ୟୁରୋ):** ଗୁରୁତର ରୋଗୀଙ୍କୁ ବ୍ରହ୍ମପୁର ନେଇ ଯାଉଥିବା ସମୟରେ ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଖରାପ ହୋଇଛି ଏକ ୧୦୮ ଆମ୍ବୁଲାନ୍ସ। କୋଦଳାରୁ ଆଉ ଏକ ଆମ୍ବୁଲାନ୍ସ ପ୍ରାୟ ୩ ଘଣ୍ଟା ପରେ ପହଞ୍ଚି ରୋଗୀଙ୍କୁ ନେଇ ବ୍ରହ୍ମପୁର ଯାଇଥିଲେ ମଧ୍ୟ ରାସ୍ତାରେ ରୋଗୀ ଜଣଙ୍କ ପ୍ରାଣ ହରାଇଛନ୍ତି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳରେ ଏଭଳି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଇତିପୁର ଗାଁର ଶଙ୍କର ମହାରଣା (୧୯) ନାମକ ଜଣେ ଯୁବକ ଗତ ଗୁରୁବାର ଘର ନିକଟରେ କ୍ରିକେଟ ଖେଳୁଥିଲେ। ତେବେ ଖେଳିବା ସମୟରେ ତାଙ୍କ ପେଟର ତଳଭାଗରେ ବଲ୍ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାତିରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିଲା। କିନ୍ତୁ ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ହଠାତ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ପ୍ରାୟ ୩ ଘଣ୍ଟା ପରେ କୋଦଳାରୁ ଆଉ ଏକ ଆମ୍ବୁଲାନ୍ସ ଆସି ଶଙ୍କରଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ଯାଇଥିଲା। କିନ୍ତୁ ପାଖାପାଖି ୩ ଘଣ୍ଟା ଧରି ସେ ଆମ୍ବୁଲାନ୍ସରେ ଛଟପଟ ହୋଇ ଶେଷରେ ବାଟରେ ମୃତ୍ୟୁବରଣ କରିଥିଲେ। ଶଙ୍କରଙ୍କ ମୃତ୍ୟୁ ପାଇଁ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି ତାଙ୍କ ଭାଇ ଶିବ ମହାରଣା। ଶଙ୍କରଙ୍କ ମୃତ୍ୟୁ ଖବର ପାଇ ବଡ଼ ମେଡିକାଲରେ ମା' ଓ ପରିବାର ଲୋକଙ୍କ କାନ୍ଦବୋବାଳିରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ୧୦୮ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ପଡ଼ି ରହୁଛି। ରୋଗୀଙ୍କୁ ନେଇ ଯାଉଥିବା ବେଳେ ରାସ୍ତାରେ ଖରାପ ହୋଇ ଯାଉଥିବାରୁ ବହୁ ନିରୀହ ଜୀବନ ଚାଲିଯାଉଛି। ତେଣୁ ଖୁବ୍‌ଶୀଘ୍ର ୧୦୮ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକର ମରାମତି କରିବା କିମ୍ବା ପୁରୁଣା ଗାଡିଗୁଡିକୁ ବଦଳା ଯାଇ ନୂତନ ଗାଡି ଆଣିବାକୁ ସାଧାରଣରେ ଦାବି ହେଉଛି।




---

# ଲଗାଣ ବର୍ଷାରେ ବେହାଲ ରାଜଧାନୀ, ଘରେ ପଶିଲା ନର୍ଦ୍ଦମା ପାଣି

**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ) :** ବର୍ଷା ବଢ଼ିଲେ ବଢୁଛି ରାଜଧାନୀ ଭୁବନେଶ୍ୱରର ଦୁର୍ଦ୍ଦଶା। ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଭୁବନେଶ୍ୱରରେ ବିଭିନ୍ନ ତଳିଆ ଅଞ୍ଚଳରେ ଥିବା ଘର ଗୁଡ଼ିକରେ ପଶିଛି ନର୍ଦ୍ଦମା ଜଳ। ଲଗାଣ ବର୍ଷାରେ ବୁଡ଼ିଲା ବରଗଡ଼ ଓ ଲକ୍ଷ୍ମୀ ସାଗର ଅଞ୍ଚଳ। ସେପଟେ ସ୍ଥିତି ପରଖିବାକୁ ଯାଇ ହଟହଟା ଅଧିକାରୀ, ଅତିଶୀଘ୍ର ସ୍ଥାୟୀ ସମାଧାନ କରିବାର ପ୍ରତିଶ୍ରୁତି ଦେଲେ ବିଏମସି କମିଶନର। ଅସରାଏ ବର୍ଷରେ ଜଳମଗ୍ନ ହେଉଛି ସ୍ମାର୍ଟ ସିଟି ଭୁବନେଶ୍ୱର। ଜଳବନ୍ଦୀ ସମସ୍ୟା ରାଜଧାନୀବାସୀଙ୍କ ନିତିଦିନିଆ ହୋଇଥିବା ବେଳେ ବର୍ଷା ଆସିଲେ ଘରେ ପଶୁଛି ପାଣି। ଗତକାଲି (ଗୁରୁବାର) ଭୁବନେଶ୍ୱରର ବରଗଡ଼ ଓ ଲକ୍ଷ୍ମୀସାଗର ଅଞ୍ଚଳରେ ଲଗାଣ ବର୍ଷାରେ ହୋଇଥିବାରୁ ଘରେ ପାଣି ପଶିବା ସହ ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳିଥିଲା। ଏପରିକି ଘରେ ସ୍ୱେରେଜ୍ ପାଣି ପଶିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି ରାଜଧାନୀବାସୀ। ତେବେ ଅଗ୍ନିଶମ ବାହିନୀ ପହଞ୍ଚି ଡିୱାଟରିଂ କାର୍ଯ୍ୟ କରିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦାବି କରିଛନ୍ତି ଲୋକେ। ସେପଟେ ଘଟଣା ସ୍ଥଳରେ ମେୟର ସୁଲୋଚନା ଦାସ, ବିଏମସି କମିଶନର ଓ ସ୍ଥାନୀୟ କର୍ପୋରେଟର ଏବଂ ଇରିଗେସନ ଅଧିକାରୀ ମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଶତାଧିକ ଲୋକ ମେୟରଙ୍କୁ ଜଣାଇଥିଲେ ନିଜ ଅଞ୍ଚଳର ଅସୁବିଧା। ଏନେଇ ସ୍ଥାନୀୟ ଲୋକ କହିଛନ୍ତି," ଲକ୍ଷ୍ମୀସାଗର ରୋଡରେ ଥିବା ଡ୍ରେନ ନମ୍ବର ୬ରେ ଜଳ ସମ୍ପଦ ବିଭାଗର ୧୯୬୩ ମସିହାରେ ତିଆରି ହୋଇଥିବା ସାଇଫନ ରହିଛି। ସେହି ସାଇଫନଟି ଦବିଜାଇ ବ୍ଲକ୍ ହୋଇ ଯାଇଛି, ଫଳରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ୮ରୁ ୧୦ଫୁଟ ଉଚ୍ଚତାରେ ପାଣି ଘେରି ରହିଥିଲା। ତେଣୁ ପ୍ରତିବର୍ଷ ଲଗାଣ ବର୍ଷା ହେଲେ ଏଭଳି ସ୍ଥିତି ଉପୁଜିବା ସହ ଅନେକ ସମସ୍ୟାରେ ଯୁଝି ହେଉଛନ୍ତି ଅଞ୍ଚଳବାସୀ।ଏହାର ତୁରନ୍ତ ସ୍ଥାୟୀ ସମାଧାନ କରାଯାଉ।"




ସେପଟେ ସାଧାରଣ ବର୍ଷା ହେଲେ ବରଗଡ ଲକ୍ଷ୍ମୀସାଗର ରୋଡରେ ଥିବା ଡ୍ରେନ ନମ୍ବର ୬ ଏବଂ ଦୟା ୱେଷ୍ଟ କେନାଲ ପାଣି ନିଷ୍କାସନକୁ ନେଇ ଉପୁଜିଥିବା ସମସ୍ୟାର ଅତିଶୀଘ୍ର ଅସ୍ଥାୟୀ ସମାଧାନ କରିବାର ପ୍ରତିଶ୍ରୁତି ଦେଇଛି ବିଏମସି। ଜଳ ସମ୍ପଦ ବିଭାଗ ସ୍ଥାୟୀ ସମାଧାନ ପାଇଁ ଡିଜାଇନ୍ ଓ ଡ୍ରଇଂ ଦେଲେ କାମ ଶୀଘ୍ର ଆରମ୍ଭ ହେବ। ଘଟଣା ସ୍ଥଳକୁ ନିଜେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ସିଟି ଇଞ୍ଜିନିୟର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଆମଦାନୀ ଶୁଳ୍କକୁ ନେଇ ଟ୍ରମ୍ପଙ୍କ ବଡ଼ ଘୋଷଣା

# ଅଗଷ୍ଟ ୧ରୁ ଗ୍ଲୋବାଲ୍ ଟାରିଫ୍ ଲଗାଇବ ଆମେରିକା

**ନୂଆଦିଲ୍ଲୀ, ୪।୭:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଟାରିଫ୍‌କୁ ନେଇ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ନୂଆ ଟାରିଫ୍ ୧୦-୨୦%ରୁ ଆରମ୍ଭ ହୋଇ ୬୦- ୭୦% ପର୍ଯ୍ୟନ୍ତ ହେବ। ଆଉ ସବୁ ଦେଶ ଅଗଷ୍ଟ ୧ରୁ ଏହି ଶୁଳ୍କ ପରିଶୋଧ କରିବା ଆରମ୍ଭ କରିବାକୁ ହେବ। ଏଥିପାଇଁ ଶୁକ୍ରବାର ୧୦ରୁ ୧୨ ଦେଶକୁ ନୋଟିସ ପଠାଯିବ। ସେହିଭଳି ବାକି ଦେଶଙ୍କୁ ମଧ କିଛି ଦିନରେ ଚିଠି ମିଳିଯିବ। ଏମିତିରେ ଏହା ୯ ତାରିଖ ସୁଦ୍ଧା ଏହା ସଂପୂର୍ଣ୍ଣ ଭାବେ ଲାଗୁ ହୋଇଯିବ ବୋଲି କହିଛନ୍ତି ଟ୍ରମ୍ପ୍।



ସୂଚନାଥାଉକି, ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ 'ଲିବରେସନ ଡେ ଟାରିଫ୍'ର ଘୋଷଣା କରିଥିଲେ।ଯେଉଁଥିରେ ଟ୍ରମ୍ପ ଆମେରିକାକୁ ୧୦୦ରୁ ଅଧିକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇବା କଥା କହିଥିଲେ। ଏହାର ଉଦ୍ଦେଶ୍ୟ ଘରୋଇ ଉତ୍ପାଦନକୁ ବଢ଼ାଇବା। ଅବଶ୍ୟ, ଏହା ପୂର୍ବରୁ ଟ୍ରମ୍ପ ଏପ୍ରିଲ ୯ରେ ଲାଗୁ ହେବାକୁ ଥିବା ଏହି ଟାରିଫ୍ ଉପରେ ୯୦ ଦିନର ରୋକ୍ ଲଗାଇଥିଲେ। ଏହି ରୋକ୍ ଜୁଲାଇ ୯ରେ ଶେଷ ହେଉଛି। ତେବେ ଏହି ନିଷ୍ପତ୍ତିର ପ୍ରଭାବ ସେହି ଦେଶଙ୍କ ଉପରେ ପଡ଼ିବ ଯେଉଁମାନେ ଆମେରିକାକୁ ବହୁଳ ମାତ୍ରାରେ ସାମଗ୍ରୀ ରପ୍ତାନୀ କରୁଛନ୍ତି। ଭାରତ, ଚୀନ, ଭିଏତନାମ, କାମ୍ବୋଡିଆ ଭଳି ଦେଶ ଏହାଦ୍ୱାରା ସିଧା ସଳଖ ପ୍ରଭାବିତ ହେବେ। ଏହାର ପ୍ରଭାବ ଉଭୟ ପକ୍ଷର ବାଣିଜ୍ୟ ଉପରେ ମଧ ଦେଖିବାକୁ ମିଳିପାରେ। ଏପର୍ଯ୍ୟନ୍ତ କେବଳ ବ୍ରିଟେନ, ଭିଏତନାମ ଏବଂ ଚୀନ ଆମେରିକା ସହ ବାଣିଜ୍ୟ ବୁଝାମଣା କରିଛନ୍ତି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯେଉଁ ଦେଶର ଡିଲ୍ ହୋଇନାହିଁ ସେମାନଙ୍କୁ ଅଧିକ ଟାରିଫ୍ ଦେବାକୁ ପଡ଼ିପାରେ।

## ୪୮ ଘଣ୍ଟାରେ ଆମେରିକା ସହ ରାଜିନାମା

ନୂଆଦିଲ୍ଲୀ, ୪।୭: ଭାରତ ଓ ଆମେରିକା ମଧରେ ବାଣିଜ୍ୟ ରାଜିନାମା ଆସନ୍ତା ୪୮ ଘଣ୍ଟା ଭିତରେ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଉଭୟ ପକ୍ଷ ରାଜିନାମାର ବିଭିନ୍ନ ବିଷୟ ଉପରେ ଆଲୋଚନା କରିସାରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୁଲାଇ ୯ର ଯେଉଁ ସମୟ ସୀମା ଧାର୍ଯ୍ୟ କରିଥିଲେ ତାହା ଦ୍ରୁତ ଗତିରେ ପାଖେଇ ଆସୁଥିବାରୁ, ତାହା ପୂର୍ବରୁ ଭାରତ ବାଣିଜ୍ୟ ରାଜିନାମାରେ ମୋହର ଲଗାଇବାକୁ ପ୍ରୟାସ କରୁଛି। ୱାସିଂଟନରେ ଆଲୋଚନା ଚାଲିଛି। ସେଥିପାଇଁ ଭାରତୀୟ ଦଳ ଅଧିକ ଦିନ ସେଠାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ପକ୍ଷ ମଧରେ ଚାଲିଥିବା ମୁଲଚାଲରେ କୃଷିଜାତ ଓ ଦୁଗ୍ଧଜାତ ସାମଗ୍ରୀକୁ ନେଇ ଅଡୁଆ ତୁଟିନାହିଁ। କୃଷିଜାତ, ଦୁଗ୍ଧଜାତ ଓ ଜିଏମ୍ ଫସଲ ପାଇଁ ଭାରତ ତାହାର ବଜାରକୁ ଖୋଲୁ ବୋଲି ଆମେରିକା ଦାବି କରୁଛି। କିନ୍ତୁ ଚାଷୀମାନେ ଗୁରୁତର ପ୍ରଭାବିତ ହେବା ଆଶଙ୍କା ଥିବାରୁ ଭାରତ ସେହି ଦାବିକୁ ସହଜରେ ଗ୍ରହଣ କରିପାରୁନାହିଁ। ଭାରତର ଖାଦ୍ୟ ସୁରକ୍ଷା ଓ ଚାଷୀଙ୍କ ଜୀବନଜୀବିକାକୁ ଏହା ପ୍ରଭାବିତ କରିବାର ଆଶଙ୍କା ଥିବାରୁ



ମୁଲଚାଲରୁ ଏହି ଦୁଇ ବିଷୟକୁ ବାଦ ଦେବା ବିଷୟରେ ଉଭୟ ପକ୍ଷ ବିଚାର କରୁଛନ୍ତି। ଜୋତା, ପୋଷାକ ଓ ଚମଡ଼ା ସାମଗ୍ରୀ ଆଦି ଉପରୁ ଶୁଳ୍କ କମ୍ କରିବା ଲାଗି ଭାରତ ସରକାର ଦାବି କରିଛନ୍ତି। ଏହି କ୍ଷେତ୍ରଗୁଡ଼ିକରେ ଭାରତରେ ବହୁ ସଂଖ୍ୟାରେ ଶ୍ରମିକ କାମ କରୁଛନ୍ତି ଏବଂ ଦେଶର ଅଭିବୃଦ୍ଧିରେ ତାହାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି।

## ନୂଆ କମ୍ପାନି ଆରମ୍ଭ କରିବେ ମୁକେଶ ଅମ୍ବାନି

ନୂଆଦିଲ୍ଲୀ,୪।୭: ଭାରତ ଏବଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନିଙ୍କ କମ୍ପାନି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। ଏହି ପରିବର୍ତ୍ତନ ତାଙ୍କ ଏଫ୍‌ଏମ୍‌ସିଜି କାରବାରରେ ହେବ। ଆର୍‌ଆଇଏଲ୍ ଏହାର ସମସ୍ତ ଏଫ୍‌ଏମ୍‌ସିଜି ବ୍ରାଣ୍ଡଗୁଡ଼ିକୁ ଏକ ନୂଆ କମ୍ପାନିରେ ସାମିଲ କରିବ। ଏବେ ଏ ବ୍ରାଣ୍ଡଗୁଡ଼ିକ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍(ଆର୍‌ଆର୍‌ଭିଏଲ୍), ରିଲାଏନ୍ସ ରିଟେଲ୍ ଲିମିଟେଡ୍(ଆର୍‌ଆର୍‌ଏଲ୍) ଏବଂ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍(ଆର୍‌ସିପିଏଲ୍) ଅଧୀନରେ ରହିଛି। ନୂଆ କମ୍ପାନି ନାଁ 'ନ୍ୟୁ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍' ହେବ। ଏ କମ୍ପାନି ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ ଭଳି ସିଧାସଳଖ ଭାବେ ଆର୍‌ଆଇଏଲ୍‌ର ସହାୟକ କମ୍ପାନି ହେବ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡଗୁଡ଼ିକ ଉପରେ ଧ୍ୟାନ ଦେବା। ଏହାସହିତ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଏ ଯୋଜନା ଉପରେ କାର୍ଯ୍ୟ ହେଉଛି। ଆର୍‌ସିପିଏଲ୍‌ର ନିର୍ଦ୍ଦେଶକ ଏବଂ ଗ୍ରୁପ୍‌ର ଏଫ୍‌ଏମ୍‌ସିଜି ମୁଖ୍ୟ ଟି. କୃଷ୍ଣକୁମାର କହିଛନ୍ତି ଯେ, ୬୦ କୋଟି ଉପଭୋକ୍ତାଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରିବା ଏବଂ ପଡ଼ୋଶୀ ଦୋକାନଗୁଡ଼ିକ ସହ ମିଳିତ ହୋଇ କାର୍ଯ୍ୟ କରିବା ହେଉଛି ରଣନୀତି।

## ଜିନ୍ଦଲ ଫାଉଣ୍ଡେସନ୍‌ର ପୁରୀରେ ଭୋଜନ ସେବା

ଭୁବନେଶ୍ୱର, ୪।୭:ଶିଳ୍ପପତି ନବୀନ ଜିନ୍ଦଲଙ୍କ କମ୍ପାନି ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ଲଗାତାର ୧୧ତମ ବର୍ଷ ପାଇଁ ପୁରୀ ରଥଯାତ୍ରାରେ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ନବଯୌବନ ଦର୍ଶନଠାରୁ ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ରହିଛି। ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଏବଂ ଖଟା ଭକ୍ତମାନଙ୍କୁ ଦିଆଯାଉଛି।



୧୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ ଦିନରାତି କାମ କରୁଛନ୍ତି। ଫାଉଣ୍ଡେସନ୍‌ର ବସ୍‌ଷ୍ଟାଣ୍ଡରେ ଥିବା ଷ୍ଟଲ୍‌କୁ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଉଦଘାଟନ କରିଥିଲେ। ପୁରୀ ରେଳ ଷ୍ଟେସନ ନିକଟ ଷ୍ଟଲ୍‌କୁ ଏଡିଆରଏମ ଡି.କେ. ବେହେରା, ବରିଷ୍ଠ ଏସ୍‌ଡିଏମ୍ ଅନିଲ କୁମାର ଉଦଘାଟନ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି ଯେ ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଆସିଥିବା କୌଣସି ଭକ୍ତ ଯେପରି ଭୋକିଲା ନ ରୁହନ୍ତି ତାହା ନିଶ୍ଚିତ କରିବା ପାଇଁ ଗତ ୧୧ ବର୍ଷ ଧରି ଆମର ପ୍ରୟାସ ଜାରି ରହିଛି। ଫାଉଣ୍ଡେସନ ପକ୍ଷରୁ ଦଶ ହଜାର ଓଆରଏସ ପକେଟ୍, ସ୍ୱେଚ୍ଛାସେବୀଙ୍କୁ ୬୦୦ ରେନକୋଟ୍, ୧୦୦୦ ଲିଟର କ୍ଷମତା ବିଶିଷ୍ଟ ତିନୋଟି ଥଣ୍ଡା ପାନୀୟ ଜଳ ଯାନ, ୫୦ଟି ବାୟୋ-ଟଏଲେଟ୍‌ର ବ୍ୟବସ୍ଥା କରାଯାଇଛି।

## ସେବିର ବଡ଼ ଆକ୍ସନ

# ସେୟାର ମାର୍କେଟରୁ ବ୍ୟାନ୍ ଜେନ୍ ଷ୍ଟ୍ରିଟ୍ କମ୍ପାନୀ

**ଜବତ ହେବ ୪୮୪୩ କୋଟି**

ନୂଆଦିଲ୍ଲୀ, ୪।୭: ଭାରତୀୟ ବଜାର ନିୟାମକ ସେବି ବଡ଼ ଆକ୍ସନ ନେଇଛି । ଏକ ବଡ଼ ଆଦେଶ ଜାରି କରି ସେୟାର ମାର୍କେଟରେ ବ୍ୟାନ୍ ହୋଇଛି ଜେନ୍ ଷ୍ଟ୍ରିଟ୍ ଓ ତା ସହିତ ଜଡ଼ିତ କମ୍ପାନୀ ଜେଏସ୍‌ଆଇ ଇନଭେଷ୍ଟମେଣ୍ଟ ପ୍ରାଇଭେଟ ଲିମିଟେଡ୍, ଜେଏସଆଇ୨ ଇନଭେଷ୍ଟମେଣ୍ଟ ଲିମିଟେଡ, ଜେନ୍ ଷ୍ଟ୍ରିଟ୍ ସିଙ୍ଗାପୁରୁ ପ୍ରାଇଭେଟ ଲିମିଟେଡ ଏବଂ ଜେନ୍ ଷ୍ଟ୍ରିଟ୍ ଏସିୟା ଟ୍ରେଡିଙ୍ଗ ଲିମିଟେଡକୁ ସେୟାର ବଜାର କାରବାର କରିବାରୁ ବ୍ୟାନ କରାଯାଇଛି। ସେବି ଅନୁସାରେ, ଏହି କମ୍ପାନୀକୁ ଏବେ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ରୂପେ ସେୟାର କିଣିବା, ବିକିବା କିମ୍ବା କୌଣସି ପ୍ରକାର ନେଣଦେଣ କରିବାକୁ ଅନୁମତି ମିଳିବ ନାହିଁ । ଜାତୀୟ ଗଣମାଧମ ଅନୁସାରେ ଆଦେଶରେ କୁହାଯାଇଛି କି, ଜେନ୍ ଷ୍ଟ୍ରିଟ୍ ଗ୍ରୁପ ଯେଉଁ ୪୮୪୩ କୋଟି ବେଆଇନ ଟଙ୍କା ଲୁଟିଛି ତାହା ଜବତ ହେବ । ଏହି ଜବତ ଟଙ୍କା ଦେଶର ଏକ ନାମୀ ବ୍ୟାଙ୍କରେ ଜମା କରାଯିବାକୁ ନିର୍ଦ୍ଦେଶ ହୋଇଛି । ଏହା ସହିତ ଜେନ୍ ଷ୍ଟ୍ରିଟ୍




ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇବା ଉପରେ ରୋକ୍ ଲାଗିଛି । ସେବିର ବିନା ଅନୁମତିରେ ଏବେ କିଛି ନେଣଦେଣ ହେବ ନାହିଁ । ୨୦୦୦ ମସିହାରେ ପ୍ରତିଷ୍ଠିତ, ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏଲଏଲସି ହେଉଛି ଆର୍ଥିକ ସେବା ଶିଳ୍ପରେ ଏକ ବିଶ୍ୱସ୍ତରୀୟ ବାଣିଜ୍ୟ ସଂସ୍ଥା। ଏହା ଆମେରିକା, ୟୁରୋପ ଏବଂ ଏସିଆର ପାଞ୍ଚଟି କାର୍ଯ୍ୟାଳୟରେ ୨,୬୦୦ ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦିଏ ଏବଂ ୪୫ ଟି ଦେଶରେ ବାଣିଜ୍ୟ କାର୍ଯ୍ୟ ପରିଚାଳନା କରେ।

## ୨୫ ବର୍ଷ ପରେ ପାକିସ୍ତାନକୁ ଗୁଡବାଏ କହିଲା ମାଇକ୍ରୋସଫ୍ଟ

ୱାସିଂଟନ ୪।୭: ବିଶ୍ୱର ଦିଗ୍ଗଜ ଟେକ୍ କମ୍ପାନୀ ମାଇକ୍ରୋସଫ୍ଟ ପାକିସ୍ତାନରୁ ତାର ଅପରେସନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ୨୦୦୦ ମସିହାରେ କମ୍ପାନୀ ପାକିସ୍ତାନରେ କାରବାର ଆରମ୍ଭ କରିଥିଲା। ପାଖାପାଖି ୨୫ ବର୍ଷ ପରେ କମ୍ପାନୀ ପାକିସ୍ତାନରୁ କର୍ପୋରେଟ ଅପରେସନ ବନ୍ଦ କରିବାକୁ ଯାଉଛି। ତେବେ ଗତ ୨୫ ବର୍ଷ ହେଲା କାରବାର କରିଆସୁଥିଲେ ବି ମାଇକ୍ରୋସଫ୍ଟ ପାକିସ୍ତାନରେ ତାର ପୂର୍ଣ୍ଣକାଳୀନ କର୍ପୋରେଟ କାର୍ଯ୍ୟାଳୟ ସ୍ଥାପନା କରିନଥିଲା। ତେବେ ପାକିସ୍ତାନର ଶୈକ୍ଷଣିକ, ସରକାରୀ ଓ କର୍ପୋରେଟ ସେକ୍ଟରରେ ମାଇକ୍ରୋସଫ୍ଟର ମଜଭୁତ




ପ୍ରଭାବ ରହିଛି। ମାଇକ୍ରୋସଫ୍ଟ ପାକିସ୍ତାନର ଉଚ୍ଚଶିକ୍ଷା ଆୟୋଗ (ଏଚଇସି) ଓ ପଞ୍ଜାବ ଗ୍ରୁପ ଅଫ କଲେଜ (ପିଜିସି) ଭଳି ସଂସ୍ଥାଙ୍କ ସହ ମିଶି ଡିଜିଟାଲ ସ୍କିଲ ଟ୍ରେନିଂ, ମାଇକ୍ରୋସଫ୍ଟ ଟିମ୍ ମାଧମରେ ରିମୋଟ ଲର୍ଣ୍ଣିଂ ଓ ଟେକ୍ନୋଲଜି ସଲ୍ୟୁସନ ସୁବିଧା ପ୍ରଦାନ କରିଛି। କମ୍ପାନୀ ଦେଶର ୨୦୦ରୁ ଅଧିକ ଉଚ୍ଚଶିକ୍ଷା ସଂସ୍ଥାନଙ୍କୁ ବୈଷୟିକ ସେବା ମଧ ଉପଲବ୍ଧ କରୁଛି।

ପାକିସ୍ତାନରେ ମାଇକ୍ରୋସଫ୍ଟର ପୂର୍ବତନ କଣ୍ଟ୍ରି ମ୍ୟାନେଜର ଜଭାଦ ରହେମାନ କହିଛନ୍ତି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ବିଜନେସ୍ ଓ ରଣନୀତି ସମ୍ପର୍କିତ। ସେ କହିଛନ୍ତି ଯେ ଏହି ପଦକ୍ଷେପ ଏବେ ଏହି ଦିଗକୁ ଇସାରା କରୁଛି ଯେ ପାକିସ୍ତାନର ବର୍ତ୍ତମାନ ପରିବେଶ ବୈଶ୍ୱିକ କମ୍ପାନୀଙ୍କ ନିମନ୍ତେ ଚ୍ୟାଲେଞ୍ଜିଂ ହୋଇପଡିଛି। ବ୍ରିଟିଶ ଟେକ୍ ସାଇଟ୍ ଦି ରେଜିଷ୍ଟର ଡଟକମ ଅନୁସାରେ ମାଇକ୍ରୋସଫ୍ଟ ମୁଖପାତ୍ର କହିଛନ୍ତି ଯେ କମ୍ପାନୀ ପାକିସ୍ତାନରେ ତାର ଅପରେଟିଂ ମଡେଲର ପରିବର୍ତ୍ତନ କରୁଛି।

ତେବେ ମାଇକ୍ରୋସଫ୍ଟଙ୍କ ଏହି ପଦକ୍ଷେପ ଯୋଗୁ ପାକିସ୍ତାନରେ ମାଇକ୍ରୋସଫ୍ଟ ସେବା ଅଥବା ଗ୍ରାହକଙ୍କ ସହ ବୁଝାମଣା ଉପରେ କୌଣସି ପ୍ରଭାବ ପଡିବ ନାହିଁ। ପାକିସ୍ତାନରେ ମାଇକ୍ରୋସଫ୍ଟର ଯେଉଁ ସବୁ ସେବା ଓ ସୁବିଧା ଉପଲବ୍ଧ ହେଉଛି ତାହା ଆଗକୁ ମଧ ଜାରି ରହିବ ଓ ଲୋକେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

## ଡାଲମିଆ ଭାରତର 'ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ'



ପୁରୀ, ୪।୭(ସଂଚାର ବ୍ୟୁରୋ): ଡାଲମିଆ ଭାରତ ପକ୍ଷରୁ 'ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ'ର ୪ର୍ଥ ସଂସ୍କରଣ ଅନୁଷ୍ଠିତ ହୋଇଛି। ଏହା କମ୍ପାନିର 'ସାଲ୍ୟୁଟିଙ୍ଗ ଦି ଏକ୍ସପର୍ଟ' ଅଭିଯାନର ଏକ ଅଂଶ। ଚଳିତ ବର୍ଷ କମ୍ପାନି ପକ୍ଷରୁ ୪ ଜଣ ବିଶିଷ୍ଟ ଶିଳ୍ପକାର ରଘୁନାଥ ସୁବୁଦ୍ଧି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ରଥ ସମ୍ମୁଖରେ ସମ୍ମାନିତ କରାଯାଇଛି। ମୁଖ୍ୟ ମହାରଣା ସେବକ ବିଜୟ ମହାପାତ୍ର, ନୃସିଂହ ମହାପାତ୍ର ଓ ନାରାୟଣ ମହାରଣାଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ସେମାନଙ୍କୁ ଚୟନ କରିଥିଲେ। କମ୍ପାନିର ଡିଲର୍ ଓ ଚ୍ୟାନେଲ୍ ପାର୍ଟନର୍‌ଙ୍କ ପିଲାମାନଙ୍କୁ ପ୍ରାୟ ୧୦୦୦ କ୍ଷୁଦ୍ର ରଥ ପ୍ରତିକୃତି ବଣ୍ଟନ କରାଯାଇଥିଲା। କମ୍ପାନି ପକ୍ଷରୁ ଏକ ଚଳଚିତ୍ର ପ୍ରସ୍ତୁତ କରାଯାଇଥିଲା। କମ୍ପାନିର ପ୍ରବକ୍ତା କହିଥିଲେ ଯେ କାରିଗରଙ୍କୁ ସମର୍ଥନ କରିବାଠାରୁ ଆରମ୍ଭ କରି ପାରମ୍ପରିକ କାରିଗରୀକୁ ସମ୍ମାନିତ କରିବା, ଜୀବିକାଗୁଡ଼ିକୁ ସକ୍ଷମ କରିବା ଓ ସ୍ଥାୟୀ ଅଭିବୃଦ୍ଧିକୁ ପରିଚାଳନା କରିବା ପର୍ଯ୍ୟନ୍ତ କମ୍ପାନି ଲୋକଙ୍କ ସହ ସମ୍ପର୍କ ଦୃଢ଼ କରୁଛି।

## ଦକ୍ଷିଣ ପୂର୍ବ ରେଳପଥର ୨ ପ୍ରକଳ୍ପ ମଞ୍ଜୁର

କୋଲକାତା, ୪।୭: ରେଳ ମନ୍ତ୍ରଣାଳୟ ପକ୍ଷରୁ ଦକ୍ଷିଣ ପୂର୍ବ ରେଳପଥର ନିମପୁରା ରିସେପ୍ସନ ୟାର୍ଡ ଓ ଖଡ଼ଗପୁର ଜଙ୍କନ ତୃତୀୟ ଲାଇନ୍ ଏବଂ କଳାଇକୁଣ୍ଡ-ନିମପୁରା ୱେଷ୍ଟ ଆଉଟର୍-ଗୋକୁଳପୁର ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ନିମପୁରା ରିସେପ୍ସନ ୟାର୍ଡ ଓ ଖଡ଼ଗପୁର ଜଙ୍କନ ତୃତୀୟ ଲାଇନ୍‌ର ୬.୪୧ କିମି ରେଳପଥକୁ ୧୫୭.୮୬ କୋଟି ଟଙ୍କାରେ ନିର୍ମାଣ କରାଯିବ। ଏହା ହାୱଡ଼ା-ମୁମ୍ବାଇ ଓ ହାୱଡ଼ା-ଚେନ୍ନାଇ ଭଳି ଏକ ବ୍ୟସ୍ତବହୁଳ ରୁଟ୍‌ରେ ରହିଛି। ସେହିପରି, ଅନ୍ୟ ପ୍ରକଳ୍ପରେ ୧୨.୩୩ କିମି ରେଳପଥକୁ ୨୨୪.୪୪ କୋଟି ଟଙ୍କାରେ ନିର୍ମାଣ କରାଯିବ। ଏହା ଦ୍ୱାରା ଏହି ସେକ୍ସନର କ୍ଷମତା ବଢ଼ିବା ସହ ନିରବଚ୍ଛିନ୍ନ ଭାବେ ରେଳ ଚଳାଚଳ କରିପାରିବ।

## ଉନ୍ମୋଚନ ହେଲା ମଡର୍ଣ୍ଣସ୍ ଏବିସି ଏଚ୍‌ଏସ୍‌ସି ଟପ୍ ଟେନ୍ ଆସାଇନ୍‌ମେଣ୍ଟ୍‌ସ

ଭୁବନେଶ୍ୱର, ୪।୭: ମଡର୍ଣ୍ଣସ୍ ଏବିସି ଏଚ୍‌ଏସ୍‌ସି ଟପ୍‌ଟେନ୍ ଆସାଇନ୍‌ମେଣ୍ଟ୍‌ସକୁ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଭାପତି କିଶୋର ଚନ୍ଦ୍ର ମହାନ୍ତି ଉନ୍ମୋଚନ କରିଛନ୍ତି। ୨୦୨୫ ପରୀକ୍ଷାରେ ପ୍ରତି ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କ ସ୍ୱଲିଖିତ ଉତ୍ତର ଖାତାଗୁଡ଼ିକୁ ଏଥିରେ ପୃଥକ ପୁସ୍ତକ ଭାବେ ପ୍ରକାଶ କରାଯାଇ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି। ନୂଆ ପ୍ରଶ୍ନପତ୍ର ଢାଞ୍ଚାରେ ପ୍ରସ୍ତୁତ ଏହି ଟେଷ୍ଟପେପର୍ସରେ ଗତ ୧୨ ବର୍ଷରେ ବୋର୍ଡ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନ ଓ ଉତ୍ତର, ଅଧ୍ୟାୟଭିତ୍ତିକ ସୂଚନା ଓ ବିଶ୍ଳେଷଣ, ଏମ୍‌ସିକ୍ୟୁଜ୍, ଦୀର୍ଘ ଓ ସଂକ୍ଷିପ୍ତଧର୍ମୀ ପ୍ରଶ୍ନୋତ୍ତର ଦିଆଯାଇଛି। ଏହା ଛାତ୍ରଛାତ୍ରୀଙ୍କ ପରୀକ୍ଷା ପ୍ରସ୍ତୁତିରେ ସହାୟକ ହେବ ବୋଲି ମଡର୍ଣ୍ଣ ପବ୍ଲିସର୍ସର ଜୋନାଲ୍ ମୁଖ୍ୟ ପ୍ରଦୀପ୍ତ ମିଶ୍ର କହିଛନ୍ତି।




**ଆଜିର ସୁନା ରୂପା ଦର**



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୭୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୫୦୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୮୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୭୩୦ ଓ ୯୦ ହଜାର ୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୦ , ୦୦୦ ଟଙ୍କା ହୋଇଛି।

**ଆଜିର ପେଟ୍ରୋଲ, ଡିଜେଲ ଦର**



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୧ପଇସା ରହିଛି।

## ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଘୁନସରରେ ବନ ମହୋତ୍ସବ ପାଳିତ



**ଖପ୍ରାଖୋଲ,୪।୭(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଘୁନସର ଠାରେ ଗୁରୁବାର ଦିନ ୭୫ ତମ ବନ ମହୋତ୍ସବ ଦିବସ ପାଳନ ଅବସରରେ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉସତ୍ ଗଡ଼ତ୍ୟାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ର ଆୟୋଜନ କରାଯାଇଥିଲା । ଏହି ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକାଶ ଦାଶ, ହରିଶଙ୍କର ବନାଞ୍ଚଳର ଭାରପ୍ରାପ୍ତ ବନ ସଂରକ୍ଷକ ଅରବିନ୍ଦ ନାୟକ, ରେଙ୍ଗାଲି ବନପାଳ ବିପିନ ସାହୁ ଓ ତାଙ୍କ ସହକର୍ମୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା, ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଟେକେନ୍ଦ୍ର ଜାଲ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥି ବୃନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷର ମହାତ୍ମ୍ୟ ବିଷୟରେ ଅନେକ ଉଦାହରଣ ଦେଇ ସମସ୍ତଙ୍କୁ ବୃକ୍ଷରୋପଣ କରି ତାର ଯତ୍ନ ନେବା ପାଇଁ ଉପଦେଶ ଦେଇଥିଲେ । ପରିଶେଷରେ ବିଦ୍ୟାଳୟରେ ବୃକ୍ଷରୋପଣ କରି ଗ୍ରାମ ପରିକ୍ରମା ସହ ଲୋକ ମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ରୋତ କଲେଜରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ବକ୍ତୃତା ପ୍ରତିଯୋଗିତା



**ଆଗଲପୁର,୪।୭(ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଆଜି 'ନୂତନ ଭାରତ ନିର୍ମାଣରେ ଡକ୍ଟର ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଅବଦାନ' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଶାନ୍ତନୁ କୁମାର ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଶିବାନନ୍ଦ ସାହୁ, ରୁପେଶ ଷଣ୍ଢ ଓ ନୀଳାମ୍ବର ବାରିକ ମଞ୍ଚାସୀନ ଥାଇ ଡକ୍ଟର ମୁଖାର୍ଜୀଙ୍କ ସଂପର୍କରେ ଅଭିଭାଷଣ ରଖିଥିଲେ। ସଭାକୁ ଓଡ଼ିଆ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରିଥିବାବେଳେ ଡକ୍ଟର ସୋମନାଥ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ବବଲୁ ଛତ୍ରିଆ ପ୍ରଥମ, ଦୀପା ପଟେଲ ଦ୍ୱିତୀୟ ଓ ତିଲୋତ୍ତମା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମେସିନ କରୁଛି କାମ, ରାଜ୍ୟ ବାହାରକୁ ଯାଉଛନ୍ତି ଲୋକେ



**କାମାକ୍ଷାନଗର,୪।୭(ସଂଚାର ବ୍ୟୁରୋ):** କାମାକ୍ଷାନଗର ଉପଖଣ୍ଡର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସୁଥିବା ରାସ୍ତା, ପୋଖରୀ ଆଦି ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଶ୍ରମିକ ବଦଳରେ ମେସିନ କରୁଛି। ମେସିନ୍ ବ୍ୟବହାର କରାଯାଉଥିବାରୁ ଅଞ୍ଚଳର ଶ୍ରମିକମାନେ କାମ ଧନ୍ଦା ପାଇଁ ବାହାରକୁ ଯାଉଥିବା ଅଭିଯୋଗ ହେଉଛି। ଆଦିବାସୀ ବହୁଳ ବ୍ଲକର ସାଧାରଣ ଲୋକେ ଦୈନିକ କାର୍ଯ୍ୟ କରି ନିଜର ପରିବାର ପୋଷଣ କରିଥାନ୍ତି। ସରକାରଙ୍କ ପକ୍ଷରୁ ଲୋକମାନଙ୍କୁ କାମ ଯୋଗାଇବା ପାଇଁ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ପୋଖରୀ, ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟାପକ ଅର୍ଥର ବ୍ୟବସ୍ଥା କରିଛନ୍ତି। ହେଲେ ଏହି ଆଦିବାସୀ ବହୁଳ ବ୍ଲକ କ୍ଷେତ୍ରରେ ତାହା ସଠିକ ଭାବେ କାର୍ଯ୍ୟକାରୀ କରା ନ ଯାଇ ମେସିନ ବ୍ୟବହାର କରାଯାଉଛି। ମେସିନ ସାହାଯ୍ୟରେ ପୋଖରୀ, ରାସ୍ତା ନିର୍ମାଣ କରି ମାଷ୍ଟର ରୋଲ ସାହାଯ୍ୟରେ ବିଲ୍ ଉଠାଉଥିବାର ଅଭିଯୋଗ ହେଉଛି। ଏହି ବ୍ଲକର ମାକୁଆକଟେଣୀ ପଞ୍ଚାୟତରେ ବହୁ ଆଦିବାସୀ ରହିଥିବାବେଳେ ଏଠାରେ ପୋଖରୀ, ରାସ୍ତା କାର୍ଯ୍ୟରେ ଶ୍ରମିକ ନିୟୋଜିତ ନ କରାଯାଇ ମେସିନ ସାହାଯ୍ୟରେ ସମସ୍ତ କାର୍ଯ୍ୟ କରାଯାଉଛି। ପଞ୍ଚାୟତର ତରାଜଙ୍ଗ ଗ୍ରାମ ଜମିକୁ ଯିବା ପାଇଁ ରହିଥିବା ଏକ ରାସ୍ତାରେ ଗତ ମେ' ମାସରେ ମେସିନ ସାହାଯ୍ୟରେ ମାଟି ପକାଯାଇଥିଲା। ହେଲେ ରାସ୍ତା ଉପରେ ମୋରମ ବିଛା ଯାଇନାହିଁ। ଫଳରେ ଏବେ ଗ୍ରାମର ଚାଷୀମାନେ ସେହି ରାସ୍ତା ଦେଇ ଜମିକୁ ଯିବା ଏବେ ସମ୍ଭବ ହେଉନାହିଁ।

### ଚଳିତ ବର୍ଷ ଥିଲା ଅଧିକ ଟାର୍ଗେଟ

# ୪୨୫୧ ଚାଷୀ ବିକିଲେ ୩ଲକ୍ଷ କ୍ୱିଣ୍ଟାଲ ଧାନ



**କଳାହାଣ୍ଡି,୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅଧୀନରେ ଚଳିତବର୍ଷ ରବି ଋତୁ ଧାନ କିଣା ଯିବାର ଜୁନ ୩୦ ତାରିଖ ଦିନ ଶେଷ ହୋଇ ଯାଇଛି।ଏଥର ଧର୍ମଗଡ ଅଞ୍ଚଳ ର ଚାଷୀ ଆରମ୍ଭରୁ ନାନା ପ୍ରାକୃତିକ ବିପଯ୍ୟସ୍ତର ସମ୍ମୁଖୀନ ହୋଇ ଥିଲେ ମଧ୍ୟ ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିବା ପାଇଁ ଅନେକ କଷ୍ଟ ସହ୍ୟ କରିଥିଲେ । ଅଦିନିଆ ବର୍ଷା ରେ ଭିଜିଥିବା ଧାନକୁ ଦିନ ଦିନ ଧରି ରାସ୍ତା କଡ଼, ଖଳା ଆଦି ଖୋଲା ସ୍ଥାନରେ ଖରାରେ ଶୁଖାଇ ଥିଲେ ମଧ୍ୟ ଶେଷରେ ଧାନ ବିକ୍ରି ପାଇଁ ପ୍ୟାକ୍ସ କୁ ଗଲେ ସେଠାରେ ମଧ୍ୟ ନାନା ସମସ୍ୟା ମଧ୍ୟରେ ରହିବାକୁ ପଡିଲା । ଟାର୍ଗେଟ ନାଁରେ ସରକାର ଚାଷୀଙ୍କ ଠାରୁ ଧାନ କିଣିବା ବନ୍ଦ କରି ଦେଇଥିଲେ । ଫଳରେ ଜିଲ୍ଲା ପ୍ରଶାସନ ନିକଟକୁ ପ୍ରତେକ ଦିନ ବ୍ଲକ ର ବିଭିନ୍ନ ଅଞ୍ଚଳ ର ଚାଷୀ ପହଂଚି ଭିନ୍ନ ଭିନ୍ନ ମାଧ୍ୟମରେ ଗୁହାରି କଲେ । କିନ୍ତୁ ପରବର୍ତ୍ତୀ ସମୟରେ ଶେଷ ଦୁଇ ଦିନ ବ୍ଲକ ର ବିଭିନ୍ନ ଅଞ୍ଚଳ ର ବିକ୍ରି ନ ହୋଇ ରହିଥିବା ଚାଷୀ ଙ୍କ ଠାରୁ ଧାନ କିଣା ଯାଇଥିଲା ।ଗତ ବର୍ଷରୁ ଏଥର ବ୍ଲକରେ ଅଧିକ ଟାର୍ଗେଟ ଥିଲା । ଏଥର ଧର୍ମଗଡ ବ୍ଲକରେ ମୋଟ ୪୨୫୧ ଜଣ ଚାଷୀଙ୍କ ଠାରୁ ୨ଲକ୍ଷ ୭୨ହଜାର ୫୫୧ କ୍ୱିଣ୍ଟାଲ ଧାନ କ୍ରୟ କରା ଯାଇଥିବା ଜଣା ଯାଇଛି । ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ମଣ୍ଡିରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ମୁଖ୍ୟତଃ ଆବଶ୍ୟକତା ଅନୁସାରେ ମଣ୍ଡି ମାନଙ୍କରେ ସେଡ୍ ନ ଥିବାରୁ ଧାନ ସବୁ ଖୋଲା ଆକାଶ ତଳେ ବର୍ଷାରେ ଭିଜିଥିଲା। ଚାଷୀ ଅନେକ କଷ୍ଟ ସ୍ୱୀକାର କରି ଦିନ ଦିନ ଧରି ମଣ୍ଡିରେ ପଡ଼ି ରହି ଶେଷ ରେ ଧାନ ବିକ୍ରୀ କରିଥିଲେ । ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ଚଳିତ ବର୍ଷ ରବି ଋତୁରେ ଧର୍ମଗଡ ବ୍ଲକରେ ୧୧ ଟି ମଣ୍ଡିରେ ଧାନ କ୍ରୟ କରାଯାଇଥିଲା। ଏଥି ମଧ୍ୟରୁ ପ୍ୟାକ୍ସ ଦ୍ୱାରା ପରିଚାଳିତ ୬ଟି ମଣ୍ଡିରେ ଧର୍ମଗଡ଼( ଗ୍ରାମାଞ୍ଚଳ)ରେ ୫୮୪ ଜଣ ଚାଷୀ ୩୯,୩୪୫.୫୫ କ୍ୱିଣ୍ଟାଲ ଧାନ ବିକ୍ରି କରି। ଥିବା ବେଳେ,କାଙ୍ଗେରୀ ମଣ୍ଡିରେ ୨୧ ଜଣ ଚାଷୀ ୧୨୨୮.୧୯ କ୍ୱିଣ୍ଟାଲ, ଖଇରପଦର ମଣ୍ଡିରେ ୪୬୫ ଜଣ ଚାଷୀ ୩୨,୮୮୪.୦୭ କ୍ୱିଣ୍ଟାଲ, ନନ୍ଦ ଗାଁ ମଣ୍ଡିରେ ୭୨୧ ଜଣ ଚାଷୀ ୩୯, ୮୨୫.୩୭ କ୍ୱିଣ୍ଟାଲ, ବୋଡ଼େନ ମଣ୍ଡିରେ ୫୦୯ ଜଣ ଚାଷୀ ୩୦,୮୨୮.୪୧ କ୍ୱିଣ୍ଟାଲ ଏବଂ ପର୍ଲା ମଣ୍ଡି ରେ ୪୦୮ ଜଣ ଚାଷୀ ୨୩,୬୮୨.୮୮ କ୍ୱିଣ୍ଟାଲ ଧାନ ବିକ୍ରି କରି ସୂଚନା ମିଳିଛି।

## କାମଟଣା ସାହି ରାସ୍ତା ଶୋଚନୀୟ

### ପକ୍କା ରାସ୍ତା ପାଇଁ ଦାବି କଲେ ଗ୍ରାମବାସୀ



**ଫିରିଙ୍ଗିଆ,୪।୭(ସଂଚାର ବ୍ୟୁରୋ):** ସରକାର ଗମନାଗମନ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାନ୍ତିବାଲି ପଞ୍ଚାୟତ ଅନ୍ତର୍ଗତ କାମଟଣା ମୁଖ୍ୟ ରାସ୍ତା ଠାରୁ ୭୦୦ ମିଟର ଦୂରତା ହେବ କାଦୁଅ ପଚ ପଚ ବାଟ ଚଲା ରାସ୍ତା । ଏହି ବାଟରେ ଗମନାଗମନ ପାଇଁ ବାଧା ସୃଷ୍ଟି ହେଉଛି। ବର୍ତ୍ତମାନ ର ବର୍ଷା ଦିନ ରେ ଗାଁ ଲୋକମାନେ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଅଙ୍ଗନବାଡ଼ି ଓ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଦୈନିକ ଯିବା ଆସିବା ପାଇଁ ଅନେକ ହଇରାଣ ହରକତ ହେଉଛନ୍ତି। ବାଟ ସାରା କାଦୁଅ ପଚ ପଚ ବର୍ଷା ଯୋଗୁଁ ବାଟ ସଂମ୍ପୂର୍ଣ୍ଣ ଖରାପ୍ ହୋଇ ଯାଇଛି। ପକ୍କା ରାସ୍ତା କରିବା ନିମନ୍ତେ ଦୀର୍ଘ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କୌଣସି ସଫଳ ମିଳିନଥିବା କହିଛନ୍ତି ସାହି ବାସିନ୍ଦା। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି।

## ଡକାୟତି ଯୋଜନା ବେଳେ ଦୁଇ ଜଣ ଧରାପଡିଲେ



**ଫିରିଙ୍ଗିଆ,୪।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅଧୀନରେ ଥିବା ବାଲନ୍ଧାପଡ଼ା ପଞ୍ଚାୟତର ସାର୍ତ୍ତାଗୁଡ଼ା ଠାରେ ଏକ ଡକାୟତି ଯୋଜନା ପଣ୍ଡ କରିଛନ୍ତି ଗ୍ରାମବାସୀ। ଚାରଟି ବାଇକ୍ ସହିତ ଦୁଇ ଯୁବକ କୁ ଧରି ଗୋଛାପଡ଼ା ପୋଲିସ କୁ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ ବୁଧବାର ଦିନ ରାତି ପ୍ରାୟ ୧୨ ଟା ସମୟ ଡକାୟତ କରିବାକୁ ଉଦ୍ୟମ କରୁଥିଲେ। ୫ ଜଣ ଯୁବକ ବାଇକ୍ ରେ ସାର୍ତ୍ତାଗୁଡ଼ା ଗାଁ ରେ ପଶିଥିଲେ ସେମାନେ ଡକାୟତି ପାଇଁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଆସି ଯିବାରୁ ସେମାନେ ଖସି ଯିବାକୁ ଉଦ୍ୟମ କରୁଥିଲେ । ଗ୍ରାମବାସୀ ସେମାନଙ୍କୁ ପିଛା କରି ଦୁଇ ଜଣଙ୍କୁ ଧରିବାରେ ସଫଳ ହେଇଛନ୍ତି।ଅନ୍ୟ ମାନେ ବାଇକ୍ ଛାଡ଼ି ଫେରାର ହୋଇଯାଇଛନ୍ତି। ଗାଁ ଲୋକ ୪ ଟି ବାଇକ୍ ସହ ଦୁଇ ଜଣଙ୍କୁ ଗୋଛାପଡ଼ା ଥାନା କୁ ଜିମା ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ସମ୍ବଲପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ବଲାଙ୍ଗୀର ଅଞ୍ଚଳର। ଏନେଇ ତଦନ୍ତ କରିଥିବା କହିଛନ୍ତି ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା।

## ଆଧାର କାର୍ଡରେ ନାମ ସଂଶୋଧନ ପାଇଁ ଅଭିଯୋଗ



**କନ୍ଧମାଳ,୪।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ତୁମୁଡ଼ିବନ୍ଧ ପଞ୍ଚାୟତ ଅନ୍ତର୍ଗତ କାଳିଶାପଦର ଗ୍ରାମର ଜୋସେଫ ମୁଠାମାଝୀ ଝିଅଙ୍କ ନାମ ଆଧାର କାର୍ଡ ରେ ରାହେଲି ମାଝୀ ପରିବର୍ତ୍ତେ ରାଇଲି ମାଝୀ ଥିବା ଯୋଗୁ ଅନେକ ସମସ୍ୟା ସମ୍ମୁଖିନ ହେଉଛନ୍ତି । ୯ ବର୍ଷ ବୟସ ବାଳିକା ରାହେଲି ମୁଠାମାଝୀ ବିଦ୍ୟାଳୟ ରେ ନାମ ଲେଖା ହେଉ କିମ୍ବା ସଂଚୟ ଖାତାଖୋଲିବା ହେଉ ଜାତି ପ୍ରମାଣ,ହେଉ କିମ୍ବା ବାସିନ୍ଦା ପ୍ରମାଣପତ୍ର ହେଉ ଆବଶ୍ୟକୀୟ କାଗଜ ପତ୍ର ବାହାର କରିବାରେ ଅସୁବିଧା ହେଉଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କୁ ପିତା ଜୋସେଫ ମୁଠାମାଝୀ ସାମ୍ବାଦିକଙ୍କ ଜରିଆରେ ଝିଅ ଙ୍କ ନାମ ରାଇଲି ମାଝୀ ପରିବର୍ତ୍ତେ ଆଧାର କାର୍ଡରେ ରାହେଲି ମୁଠାମାଝୀ କରିବାକୁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି।

## ରାଇକମା ଆଶ୍ରମ ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ



**ବୈଶିଙ୍ଗା,୪।୭(ସଂଚାର ବ୍ୟୁରୋ):** ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଜି ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ବିଦ୍ୟୁତ ସୁରକ୍ଷା ସମ୍ବନ୍ଧିତ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଥିବା ଶକ୍ତି କ୍ଲବ ମାଧ୍ୟମରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପ୍ରଧାନଶିକ୍ଷକ ପିଲାମାନଙ୍କୁ ବିଦ୍ୟୁତଜନିତ ଦୁର୍ଘଟଣାରୁ କେମିତି ସୁରକ୍ଷିତ ରହି ପାରିବା, ବିଦ୍ୟୁତ ଚୋରି ରୋକିବା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ । ସର୍ବୋପରି ବିଦ୍ୟୁତ ଏକ ଜାତୀୟ ସମ୍ପତ୍ତି । ଏହାର ସୁରକ୍ଷା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ। ପିଲାମାନେ ସମୂହ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷିକା ସରସ୍ୱତୀ ଜେନା,ପ୍ରତିମା ପରିଡ଼ା, ସୁବାସିନୀ ପରେ ପରିଡ଼ା,ନିଳାକ୍ଷି ଦାସ ପରିଚାଳନା କରିଥିଲେ।

## କୃଷକ ହେଉଛନ୍ତି ଦେଶର ଅର୍ଥନୈତିକ ମେରୁଦଣ୍ଡ



**ବିଞ୍ଝାରପୁର,୪।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଞ୍ଝାରପୁର ଭାଗବତ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା କୃଷକ ବିକାଶ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଧିରେନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷକ ବିକାଶ ପରିଷଦର ପ୍ରତିଷ୍ଠାତା ଅମର ବଲ୍ଲଭ ସାହୁ ଯୋଗ ଦେଇଥିଲେ।ଏହି ବୈଠକରେ ଚାଷୀ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ଉପଯୁକ୍ତ ସଚେତନତା ଅଭାବରୁ ଚାଷୀ ମାନେ ବିଭିନ୍ନ ସରକାରୀ ଯୋଜନା ଏବଂ ଅତ୍ୟାଧୁନିକ ଜ୍ଞାନ କୌଶଳରୁ ବଞ୍ଚିତ ହେଉଛନ୍ତି।ତେଣୁ କରି ଏହା କିଭଳି ଦୂର ହେବ ତାହା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅମୂଲ୍ୟ ଦାସ୍, ନିରଞ୍ଜନ ନାୟକ, ଗୋପାଳ ସାହୁ, ନିରଞ୍ଜନ ରାଉତ, ଗୋବର୍ଦ୍ଧନ ନାୟକ, କିଶୋର ଦାସ, ବିଶ୍ୱଜିତ୍ ରାଉତ, ଶୁଭକାନ୍ତ ନାୟକ ଯୋଗ ଦେଇଥିବା ବେଳେ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଦେବିଦତ୍ତ ସାମଲ, ଚନ୍ଦ୍ର ନାରାୟଣ ଦାସ୍, ପାର୍ଥସାରଥୀ ବାରିକ, ଶଙ୍କର୍ଷଣ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭଗବତୀ କ୍ଲବ ଓ ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

**ବୈଶିଙ୍ଗା,୪।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦା ପଞ୍ଚାୟତର ପୋଇଶିଳା ଗ୍ରାମରେ ଶୁକ୍ରବାର ଜୁଲାଇ ୪ ତାରିଖ ଦିନ ଭଗବତୀ ଯୁବକ ସଂଘ ଏବଂ ଜୀବନବିନ୍ଦୁ ମିଳିତ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମିଳିତ ଭାବେ ଏହି ରକ୍ତଦାନ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭେନ୍ଦୁ ମଙ୍ଗରାଜ,୩୭ ନମ୍ବର ଜିଲ୍ଲାପରିଷଦ ସଦସ୍ୟା ସୁଶ୍ରୀ ଧାନୀ କିସ୍କୁ ,୩୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା,ବିଜେଡିର ପୂର୍ବତନ ବ୍ଲକ ସଭାପତି ସନ୍ତକ ଲେଙ୍କା ,ବିନୋଦ ସିଂହ,ମନୀଷ ଗିରି ପପୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବତନ ବଡସାହି ବିଧାୟକ ଗଣେଶ୍ୱର ପାତ୍ର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଥିବା ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ କ୍ଲବ୍ ର ସଦସ୍ୟ ବିଶ୍ୱଜିତ ବେହେରା, ଅମିର କୁମାର ଭଞ୍ଜ,ଚିନ୍ମୟ ମହାପାତ୍ର,ରଞ୍ଜନ ମହାପାତ୍ର, ଦେବାଶିଷ ମହାପାତ୍ର,ସୁଜିତ ମହାପାତ୍ର, ଇନ୍ଦ୍ରଜିତ୍ ଦେହେରା ସହଯୋଗ କରିଥିଲେ ।ଏହି ଶିବିର ରେ ୪୫ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା । ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ଅମର କୁମାର ସେଠୀ ଙ୍କ ପରିଚାଳନାରେ ବାରିପଦା ଜିଲ୍ଲା ମୂଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରର ଡାକ୍ତର ଏବଂ ସହକର୍ମୀ ଗଣ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

### ଭିନ୍ନକ୍ଷମ ପରିଚୟପତ୍ର ନ ଥିବାରୁ ଉପଭୋକ୍ତା ହଟହଟା

## ବ୍ଲକ ଅଧ୍ୟକ୍ଷାଙ୍କ ସହଯୋଗରେ ଟ୍ରାଇସାଇକେଲ୍ ଓ ପରିଚୟପତ୍ର ପାଇଲେ



**ବୈଶିଙ୍ଗା,୪।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ତଥା ଗଡଦେଉଳିଆ ପଞ୍ଚାୟତ ଅନ୍ତର୍ଗତ ମହୁଲିଆ ଗ୍ରାମର ରବି ଦଳେଇଙ୍କୁ ବହୁ ବାଦାନୁବାଦ ପରେ ଶୁକ୍ରବାର ଦିନ ବାରଟା ସମୟରେ ମିଳିଛି ଏକ ଟ୍ରାଇ ସାଇକେଲ। ସୂଚନା ମୁତାବକ ହରିପଦ ଦଳେଇଙ୍କ ପୁଅ ୬୫ ବର୍ଷିୟ ରବି ଚାରି ଚାରିଟି ପୁଅଙ୍କର ବାପା ହୋଇଥିଲେ ହେଁ ସେ ଭିନ୍ନକ୍ଷମ ହୋଇଥିବା ଯୋଗୁଁ ପୁଅମାନେ ଅଲଗା ହୋଇଯିବା ପରେ ଏବଂ ତାଙ୍କ ପତ୍ନୀ ମୃତ୍ୟୁ ବରଣ କରିବା ପରେ ସେ ସମ୍ପୂର୍ଣ୍ଣ ଭାବେ ଏତେ ବଡ଼ ଦୁନିଆରେ ଏକା ହୋଇଯାଇଥିଲେ। ତାଙ୍କ ଡାହାଣ ପାଖର ହାତ ଓ ଗୋଡ଼ ପକ୍ଷାଘାତ ଗ୍ରସ୍ତ। ବାଧ୍ୟ ହୋଇ ସେ ଭିକ୍ଷାବୃତ୍ତିକୁ ଆପଣେଇ ନେଇଥିଲେ। ବୈଶିଙ୍ଗା ବଜାର ଭିତରେ ସେ ଭିକ୍ଷା ମାଗିବାକୁ ସକାଳେ ବାହାରି ଆସି ସନ୍ଧ୍ୟାରେ ତାଙ୍କ କୁଡ଼ିଆକୁ ଫେରିଯାଆନ୍ତି। ଏଭଳି ଏକ ସମୟରେ ବୈଶିଙ୍ଗା ମିଡ଼ିଆ ସେଣ୍ଟର କର୍ମକର୍ତ୍ତା ରତନ ଦାଶଙ୍କ ନଜର ପଡ଼ିଥିଲା ରବିଙ୍କ ଉପରେ। ପଞ୍ଚାୟତ କର୍ତ୍ତୃପକ୍ଷ ଓ ବେତନଟୀ ବ୍ଲକ ପ୍ରଶାସନକୁ ତାଙ୍କ ଅସହାୟତା ବାବଦରେ ଜଣାଇଥିଲେ ହେଁ ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ଆଦି ଆବଶ୍ୟକୀୟ କାଗଜପତ୍ର ନଥିବା ଯୋଗୁଁ ସରକାରଙ୍କ ଦ୍ୱାର ତାଙ୍କ ପାଇଁ ବନ୍ଦ ଥିଲା। ତାଙ୍କୁ ଭିନ୍ନକ୍ଷମ ଭତ୍ତା , ବାର୍ଦ୍ଧକ୍ୟ ଭତ୍ତା କିମ୍ବା ରାସନ୍ କାର୍ଡ ଭଳି କୌଣସି ସହାୟତା ମିଳିପାରିନଥିଲା। ପ୍ରାୟ ୧୫ ବର୍ଷ ତଳେ ଏକ ବେସରକାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଭିନ୍ନକ୍ଷମ ସହାୟତା ଶିବିରରେ ତାଙ୍କୁ ଏକ ଦୁଇ ଚକିଆ ସାଇକେଲ ମିଳିଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗିରୁଜି ଗଲାଣି। ତେବେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝିଙ୍କୁ ରବିଙ୍କ ଏଭଳି ଦୂରାବସ୍ଥା ସମ୍ପର୍କରେ ଜଣାଇବାରୁ ସେ ସହାୟତାରେ ହାତ ବଢ଼ାଇଥିଲେ। ଆଜି ଶୁକ୍ରବାର ଦିନ ବାରଟା ସମୟରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଟ୍ରାଇ ସାଇକେଲ ରବିଙ୍କୁ ପ୍ରଦାନ କରିଥିଲେ। ସର୍ବପ୍ରଥମେ ବ୍ଲକ ଅଧ୍ୟକ୍ଷାଙ୍କୁ ଫୁଲ ତୋଡା ଦେଇ ସମ୍ବର୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ (ବିଏସଏସଓ) ବ୍ଲକ ସୋସିଆଲ ସର୍ଭିସ୍ ଅଫିସର ରୁଦ୍ରନାରାୟଣ ସିଂହ, ଗଡଦେଉଳିଆ ସରପଂଚ ବବିତା ସିଂ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ଜ୍ୟୋତି ଦାସ , ବୈଶିଙ୍ଗା ସମିତି ସଭ୍ୟା ସବିତା ଦାସ, ସାମାଜିକ କର୍ମୀ ଅନିଲ କୁମାର ସିଂହ , ରାମଚନ୍ଦ୍ର ସିଂ, ଚିନ୍ମୟ ପଣ୍ଡା, ମିଥୁନ ସିଂ , ଶୁଭସ୍ମିତା ସିଂ ଓ ସର୍ବେଶ୍ୱର ଦାସ ପ୍ରମୁଖ।

## ମୋବାଇଲ ଚାର୍ଜ ସମୟରେ ଅଘଟଣ, ବିଦ୍ୟୁତ ସଂସ୍ପର୍ଶରେ ଆସି ନାବାଳକ ମୃତ



**ଭବାନୀପାଟଣା,୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୋକସରା ପଞ୍ଚାୟତ ଚିଲିଗୁଡା ନୂଆପଡା ଗ୍ରାମର ଚାଷୀ ଡମ୍ବରୁ ଧର ନାଏକ ଙ୍କ ନାବାଳକ ପୁଅ ପ୍ରତାପ ନାଏକ(୧୪) ଆଜି ସକାଳେ ବାପା ମା ଚାଷଜମି ଗଲାପରେ ମୋବାଇଲ ଚାର୍ଜ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଛି। ତେବେ ଘରେ କେହି ନଥିବା କାରଣରୁ ମଧ୍ୟାହ୍ନ ରେ ଚାଷଜମି ରୁ ବାପା ମା ଫେରିବା ପରେ ପୁଅ ମୃତ ଅବସ୍ଥାରେ ପାଇଥିଲେ।ପରେ କୋକସରା ଡାକ୍ତରଖାନା କୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଚାଷି ଡମ୍ବରୁ ଙ୍କ ଦୁଇପୁଅ ମଧ୍ୟରୁ ବଡ଼ପୁଅ ଘର ର ଆର୍ଥିକ ଅବସ୍ଥା ଶୋଚନୀୟ କାରଣରୁ ଯୁକ୍ତ ତିନି ପଢିବା ପରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଛି। ଏଭଳି ସ୍ଥିତି ରେ ନାବାଳକ ପୁଅ ର ଅକାଳ ବିୟୋଗ ରେ ପରିବାର ଭାଙ୍ଗି ପଡିଛନ୍ତି। କୋକସରା ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଥିବା ସୂଚନା ମିଳିଛି।



# ବିଜ୍ଞାନ



## ଏବେ ଚାଟ୍‌ରେ ପଠାଇ ହେବନି ଅଶ୍ଳୀଳ ଚିତ୍ର

### ମେଟା ଆଣିବ ନୂଆ ସେଫ୍‌ଟି ଟୁଲ୍

ମେଟା ଏକ ନୂତନ 'ସେଫ୍‌ଟି ଟୁଲ୍' ବା ନିରାପତ୍ତା ଉପକରଣ କାର୍ଯ୍ୟକାରୀ କରିବାକୁ ଯାଉଛି। ଏହା ମାଧମରେ ଯୁବକ ଓ କିଶୋରମାନଙ୍କ ପର୍ସନାଲ୍ ଚାଟ୍‌ରେ ଅଶ୍ଳୀଳ ଚିତ୍ର ପଠାଇ ହେବନାହିଁ। ସବୁ ବର୍ଗର ବ୍ୟବହାରକାରୀଙ୍କ ପାଇଁ ଏହା ଉପଲବ୍ଧ। ଇନ୍‌ଷ୍ଟାଗ୍ରାମ୍ ଓ ଫେସବୁକ୍‌ରେ ଏହାକୁ ପ୍ରଥମେ ଉପଲବ୍ଧ କରିବାକୁ ଯୋଜନା ରଖିଛି ମେଟା। ତେବେ ଆଗରୁ କାର୍ଯ୍ୟକାରୀ କରିଥିବା ଏଣ୍ଡ୍-ଟୁ-ଏଣ୍ଡ୍ ଏନ୍‌କ୍ରିପ୍‌ସନ୍ (e2ee) ଚାଟ୍‌କୁ ନେଇ ଅନେକ ବିରୋଧର ସାମ୍ନା କରିଥିଲା ମେଟା। ଏଣ୍ଡ୍-ଟୁ-ଏଣ୍ଡ୍ ଏନ୍‌କ୍ରିପ୍‌ସନ୍ ଚାଟ୍ କେବଳ ପ୍ରେରକ ଓ ପ୍ରାପକଙ୍କ ଭିତରେ ସୀମିତ। ଏହାଦ୍ୱାରା ଶିଶୁ ଯୌନ ନିର୍ଯାତନା ଚିହ୍ନଟ କଷ୍ଟସାଧ ହେବ ବୋଲି ଆଶଙ୍କା କରି ପୁଲିସ, ବିଭିନ୍ନ ଅନୁଷ୍ଠାନ ତଥା ବୁଦ୍ଧିଜୀବୀମାନେ ତୀବ୍ର ସମାଲୋଚନା କରିଥିଲେ। ମେଟା ଆଣୁଥିବା ଏହି ନୂତନ ନିରାପତ୍ତା ବୈଶିଷ୍ଟ୍ୟ ମହିଳା ଓ କିଶୋରମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଇଛି। ୧୩ ବର୍ଷରୁ କମ୍ ବୟସର ପିଲାମାନେ ଏହାକୁ ବ୍ୟବହାର କରିବାର ଅନୁମତି ପାଇ ନାହାନ୍ତି ବୋଲି ମେଟା ଦାବି କରିଛି। ମେଟା ଏହା ମଧ ଘୋଷଣା କରିଛି ଯେ, ନାବାଳିକାମାନେ ବାଧତାମୂଳକ ଭାବେ ଇନ୍‌ଷ୍ଟାଗ୍ରାମ୍ ଓ ମେସେଞ୍ଜରରେ ଅପରିଚିତ ବ୍ୟକ୍ତିଙ୍କଠାରୁ ମେସେଜ୍ ଗ୍ରହଣ କରିପାରିବେ ନାହିଁ। କିନ୍ତୁ କିଛି ବିଶେଷଜ୍ଞ କହିଛନ୍ତି, ଏନ୍‌କ୍ରିପ୍ଟ ହୋଇଥିବା ଆପ୍ ମାଧମରେ ଶିଶୁ ନିର୍ଯାତନା ଚିହ୍ନଟ ପାଇଁ 'କ୍ଲାଏଣ୍ଟ-ସାଇଡ୍ ସ୍କାନିଂ' କୌଶଳ ବ୍ୟବହାର କରାଯିବା ଦରକାର। ଅର୍ଥାତ୍ ଏହା ଉପଭୋକ୍ତାଙ୍କ ସନ୍ଦେହଜନକ ଓ ବେଆଇନ ଏନ୍‌କ୍ରିପ୍ଟ ମେସେଜ୍ ଓ ଛବିକୁ ସ୍କାନ୍ କରି କମ୍ପାନିକୁ ରିପୋର୍ଟ କରିପାରିବ, ଯାହାକି ଶିଶୁମାନଙ୍କ ସୁରକ୍ଷା ପାଇଁ ଜରୁରି। ଅନ୍ୟ ପକ୍ଷରେ ମେଟା କହିଛି, କ୍ଲାଏଣ୍ଟ୍-ସାଇଡ୍ ସ୍କାନିଂ କେବଳ ନଗ୍ନତାକୁ ଚିହ୍ନିପାରିବ କିନ୍ତୁ ଶିଶୁ ନିର୍ଯାତନା ରୋକିବାକୁ ସଫଳ ହେବନାହିଁ। ହେଲେ ଏହି ସେଫ୍‌ଟି ଟୁଲ୍ ଶିଶୁମାନଙ୍କୁ ନିର୍ଯାତନାରୁ ରକ୍ଷା କରିପାରିବା ସହ ସେମାନଙ୍କୁ ସୁରକ୍ଷା ଦେଇପାରିବ ବୋଲି ଦାବି କରିଛି ମେଟା।

**ମେଟା ଆଣୁଥିବା ଏହି ନୂତନ ନିରାପତ୍ତା ବୈଶିଷ୍ଟ୍ୟ ମହିଳା ଓ କିଶୋରମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଇଛି। ୧୩ ବର୍ଷରୁ କମ୍ ବୟସର ପିଲାମାନେ ଏହାକୁ ବ୍ୟବହାର କରିବାର ଅନୁମତି ପାଇ ନାହାନ୍ତି ବୋଲି ମେଟା ଦାବି କରିଛି।**

## ପାଣିରେ ଚାଲୁଛି ବରଫ ଡଙ୍ଗା



ବେଲାରୁଷର ଜଣେ ଶିଳ୍ପୀ କେବଳ ବରଫରେ ଏପରି ଏକ ନାଆ ନିର୍ମାଣ କରିଛନ୍ତି, ଯାହାକୁ ପାଣି ଉପରେ କାଠ ଡଙ୍ଗା ପରି ଚାଳନା କରାଯାଇପାରୁଛି। ବେଲାରୁଷର ମିଂସ୍କରେ ରହୁଥିବା ଇଭାନ କାର୍ପିସ୍କି ନାମକ ଏହି ଶିଳ୍ପୀଙ୍କର ବିଭିନ୍ନ ବରଫ କୃତିଗୁଡ଼ିକ ବର୍ଷ ବର୍ଷ ଧରି ବେଶ୍ ଆଦୃତ ହୋଇ ଆସିଛି। ୨୦୨୦ରେ ସେ ପ୍ରଥମେ ବିଭିନ୍ନ ଖବରକାଗଜର ପୃଷ୍ଠାମଣ୍ଡନ କରିଥିଲେ, ଯେତେବେଳେ ତାଙ୍କର ଏକ ବରଫ ନିର୍ମିତ ବେହେଲାର ଫଟୋଚିତ୍ର ସାମାଜିକ ଗଣମାଧମରେ ଖୁବ୍ ପ୍ରସାରିତ ହୋଇଥିଲା। ପ୍ରତିବର୍ଷ ଶୀତଦିନ ଆସିଲେ ସେ ନୂଆ କିଛି ବରଫ କୃତି ଭେଟି ଦେବାକୁ ଆଗେଇ ଆସିଥା'ନ୍ତି। ଏହି କ୍ରମରେ ସେ ଚଳିତବର୍ଷ ଏହି ଅଭିନବ ଡଙ୍ଗାଟି ପ୍ରସ୍ତୁତ କରିଛନ୍ତି। ବିଭିନ୍ନ ବରଫ ଖଣ୍ଡକୁ କାଟି ଏବଂ ପାଣି ଦ୍ୱାରା ସେଗୁଡ଼ିକୁ ଯୋଡ଼ି ସେ ଉକ୍ତ ଡଙ୍ଗାଟିର କଳେବର ପ୍ରସ୍ତୁତ କରିଛନ୍ତି। ଏଥିରେ ନିହିତ ଥିବା କୌଣସି ଜ୍ଞାନକୌଶଳ ବାବଦରେ ଯଦିଓ ସ୍ପଷ୍ଟ ହୋଇନାହିଁ, ତେବେ ଭୂସ୍ଥାନନିରୀକ୍ଷଣ ତଥ୍ୟରୁ ଏହି ବରଫ ଡଙ୍ଗାଟି ସ୍ୱାନ୍‌ସ୍କୋ ହ୍ରଦ କୂଳରେ ଭାସୁଥିବା ଜଣାଯାଇଛି।

**୨୦୨୦ରେ ସେ ପ୍ରଥମେ ବିଭିନ୍ନ ଖବରକାଗଜର ପୃଷ୍ଠାମଣ୍ଡନ କରିଥିଲେ, ଯେତେବେଳେ ତାଙ୍କର ଏକ ବରଫ ନିର୍ମିତ ବେହେଲାର ଫଟୋଚିତ୍ର ସାମାଜିକ ଗଣମାଧମରେ ଖୁବ୍ ପ୍ରସାରିତ ହୋଇଥିଲା। ପ୍ରତିବର୍ଷ ଶୀତଦିନ ଆସିଲେ ସେ ନୂଆ କିଛି ବରଫ କୃତି ଭେଟି ଦେବାକୁ ଆଗେଇ ଆସିଥା'ନ୍ତି।**

## ଫୋକସ୍‌ରେ ଗ୍ୟାଜେଟ୍



ଗତ ୩୦ ତାରିଖରେ ମୋଟୋରୋଲା କମ୍ପାନି ପକ୍ଷରୁ ନୂଆ ବଜେଟ୍ ସ୍ମାର୍ଟଫୋନ୍ 'ଜି୨୪ ପାୱାର' ଭାରତରେ ବଜାର ପ୍ରବେଶ କରିଛି। ମୋଟୋ ଜି-ସିରିଜ୍‌ର ଏହି ଫୋନ୍‌ଟି ମିଡିଆଟେକ୍ ହେଲିଓ ଜି୮୫ ପ୍ରୋସେସର ଦ୍ୱାରା ପରିଚାଳିତ ଯହିଁରେ ୮ ଜିବି ଯାଏ ରାମ୍ ଓ ୧୨୮ ଜିବିର ଷ୍ଟୋରେଜ୍ ଯୋଡ଼ିହୋଇଛି। ଏହାର ୬.୫୬ ଇଞ୍ଚ ଏଚ୍‌ଡି ପରଦା ୯୦ ହର୍ଜ ରିଫ୍ରେସ୍ ରେଟ୍ ସହିତ ଛବି ପ୍ରଦର୍ଶିତ କରିବାର କ୍ଷମତା ରହିଛି। ଫୋନ୍‌ଟି ଆଇପି ୫୨ ଜଳପ୍ରତିରୋଧୀ ଜ୍ଞାନକୌଶଳରେ ନିର୍ମିତ। ଏଥି ସହିତ ଏହାର ଡୁଆଲ୍ କ୍ୟାମେରା ସାଙ୍ଗକୁ ୫୦ ମେଗାପିକ୍ସେଲ୍ ସେନ୍‌ସର ଫଟୋଉଠା ଉତ୍ସାହକୁ ପୂରଣ କରିପାରିବ। ସର୍ବୋପରି ଏଥିରେ ଖଞ୍ଜାଯାଇଥିବା ୬,୦୦୦ ମିଲି ଆମ୍ପିଅର ଆୱାର (ଏମ୍‌ଏଏଚ୍) ବିଶିଷ୍ଟ ଦୀର୍ଘସ୍ଥାୟୀ ବ୍ୟାଟେରି ୩୩ ୱାଟ୍‌ର ଚାର୍ଜର ଦ୍ୱାରା ଦ୍ରୁତ ଚାର୍ଜିଂ ହୋଇପାରିବ। କିଣିବା ପୂର୍ବରୁ ମନେ ରଖିବା ଦରକାର ଯେ ଏଥିରେ ୫ଜି ସପୋର୍ଟ ନାହିଁ, କେବଳ ୨ଜି, ୩ଜି ଓ ୪ଜି ନେଟ୍‌ୱର୍କ ଏଥିରେ କାର୍ଯ୍ୟ କରିଥାଏ। ଗ୍ଲାସିଅର ବ୍ଲୁ ଓ ଇଙ୍କ୍ ବ୍ଲୁ ରଙ୍ଗରେ ଉପଲବ୍ଧ ଏହି ଫୋନ୍‌ର ମୂଲ୍ୟ ୪ ଜିବି ରାମ୍ ମଡେଲ୍ ପାଇଁ ୮,୯୯୯ ଟଙ୍କା ଓ ୮ ଜିବି ରାମ୍ ମଡେଲ୍ ପାଇଁ ୯,୯୯୯ ଟଙ୍କା ରହିଛି।

**ଏହି ଫୋନ୍‌ଟି ମିଡିଆଟେକ୍ ହେଲିଓ ଜି୮୫ ପ୍ରୋସେସର ଦ୍ୱାରା ପରିଚାଳିତ ଯହିଁରେ ୮ ଜିବି ଯାଏ ରାମ୍ ଓ ୧୨୮ ଜିବିର ଷ୍ଟୋରେଜ୍ ଯୋଡ଼ିହୋଇଛି। ଏହାର ୬.୫୬ ଇଞ୍ଚ ଏଚ୍‌ଡି ପରଦାଟିର ୯୦ ହର୍ଜ ରିଫ୍ରେସ୍ ରେଟ୍ ସହିତ ଛବି ପ୍ରଦର୍ଶିତ କରିବାର କ୍ଷମତା ରହିଛି।**

## କେତେ ସୁରକ୍ଷିତ କ୍ରିପ୍ଟୋ ?



ଦେଶରେ ଡିଜିଟାଲାଇଜେସନ୍ ପରେ ଆର୍ଥିକ କାରବାରରେ ବଡ଼ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ନିବେଶରେ ଡିଜିଟାଲ ମୁଦ୍ରା ସାମିଲ ହୋଇଛି। ସେମିତି ଏକ ମୁଦ୍ରା ହେଉଛି କ୍ରିପ୍ଟୋ, ଯାହାକୁ ନା ଛୁଇଁ ହେବ ନା ଦେଖି ହେବ! ଅନ୍‌ଲାଇନ୍ ନେଟ୍‌ୱର୍କ ମାଧମରେ ପରିଚାଳିତ ହେଉଥିବା ଏହି ମୁଦ୍ରାର ମୂଲ୍ୟ ସମୟ ବ୍ୟବଧାନରେ ବଢ଼େ ଓ କମେ। କିଛି କମ୍ପାନି ସେମାନଙ୍କର ନିଜସ୍ୱ କ୍ରିପ୍ଟୋ ମୁଦ୍ରା ବା ଟୋକନ୍ ବଜାରକୁ ଛାଡ଼ନ୍ତି। ଏହି ଟୋକନ୍‌ଗୁଡ଼ିକ ସାଧାରଣତଃ କମ୍ପାନିର ସାମଗ୍ରୀ ଓ ସେବା କିଣିବା ପାଇଁ ବ୍ୟବହୃତ ହୁଏ। ଅର୍ଥାତ୍ ଆମେ ବ୍ୟବହାର କରୁଥିବା ମୁଦ୍ରା ମୂଳତଃ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଜାରି କରୁଥିବା ବେଳେ କ୍ରିପ୍ଟୋକୁ ଯେକୌଣସି ବ୍ୟକ୍ତି ବା ସଂସ୍ଥା ଜାରି କରିପାରିବେ।

ପରିସଂଖ୍ୟାନ ଅନୁସାରେ ଗତ ତିନି ବର୍ଷ ଭିତରେ ଚଳିତ ବର୍ଷ କ୍ରିପ୍ଟୋ କରେନ୍‌ସି ବା ଅଦୃଶ୍ୟ ମୁଦ୍ରାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଦେଶରେ କ୍ରିପ୍ଟୋ କରେନ୍‌ସି ଅବୈଧ ହୋଇଥିବାରୁ ଭାରତ ସରକାର ଭବିଷ୍ୟତରେ ଏହାକୁ କୌଣସିମତେ ସୁଯୋଗ ଦେବାକୁ ଚାହୁଁନାହାନ୍ତି। ଏଥିରେ ଅନେକ ଲୋକ ପୁଞ୍ଜି ବିନିଯୋଗ କରି ଠକାମିରେ ପଡ଼ିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ। ଏହା ମାଧମରେ ଆତଙ୍କବାଦ ପାଣ୍ଠି ସଂଗ୍ରହର ଆଶଙ୍କା ରହିଛି। ନିକଟ ଅତୀତରେ ଅର୍ଥ ମନ୍ତ୍ରାଳୟ ତରଫରୁ କ୍ରିପ୍ଟୋ ପ୍ଲାଟଫର୍ମସ୍‌କୁ ଆପଲ୍ ଆପ୍ ଷ୍ଟୋର୍‌ରୁ ହଟାଯାଇଛି। ଖୁବଶୀଘ୍ର ଏହାର ଆଣ୍ଡ୍ରଏଡ୍ ଭର୍ଜନ୍ ମଧ କାମ କରିବା ବନ୍ଦ କରିଦେବ ବୋଲି କହିଛନ୍ତି ସାଇବର୍ ସୁରକ୍ଷା ବିଶେଷଜ୍ଞ ଆକାଶ ମିଶ୍ର।



କ୍ରିପ୍ଟୋ କରେନ୍‌ସି ଭାରତରେ ବୈଧ ହୋଇନାହିଁ। ଏହାକୁ କିଏ ପ୍ରସ୍ତୁତ କରୁଛି ତାହାର କୌଣସି ତଥ୍ୟ ନାହିଁ। ବର୍ତ୍ତମାନ କ୍ରିପ୍ଟୋ କାରବାରରେ ବ୍ୟାପକ ଠକେଇ ହେଉଛି, ସାଇବର୍ ଅପରାଧ ବି ବଢୁଛି। ଓଡ଼ିଶାରେ ଯେଉଁମାନେ କ୍ରିପ୍ଟୋରେ ନିବେଶ କରୁଛନ୍ତି, ସେମାନେ ଅଜାଣତରେ ବା ଲୋଭରେ କରୁଛନ୍ତି ଏବଂ ଠକାମିର ଶିକାର ହେଉଛନ୍ତି। ଏଣୁ ଯେପର୍ଯ୍ୟନ୍ତ ଭାରତରେ ଆଇନଗତ ଭାବେ କ୍ରିପ୍ଟୋକୁ ଗ୍ରହଣ କରାଯାଇନାହିଁ ସେପର୍ଯ୍ୟନ୍ତ ଏଥିରେ ବିନିଯୋଗ କରିବାରୁ ନିବେଶକମାନେ ଦୂରେଇ ରହିବା ଉଚିତ ବୋଲି କହିଛନ୍ତି 'ୱାଲେଟ୍ ଫର୍ ହେଲ୍‌ଥ୍'ର ଇଏମ୍‌ଡି ତ୍ରିନାଥ ଲେଙ୍କା।

## ବଜାରରେ ଜାୱା ୩୫୦



ଜାୱା ୟେଜ୍‌ଦି ମୋଟର୍ସ ପକ୍ଷରୁ ନୂଆ କ୍ଲାସିକ୍ ଓ ଆଇକନିକ୍ ବାଇକ୍ 'ଜାୱା ୩୫୦'ର ବଜାର ପ୍ରବେଶ ହୋଇଛି। 'ଜାୱା ୩୫୦'ର ପ୍ରଶସ୍ତ ଚକ ଓ ବିଶେଷ ଫିଚର୍ସ ବାଇକ୍ ଚାଳକଙ୍କୁ ଉନ୍ନତମାନର ତଥା ଆରାମଦାୟକ ଗାଡ଼ି ଚାଳନାର ଅନୁଭୂତି ଦେବ ବୋଲି କମ୍ପାନି ଦାବି କରିଛି। କଳା, ମେରୁନ୍ ଓ କମଳା ରଙ୍ଗରେ ଉପଲବ୍ଧ ନୂତନ କ୍ଲାସିକ୍ 'ଜାୱା ୩୫୦' ଗାଡ଼ିର ଚକ ବେସ୍ ସହିତ ଗ୍ରାଉଣ୍ଡ କ୍ଲିୟରାନ୍‌ସ ଏବଂ ସିଟ୍ ଆକାରରେ ବୃଦ୍ଧି କରାଯାଇଛି। ଏହାର ଇଞ୍ଜିନ୍ କ୍ଷମତା ୩୩୪ ସି.ସି.କୁ ବଢ଼ାଇ ଦିଆଯାଇଛି। 'ଜାଭା ୩୫୦' ଗାଡ଼ିର ଏକ୍ସ ଶୋ'ରୁମ୍ ମୂଲ୍ୟ ୨,୧୮,୦୦୦ ଟଙ୍କା। ଏହାର ଇଂଜିନ୍ କ୍ଷମତା ୨୮.୧ ଏନ୍.ଏମ୍, ଚକ ବେସ୍ ୧୪୪୯ ଏମ୍.ଏମ୍., ଲମ୍ବ ୨୧୮୦ ଏମ୍.ଏମ୍ ଏବଂ ଓଜନ ୧୮୪ କେଜି ରହିଛି। ଏଥିରେ ଡୁଆଲ୍ ଏବିସ୍ ସହିତ ଲିକ୍ୱିଡ୍ କୁଲ୍ ଇଞ୍ଜିନ୍ ବ୍ୟବହାର ହୋଇଛି। ବଜାରରେ ଜାୱା ୩୫୦ର ପ୍ରତିଦ୍ୱନ୍ଦ୍ୱୀ ହେଉଛି ରୟାଲ୍ ଏନ୍‌ଫିଲ୍ଡ୍ କ୍ଲାସିକ୍ ୩୫୦, ହୋଣ୍ଡା ହେନ୍ସ ସିବି ୩୫୦ ଓ ବେନେଲି ଇମ୍ପେରିଏଲ୍ ୪୦୦। ମୂଲ୍ୟ ଦୃଷ୍ଟିରୁ ରେଟ୍ରୋ ମୋଟରସାଇକେଲ୍ ଡୋମିନାର୍ ୪୦୦ ସହିତ ଏହା ପ୍ରତିଦ୍ୱନ୍ଦ୍ୱିତା କରୁଛି।



"ଓଡ଼ିଶା ବଜାରରେ ଜାୱା ଉତ୍ପାଦର ଭଲ ଚାହିଦା ଅଛି। ଏହାର ନୂଆ ଲୁକ୍ ପାଇଁ ବାଇକ୍‌ପ୍ରେମୀ ତଥା ଯୁବପିଢ଼ି ଭିତରେ କ୍ରେଜ୍ ବି ରହିଛି। ତେବେ ଆଗକୁ ଏହାର ଇଭି ମଡେଲ୍ ଆସିବା ପ୍ରସ୍ତାବ ଅଛି। କିନ୍ତୁ ଆଧିକାରିକ ଭାବରେ ଘୋଷଣା କରାଯାଇନାହିଁ। ବଜାର ଚାହିଦା ଅନୁଯାୟୀ ଆଗାମୀ ସମୟରେ ୬୫୦ ସି.ସି.ର ବାଇକ୍ ଓ ଇଭି ବାଇକ୍‌ର ଯୋଜନା ରହିଛି।"

**- ସଞ୍ଜୀବ ଅଗ୍ରୱାଲ୍**
**ପରିଚାଳନା ନିର୍ଦ୍ଦେଶକ, ମୁରଲୀ ଆଣ୍ଡ ସନ୍‌ସ ଅଟୋମୋଟିଭ୍‌ସ**

## ସ୍ୱତନ୍ତ୍ର ନୁହେଁ ଟିପଚିହ୍ନ!

ଜଣେ ବ୍ୟକ୍ତିର ଗୋଟିଏ ଅଙ୍ଗୁଳିର ଟିପଚିହ୍ନ ଅନ୍ୟ ଅଙ୍ଗୁଳିର ଟିପଚିହ୍ନ ଠାରୁ ସଂପୂର୍ଣ୍ଣ ଭିନ୍ନ ବୋଲି ଆମର ଧାରଣା ରହି ଆସିଛି। ମାତ୍ର ଜଣଙ୍କର ବିଭିନ୍ନ ଅଙ୍ଗୁଳିର ଟିପଚିହ୍ନଗୁଡ଼ିକ ସ୍ୱତନ୍ତ୍ର ନୁହେଁ ବୋଲି କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୃତ୍ରିମ ବୁଦ୍ଧିମତା ବା ଏଆଇ ବ୍ୟବହାର କରି ଜାଣିପାରିଛନ୍ତି। ଆମେରିକାର ସରକାରୀ ତଥ୍ୟଭଣ୍ଡାରରେ ଥିବା ୬୦ ହଜାର ଟିପଚିହ୍ନକୁ ଅନୁଧାନ କରି ସେମାନେ ଏହି ନିର୍ଯାସରେ ଉପନୀତ ହୋଇଛନ୍ତି। ସେମାନେ ଗୋଟିଏ ଯୋଡ଼ା ଟିପଚିହ୍ନ ନେଇ ତାହା ଜଣେ ବ୍ୟକ୍ତିର କି ନାହିଁ ଜାଣିବାକୁ ଚେଷ୍ଟା କରି ୭୭ ପ୍ରତିଶତ କ୍ଷେତ୍ରରେ ସଫଳତାର ସହ ସଠିକ୍ ଉତ୍ତର ପାଇପାରିଛନ୍ତି। ତେବେ ଆହୁରି ଅଧିକ ସଂଖ୍ୟକ ଟିପଚିହ୍ନକୁ ଏଆଇ ସ୍କାନରରେ ରଖି ଉନ୍ନତ ଫଳାଫଳ ପାଇବାର ଆଶାରେ ସେମାନେ ଗବେଷଣା ଜାରି ରଖିଛନ୍ତି। ଟିପଚିହ୍ନକୁ ଭିତ୍ତି କରି ଅନେକ ବଡ଼ ଅପରାଧର ରହସ୍ୟ ଉନ୍ମୋଚନ କରାଯାଇଆସୁଛି। ତେବେ ଅପରାଧ ସ୍ଥଳରୁ ଭିନ୍ନ ଭିନ୍ନ ଅଙ୍ଗୁଳିର ଟିପ ଚିହ୍ନ ମିଳିଲେ ତାହା ଜଣେ ବ୍ୟକ୍ତିର କି ନାହିଁ ତାହା ବର୍ତ୍ତମାନ ସମୟରେ ଜାଣିବା ଅସମ୍ଭବ। ଭବିଷ୍ୟତରେ ଉକ୍ତ ଏଆଇ ଜ୍ଞାନକୌଶଳକୁ ବ୍ୟବହାର କରି ଯେକୌଣସି ଅଙ୍ଗୁଳିର ଟିପଚିହ୍ନ ଜରିଆରେ ଅପରାଧୀର ପରିଚୟ ମିଳିପାରିବ। ଏହା ଫଳରେ ଅନେକ ପୁରୁଣା ଅସମାହିତ ଅପରାଧର ଦୋଷୀ ମଧ ଧରା ପଡ଼ିପାରିବେ। ଏଥିସହିତ ଜଣେ ବ୍ୟକ୍ତି ଯେକୌଣସି ଆଙ୍ଗୁଠି ବ୍ୟବହାର କରି ଫୋନ୍ ଲକ୍ ଖୋଲିବା, ଆଧାର କାର୍ଡ ଭେରିଫିକେସନ୍ ଆଦି କାର୍ଯ୍ୟ କରିପାରିବେ। ଏହି ଗବେଷଣା ପ୍ରମାଣିତ କରିଦେଇଛି ଯେ ଏଆଇ ନୂଆ ତଥା ଉପାଦେୟ ଉଦ୍ଭାବନ କରିବାକୁ ମଧ ସମର୍ଥ।



ନୂତନ ଅଧ୍ୟୟନ



## ନିଃଶ୍ୱାସରେ ଖୋଲିବ ସ୍ମାର୍ଟଫୋନ୍

ଶ୍ୱାସ ଛାଡ଼ିବା ସମୟରେ ବାୟୁରେ ସୃଷ୍ଟି ହେଉଥିବା ଅସ୍ଥିର ତରଙ୍ଗ (ଟର୍ବ୍ୟୁଲାନ୍ସ)କୁ ଆଧାର କରି ଫିଙ୍ଗରପ୍ରିଣ୍ଟରେ ଖୋଲୁଥିବା ଉପକରଣ ଖୋଲିପାରିବ ବୋଲି ଭାରତୀୟ ବୈଜ୍ଞାନିକଙ୍କ ଏକ ଟିମ୍ ଦାବି କରିଛି। ଏହାର ଏକ ବଡ଼ ସୁବିଧା ହେଲା, ଜଣେ ମୃତ ବ୍ୟକ୍ତିର ବ୍ୟକ୍ତିଗତ ଗ୍ୟାଜେଟ୍‌କୁ ଆଉ କେହି ଫିଟାଇ ପାରିବେ ନାହିଁ। ଚେନ୍ନାଇ ଆଇଆଇଟିର ବୈଜ୍ଞାନିକ ମହେଶ ପଞ୍ଚଗ୍ନୁଲା ଏବଂ ତାଙ୍କ ଟିମ୍ ଏକ ଅଧ୍ୟୟନରୁ ଏହି ତଥ୍ୟ ପାଇଛନ୍ତି। ଏହି ଟିମ୍ ବାୟୁଚାପ (ଏୟାର୍ ପ୍ରେସର୍) ସେନ୍‌ସର୍ ଦ୍ୱାରା ରେକର୍ଡ କରାଯାଇଥିବା ମଣିଷର ଶ୍ୱାସକ୍ରିୟା ତଥ୍ୟକୁ ନେଇ ପରୀକ୍ଷଣ କରିଥିଲେ। ପ୍ରାରମ୍ଭରେ ସେମାନଙ୍କର ଉଦ୍ଦେଶ୍ୟ ଥିଲା, ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ ମଡେଲ ବିକଶିତ କରିବା, ଯାହା ଶ୍ୱାସକ୍ରିୟାରେ ପୀଡ଼ିତ ରୋଗୀଙ୍କୁ ଚିହ୍ନଟ କରିପାରିବ। ତେବେ ଅଧିକ ଅନୁସନ୍ଧାନରୁ ଜଣାପଡ଼ିଲା, ଥରକରେ ଏଆଇ ମଡେଲ୍ କୌଣସି ବ୍ୟକ୍ତିଙ୍କ ଶ୍ୱାସକ୍ରିୟା ତଥ୍ୟ ୯୭ ପ୍ରତିଶତ ସଠିକତା ସହ ବିଶ୍ଳେଷଣ କରିପାରିବ। ଏଆଇ ମଡେଲ୍ ଏକାଥରେ ଦୁଇଜଣ ବ୍ୟକ୍ତିଙ୍କ ଶ୍ୱାସକ୍ରିୟାର ଫରକ ଜାଣିପାରିବ କି ନାହିଁ ତାହା ମଧ ବୈଜ୍ଞାନିକମାନେ ପରୀକ୍ଷା କରିଛନ୍ତି।

### ଚରମ ଉଦାସୀନତା ଓ ଅବହେଳା

# ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା ସ୍ୱପ୍ନ



**ପ୍ରଶାସନ ଠାରୁ ରାଜନେତା କେହି ଶୁଣିଲେନି ଶେଷରେ ଗାଁ ଲୋକେ ରାସ୍ତା ମରାମତି କରିବାକୁ ହେଲେ ବାଧ୍ୟ**

**ଯାଜପୁର ରୋଡ଼,୪।୭(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଂଚାୟତର ଆବୁଲୁପୁରା ଗ୍ରାମବାସୀ ଯାତାୟାତ ପାଇଁ ନିଜ ଖର୍ଚ୍ଚରେ କ୍ରସର ଗୁଣ୍ଡ ପକାଇ ଖାଲ ଖମାକୁ ମରାମତି କରିଛନ୍ତି। ତେବେ ରାସ୍ତା ନୀଚାଥିବାରୁ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବା ସମ୍ଭବ ହେଲା ନାହିଁ। ପାଣିର ସୁଅରେ ପଶି ଲୋକେ ଯାତାୟାତ କରୁଛନ୍ତି। ସହର ଭଳି ଗାଁ ଲୋକେ ପକ୍କା ରାସ୍ତାରେ ଚାଲିବା ପାଇଁ କେନ୍ଦ୍ରଠୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଏକାଧିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଲୋକଙ୍କ ଯାତାୟାତ ବ୍ୟବସ୍ଥା ସୁଗମ ହେଲେ ଅର୍ଥନୈତିକ ଅଭିବୃଦ୍ଧି ଘଟିବା।ହେଲେ ଏ ପର୍ଯ୍ୟନ୍ତ ଗୋଟିଏ'ବି ଯୋଜନା ଗାଁ ରାସ୍ତା ପାଇଁ କାମରେ ଲାଗି ପାରିଲା ନାହିଁ। ପକ୍କା ରାସ୍ତା ଟିଏ ଗାଁ ପାଇଁ ଆଜି ସ୍ୱପ୍ନ ହୋଇଛି ।ଭୋଟ ଆସୁଛି ଭୋଟ ଯାଉଛି ।ନେତା ଆସୁଛନ୍ତି ନେତା ଯାଉଛନ୍ତି । ପ୍ରତିଶୃତି ପରେ ପ୍ରତିଶୃତି ମିଳିଛି । ହେଲେ ଗ୍ରାମବାସୀଙ୍କ ଯାତାୟାତ ଦୁଃଖ ଦୂର ହୋଇ ପାରିନି। ଦୀପ ତଳ ଅନ୍ଧାର ପରି ଗ୍ରାମବାସୀଙ୍କ ଅବସ୍ଥା ରହିଛି।କହିବାକୁ ଗଲେ ରାଜନୈତିକ କି ପ୍ରଶାସନିକ ଶୁଭ ଦୃଷ୍ଟି ଏପର୍ଯ୍ୟନ୍ତ ଏ ଗାଁ ଉପରେ ପଡ଼ିନାହିଁ। ଆଜି ବି ପାଣି କାଦୁଅରେ ପଶି ଲୋକଙ୍କୁ ଯାତାୟାତ କରିବାକୁ ପଡୁଛି । ଏ କେଉଁ ଆଦିବାସୀ ଅଧ୍ୟୁଷିତ ଅଂଚଳ କାହାଣୀ ନୁହେଁ,ଖୋଦ ଉପକୂଳବର୍ତି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ଧାରୀ ପଂଚାୟତର ଜଜାଙ୍ଗୀ ଆବୁଲୁ ପୁରା ଗାର ଯାତାୟାତ ସମସ୍ୟା। ଗାଁ ଟି କେନ୍ଦୁଝର ଓ ଯାଜପୁର ଜିଲ୍ଲା ସୀମା କୁ ଲାଗି ରହିଛି । ଏନ.ଏଚ. ୨୦ ରୁ ଗୌରାପାଳ ଗାଁ'କୁ ଯାଇଥିବା ରାସ୍ତାର ସାମାନ୍ୟ ଦୂରରେ ଗାଁର ରାସ୍ତା ସଂଯୋଗ କରିଛି ।ଜାତୀୟ ରାଜପଥ ଠାରୁ ଗାଁର ଦୂରତା ମାତ୍ର ଅଧ କିଲୋମିଟର। ଲୋକ ସଂଖ୍ୟା ୫ ଶହରୁ ଉର୍ଦ୍ଧ୍ୱ । ଏ ପର୍ଯ୍ୟନ୍ତ ଗାଁ କୁ ସବୁଦିନିଆ ରାସ୍ତା ଖଣ୍ଡେ ନିର୍ମାଣ ସମ୍ଭବ ହେଲା ନାହି। ଯାହା ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇ ରହି ଯାଇଛି । ବର୍ଷା ଦିନେ ପଡିଆରେ ଯାଉଥିବା ପାଣିର ସୁଅରେ ରାସ୍ତା ଉପରେ ପ୍ରବାହିତ ହୁଏ। ଲୋକଙ୍କୁପାଣିରେ ପଶି ଯାତାୟାତ କରିବାକୁ ପଡେ ।

ସ୍କୁଲ କଲେଜ'କୁ ମଧ୍ୟ ଛାତ୍ରଛାତ୍ରୀଙ୍କୁ ବହୁ ଅସୁବିଧା ରେ ଯିବାକୁ ପଡିଥାଏ। ଗ୍ରାମବାସୀଙ୍କ ଦୀର୍ଘଦିନ ଧରି ଲାଗି ରହିଥିବା ଯାତାୟାତ ସମସ୍ୟା ଦୂର ପାଇଁ ରାଜନୈତିକ ତଥା ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବାକୁ ଦାବି ହୋଇଛି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବନ ମହୋତ୍ସବ ସପ୍ତାହ ପାଳିତ



**ସୁବର୍ଣ୍ଣପୁର,୪।୭ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଧନୁର୍ଦ୍ଧର ସେନାପତି ଙ୍କ ନିର୍ଦ୍ଦେଶ ରେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଆଜି ନିକଟସ୍ଥ ନଗରାବଣ (ଅର୍ଜୁନପୁର ଜଙ୍ଗଲ ପାଖରେ) ଜିଲ୍ଲା ସ୍ତରୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଧନୁର୍ଦ୍ଧର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ପ୍ରଥମ ବୃକ୍ଷ ରୋପଣ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଦିଲ୍ଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱ ବିଶୃତ କର, ବରିଷ୍ଠ ଦେବନି ଜଜ ଅମିତାଭ ପଣ୍ଡା, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଦେଶନା ପଟ୍ଟନାୟକ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ପ୍ରଣତି ରଥ, ବନାଞ୍ଚଳ ଅଧିକାରୀ ସୁବାସ ମହାପାତ୍ର ଓ ବନପାଳ ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଏହି ଶିବିର କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ ପରିଚାଳନା କରିଥିଲେ । ଏହି ଶିବିର କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସମସ୍ତ କାର୍ଯ୍ୟକର୍ତା ତଥା ବନରକ୍ଷୀ ପ୍ରମୁଖ ସହଯୋଗ କରିଥିଲେ ।

# ସିଭିଲ ସୋସାଇଟି ଦ୍ୱାରା ବୃକ୍ଷ ରୋପଣ



**ବେତନଟୀ,୪।୭(ସଂଚାର ବ୍ୟୁରୋ):** ବନ ମହୋତ୍ସବ ସପ୍ତାହ ଜୁଲାଇ ୧ ରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲୁଛି । ଏଥିରେ ବେତନଟୀର ସିଭିଲ ସୋସାଇଟି ୪ ଜୁଲାଇରେ ଅଂଶ ଗ୍ରହଣ ପୂର୍ବକ ସଦସ୍ୟଗଣ ବେତନଟୀ ଉପକଣ୍ଠରେ ଥିବା ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟ ପରିସରରେ ନାନାଦି ଫୁଲ ଓ ଫଳ ଚାରା ଗଛ ରୋପଣ କରିଛନ୍ତି।ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଚନ୍ଦ୍ର ପ୍ରଧାନ ଓ ଶିକ୍ଷୟିତ୍ରୀଗଣ ତଥା ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ସୋସାଇଟିର କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଉପଦେଷ୍ଟା ବାସୁଦେବ ନାପିତ, ଯତୀନ୍ଦ୍ର ନାଥସାହୁ, ସଂଗଠନ ସଂପାଦକ ରବୀନ୍ଦ୍ରନାଥ ପ୍ରଧାନ, ଅଡିଟର ରାମଚନ୍ଦ୍ରପଣ୍ଡା ଓ ସଦସ୍ୟ ଦୁର୍ଯ୍ୟୋଧନସିଂ,ଗଣେଶ ଚନ୍ଦ୍ର ସାହୁ ଓ ସହଦେବଗିରି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥି ପୂର୍ବରୁ ବୃକ୍ଷର ଉପକାରୀତା ସମ୍ବନ୍ଧରେ ପରିବେଶ ବିତ ଓ ସଂଗଠନ ସଂପାଦକ ଡଃ ରମାକାନ୍ତ ମହାନ୍ତଙ୍କ ପରିଚଳନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷିକା ଗଣଙ୍କ ସମେତେ ସିଭିଲ ସୋସାଇଟି କର୍ମକର୍ତ୍ତା ବୃନ୍ଦଙ୍କୁ ନେଇ ଏକ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।ବୃକ୍ଷ କିପରି ବର୍ଷା ବକରାଏ,ଗଛ ତଳର ମାଟିକୁ ବାନ୍ଧିରଖେ,ପ୍ରାଣୀ ଜଗତକୁଅମ୍ଳଜାନ ଦେଇ ଅଙ୍ଗାରକାମ୍ଳ ବାଷ୍ପ ନିଜେ ଗ୍ରହଣ କରେ,ତାର କାଠ ଜାଳେଣୀ ଠାରୁ ଗୃହପୋକରଣ ପ୍ରସ୍ତୁତିରେ ବ୍ୟବହାର ହୁଏ ଇତ୍ୟାଦି ପ୍ରସଙ୍ଗରେ ସୋସାଇଟିର ବକ୍ତାଗଣ ବିଶେଷ ଆଲୋଚନା କରିଥିଲେ ଓ ସମସ୍ତେ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ସଂପୃକ୍ତ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ/ ସଦସ୍ୟାଗଣ ମଧ୍ୟ ବୃକ୍ଷରୋପଣର ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୧୦ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ରାଶି ଚୋରି

**ମାମଲାର ଭିନ୍ନ ମୋଡ,ମିଛରେ ଅଭିଯୋଗ ହୋଇଥିବା ପୋଲିସ କହିଛି**

**ବୈଶିଙ୍ଗା,୪।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଆଗ୍ରିଆ ପଞ୍ଚାୟତର ବିଶ୍ରାମପୁର ଗ୍ରାମର ଭବଜିତ ପ୍ରଧାନ ତାଙ୍କ ଘରୁ ସ୍ପଷ୍ଟ ଦିବାଲୋକରେ ଦଶ ଲକ୍ଷ ଟଙ୍କାର ସୁନା ରୁପା ଗହଣା ଚୋରି ହୋଇଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ବାରିପଦାରୁ ଫରେନସିକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ତେବେ ଘରର ମୁଖ୍ୟ ଦରଜା ର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିବା ବେଳେ ଆସବାବପତ୍ର ଏଣେତେଣେ ପଡ଼ିଥିବା ଦେଖାଯାଇଥିଲା। ହେଲେ ଏତଲାରେ ଦର୍ଶାଯାଇଥିବା ସମସ୍ତ ଗହଣାଗାଣ୍ଠି ସୁରକ୍ଷିତ ଅବସ୍ଥାରେ ଥିବା ପୋଲିସ ତଦନ୍ତରୁ ଦେଖିବାକୁ ମିଳିଥିଲା। ଘରର କୌଣସି ମୂଲ୍ୟବାନ ସାମଗ୍ରୀ ଚୋରି ହୋଇନଥିବା ଥାନାଧିକାରୀ ବାରିଣୀ ଦାସଙ୍କ ସୂତ୍ରରୁ ପ୍ରକାଶ। ତେବେ କାହିଁକି ଓ କେଉଁ ପରିସ୍ଥିତିରେ ଘର ମୁଖ୍ୟ ଦରଜାର ତାଲା ଭଙ୍ଗା ଯାଇଥିଲା ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ।ମିଛରେ ଏତଲା ଦେବା ପଛରେ କଣ ରହସ୍ୟ ରହିଛି ତଦନ୍ତରୁ ଜଣାପଡିବ ।

### ନାବାଳିକା ନିଖୋଜ ଘଟଣା

## ନ୍ୟାୟ ପ୍ରଦାନ ଦାବିରେ ଥାନାରେ ଧାରଣା ଦେଲେ ପରିବାର ଓ ଗ୍ରାମବାସୀ



**ଭବାନୀପାଟଣା,୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମ ଭାଲୁପଡା ର ଦଶରଥ ହଂସ ଙ୍କ ନାବାଳିକା ଝିଅ ନିଖୋଜ ଏତଲା ଦେବାର ୯ ଦିନ ବିତିଥିଲେ ମଧ୍ୟ ପୋଲିସ ର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ପ୍ରତିବାଦରେ ଶୁକ୍ରବାର ନିଖୋଜ ନାବାଳିକା ଙ୍କ ପରିବାର ଓ ଗ୍ରାମବାସୀ ମାନେ କୋକସରା ଥାନାରେ ଆସି ନାବାଳିକା ନିଖୋଜ ଘଟଣା ର ଅଭିଯୋଗ ପରେ ପୋଲିସ ର ତଦନ୍ତ ଅବହେଳା କୁ ଦାୟୀ ସହ ପ୍ରତିବାଦ ଓ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ସୂଚନା ମତେ ସୁନାମାଲ ଗ୍ରାମର ଦଶରଥ ହଂସ ଙ୍କ ନାବାଳିକା ମାଟ୍ରିକ ପରୀକ୍ଷା ଦେଇଥିବା ଝିଅ ଗତ ୧୯ ତାରିଖ ଅପରାହ୍ନ ରୁ ନିଖୋଜ ହୋଇଥିବା ବେଳେ ପରିବାର ଲୋକେ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ନ ପାଇବାରୁ ଗତ ୨୫ ତାରିଖରେ ଝିଅ ନିଖୋଜ ଥିବା ନେଇ କୋକସରା ଥାନା ରେ ଝିଅ ର ବାପା ଲିଖିତ ଅଭିଯୋଗ କରିଥିଲେ। ନିକଟସ୍ଥ ସୁନିଆପଡା ଗ୍ରାମ ର ଜଣେ ଯୁବକ ବସନ୍ତ ମାଝୀ ପୂର୍ବରୁ ଘର କୁ ଆସି ଝିଅ ସହ କଥାବାର୍ତ୍ତା ହୋଇ ତାଙ୍କୁ ପ୍ରେମଜାଲ ରେ ଫସାଇ ଅପହରଣ କରି ନେଇଥିବା ନେଇ ନିଖୋଜ ନାବାଳିକା ଝିଅ ର ବାପା ଓ ମା ଗତ ମଙ୍ଗଳବାର ଦିନ ଥାନା କୁ ଆସି ଅଭିଯୋଗ କରିଥିଲେ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନଥିବା ବେଳେ କୋକସରା ଆଇଆଇସି ସ୍ନିଗ୍ଧା ରାଣି ସୁନା ଆଲୋଚନା ଜାରି ରଖିଛନ୍ତି ଓ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି, ଆମେ ଶୀଘ୍ର ନାବାଳିକା କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକ କୁ ଗିରଫ କରିବୁ ବୋଲି କହୁଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ କର୍ମଚାରୀଙ୍କ ଉପରେ ଅଭିରାମ କମ୍ପାନୀର ଦାଦାଗିରି



**ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ):** ସଦର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଫେଇ ଦାୟିତ୍ୱ ନେଇଥିବା ଘରୋଇ ଅଭିରାମ କମ୍ପାନୀ ର ସଫେଇ କର୍ମଚାରୀଙ୍କ ଉପରେ ଦାଦାଗିରି ଅଭିଯୋଗ ହୋଇଛି। ଏ ନେଇ ଆଜି ସଫେଇ କର୍ମଚାରୀ ସମୂହ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ଏକ ଦାବୀ ପତ୍ର ଏଡିଏମ ରାଜେନ୍ଦ୍ର ମାଝୀଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ପ୍ରାୟ ୪୦ ପୁରୁଷ ୩୦ ମହିଳା ସଫେଇ କର୍ମଚାରୀ ନିୟୋଜିତ କରି କମ୍ପାନୀ ହଇରାଣ ହରକତ କରୁଛି। ତାଙ୍କ କହିବା ମୁତାବକ ଦରମା ଠିକ୍ ସମୟରେ କୌଣସି ମାସ ଦିଆଯାଉନାହିଁ। ପ୍ରତ୍ୟେକ ମାସ ଅଭିଯୋଗ କଲା ପରେ ପୁରା ପଇସା ଦିଆଯାଉନାହିଁ । ମୂଳ ଦରମା ରୁ କେଉଁ ବାବଦରେ କେତେ ପଇସା ଇପିଏଫ ନା କଣ କଟୁଛି କର୍ମଚାରୀ ଜାଣି ପାରୁ ନ ଥିବା ବେଳେ ପଚାରିଲେ ନାଲି ଆଖି ଦେଖାଉଛି ଅଭିରାମ ସଂସ୍ଥା। ସମସ୍ତେ ଗୋଟିଏ ଗୋଟିଏ ମଣିଷ ମାତ୍ର ସକାଳ ୬ ଟା ରୁ ୯ଟା ପର୍ଯ୍ୟନ୍ତ ଯେତେ ବେଳେ କାମ ସାରି କ୍ଳାନ୍ତ ହୋଇ ଯାଆନ୍ତି ଟିକେ ରେଷ୍ଟ କଲେ ଅଭିରାମ କମ୍ପାନୀ ର ସୁପରଭାଇଜାର ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ସଫେଇ କର୍ମଚାରୀ । ଯଦି ଜିଲ୍ଲାପାଳଙ୍କୁ ଏ ବିଷୟରେ ଜଣାଇବ ତାହେଲେ ଚାକିରିରୁ ବହିଷ୍କୃତ ନଚେତ୍ ସୁବର୍ଣ୍ଣପୁରରୁ ପ୍ରାୟ ୬୦ କିଲୋମିଟର ଉର୍ଦ୍ଧ୍ୱରେ ସ୍ଥିତ ଡୁଙ୍ଗୁରିପାଲି ଉପଖଣ୍ଡ ଚିକିତ୍ସାଳୟ କୁ ବଦଳି କରିଦେବା ଧମକ ଦେଉଛନ୍ତି ଅଭିରାମ ଏଜେନ୍ସିର ଅଧିକାରୀ।

## ବିଦ୍ୟାଳୟ ବନମହୋତ୍ସବ ପାଳିତ



**ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କାଇସକନ୍ଦା ରେ ବନମହୋତ୍ସବ ପାଳିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଚୁମକି ବିଶି ଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ ମୁଖ୍ୟ ଅତିଥି ଓ ୱାର୍ଡ ସଭ୍ୟ ମୋହନ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ପ୍ରକୃତି ସଂରକ୍ଷଣ, ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନ ରେ ଉଲ୍ଲେଖନିୟ କାର୍ଯ୍ୟ କରି ଏହି ବିଦ୍ୟାଳୟ ପ୍ରକୃତିମିତ୍ର ପୁରସ୍କାର ପାଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଙ୍କୁ ଅଭିନନ୍ଦନ ଜଣାଇଥିଲେ।ଶିଶୁ ମାନେ ଆଗାମୀ ଭବିଷ୍ୟତ ର ବଂଶଧର। ସେମାନେ ପରିବେଶ ପ୍ରତି ସଚେତନ ହୋଇ ବୃକ୍ଷ ରୋପଣ କଲେ ଅବନିରାଣୀ ସବୁଜିମା ଭରା ହେବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ବୃକ୍ଷ ଆମର ଉପକାରୀ ବନ୍ଧୁ। ସାମୁହିକ ବୃକ୍ଷ ରୋପଣ ଦ୍ୱାରା ପ୍ରକୃତି କୁ ସନ୍ତୁଳିତ କରାଯାଇ ପାରିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ। ତାଙ୍କର ରଚିତ ଓ ନିର୍ଦ୍ଦେଶୀତ କ୍ଷୁଦ୍ର ଗୀତିନାଟ୍ୟ ଗଛ ମୋର ସାଙ୍ଗ ରେ ପ୍ରଥମ ଦ୍ୱିତୀୟ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ନିଖୁଣ ଅଭିନୟ କରିଥିଲେ।ମୁଖ୍ୟ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା, ଗ୍ରାମବାସୀ ବିଦ୍ୟାଳୟ ପରିସର ରେ ବୃକ୍ଷ ରୋପଣ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଗୋକୁଳାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକ ଅବସରକାଳୀନ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବୈଶାଖୁ ପଧାନ ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ମେହେର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ କୋଶଳ ସାମ୍ବାଦିକ ସଙ୍ଘ ସଭାପତି ବିପ୍ର ସାହୁ ମୁଖ୍ୟ ଅତିଥି,ସାମ୍ବାଦିକ ରତ୍ନାକର ସେଠ ମୁଖ୍ୟ ବକ୍ତା,ବରିଷ୍ଠ ସଂସ୍କୃତ ଶିକ୍ଷକ ବୀରେନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପଧାନ ଙ୍କ କୃତିତ୍ୱ ଅବତାରଣା କରିଥିଲେ । ଡୁଙ୍ଗୁରିପାଲି ବ୍ଲକ କୁ ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଆଗେଇ ନେବା ପାଇଁ ତାଙ୍କ ଅବଦାନ ଥିଲା ଅନନ୍ୟ। ସେ ପ୍ରଥମେ ଦିଗଶିରା ଉଚ୍ଚ ବିଦ୍ୟାଳୟ ରେ ଗଣିତ ଶିକ୍ଷକ ଓ ପରେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଭାବେ କରିଯାଇଥିବା ଉତ୍ତମ କାର୍ଯ୍ୟ ଶିକ୍ଷକ ସମାଜ ର ପଥ ପ୍ରଦର୍ଶକ ହୋଇ ରହିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ପଧାନ ନିଜ ଶିକ୍ଷକତା ଜୀବନ ର ବିଗତ ଦିନର କଥା ର ସ୍ମୃତି ଚାରଣ କରିବା ସହ ଛାତ୍ରଛାତ୍ରୀ ଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଫୁଲତୋଡ଼ା, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ଆଶୀର୍ବାଦ ନେଇଥିଲେ। ଛାତ୍ରଛାତ୍ରୀମାନେ ସଭା ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଓ ଶେଷରେ ବିଦାୟ ସଂଗୀତ ଗାଇ ନିଜର ଗୁରୁଭକ୍ତି ପ୍ରଦର୍ଶନ କରିଥିଲେ।

### ବର୍ଷାରେ ଚାଲିଛି ପିଚୁ କାମ

# ବିଭାଗୀୟ ନିର୍ଦ୍ଦେଶକୁ ଠିକାଦାରଙ୍କ ବେଖାତିର



ମନମାନିରେ ଚାଲିଛି କାମ

**ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ):** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାର ଉନ୍ନତି କାର୍ଯ୍ୟ ତ୍ୱରାନ୍ୱିତ କରାଉଥିଲେ ମଧ୍ୟ ସୁବର୍ଣ୍ଣପୁର ଜିଲ୍ଲା ବିନିକା ରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତକାଲି ସୋନପୁର - ବିନିକା ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା ବିନିକା ମଧ୍ୟରେ ପୂର୍ତ୍ତବିଭାଗ ରାସ୍ତା ବର୍ଷା ହେଉଥିଲେ ମଧ୍ୟ ବେଧଡକ ଚାଲିଛି ପିଚୁ କାମ। ଏତେ ବର୍ଷାରେ ପିଚୁ କାମ ଚାଲିଥିଲେ ମଧ୍ୟ ଜିଲ୍ଲା ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ବୁଦ୍ଧିଜିବି ମହଲରେ ଚର୍ଚ୍ଚା ଜୋର ଧରିଛି। ଆଜି ବିନିକା ସହର ରେ ଝିପି ଝିପି ବର୍ଷାରେ ବିନିକା ସହର ରାସ୍ତାରେ ପିଚୁ କାମ ଚାଲିଥିଲା । ଏତେ ଝିପିଝିପି ବର୍ଷା ସତ୍ୱେ ମଧ୍ୟ ପିଚୁ କାମ ଯୋରସୋରରେ ଚାଲିଥିବାରୁ ଅଞ୍ଚଳର ଜନସାଧାରଣ ମଧ୍ୟରେ ଅସନ୍ତୁଷ୍ଟ ସୃଷ୍ଟି ହେଉଛି। ବର୍ଷାରେ ଦିନ ଓ ରାତି ରେ ପିଚୁ କାମର ହେଉଥିବାରୁ ସ୍ଥାୟୀତ୍ୱକୁ ନେଇ ଜନସାଧାରଣଙ୍କ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ଉଙ୍କି ମାରୁଛି । କାହା ନିର୍ଦ୍ଦେଶରେ ବର୍ଷା ସମୟରେ ରାତି ଓ ଦିନରେ ଏଭଳି କାମ ହେଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ପୂର୍ତ୍ତବିଭାଗ ଠିକାଦାରଙ୍କୁ ରୋକ ଲଗାଇଥିଲେ ମଧ୍ୟ କାହାର ବଳରେ ବଳିଆନ ହୋଇ ମନମାନି କାମ କରୁଥିବା ଚର୍ଚ୍ଚା ହେଉଛି। ଗତ କିଛିଦିନ ହେବ ବିନିକା ଅଞ୍ଚଳରେ ବର୍ଷା ଲାଗି ରହିଥିଲେ ମଧ୍ୟ ଠିକାଦାର ରାତିରେ ରାସ୍ତା କାମ ସହ ପିଚୁ କାମ ଚାଲିଥିବାରୁ ଜନ ସାଧାରଣରେ ଅସନ୍ତୋଷ ଦେଖା ହେଉଛି । ଏନେଇ ବିନିକା ବ୍ଲକ ରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ବିଭାଗୀୟ ଏସଡ଼ିଓ ସହତି ବର୍ଷା ରେ ପିଚୁକାମ ଉପରେ ଆଲୋଚନା ସମୟରେ ଠିକାଦାରକୁ ବର୍ଷା ସମୟରେ ପିଚୁ କାମ ନ କରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ । କିନ୍ତୁ ବିଭାଗୀୟ ଏସଡ଼ିଓ ଙ୍କ କଥା ପାଣିର ଗାର ହୋଇ ଯାଇଥିଲା । ଠିକାଦାରଙ୍କ ମନମାନି ରେ କାର୍ଯ୍ୟ ଚାଲିଥିବାରୁ ଦିନ ରାତି , ବର୍ଷା ଚାଲିଥିବା ସମୟରେ ପିଚୁକାମ ଚାଲିଥିବାରୁ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ନିମ୍ନ ମାନର କାମ ହେଉଥିବାରୁ କେତେକ ଯାଗାରେ ପିଚୁ ଉଠି ଯାଇଥିଲା ବେଳେ ରାସ୍ତା ପାଶ୍ୱରେ ହୋଇଥିବା ଡ୍ରେନ କାମ ନ କହିବା ଭଲ । ଅନେକ ଯାଗାରେ ଡ୍ରେନ କାମ ଅଧାପନ୍ତରିଆ ହୋଇ ପଡ଼ିଥିଲା ବେଳେ ବିଭିନ୍ନ ଯାଗାରେ ଡ୍ରେନ ର ଭାଙ୍ଗି ଯାଇଥିବା ଜନସାଧାରଣ ଅଭିଯୋଗ ହେଉଛି ।

## ଡେଡ୍‌ଲାଇନ୍ ସରିଥିଲେ ବି ସରିନି ପୋଲ ନିର୍ମାଣ



ବାହ୍ୟ ଜଗତରୁ ବିଚ୍ଛିନ୍ନ ୫ ପଞ୍ଚାୟତ

**ଦାରିଙ୍ଗବାଡି,୪।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ତିଲୋରୀ ପଞ୍ଚାୟତର ଗୁମାଡ଼ି ନଦୀର ଡାଇଭର୍ସନ ରାସ୍ତା ଧୋଇଯିବାର ୪ ଦିନ ବିତିଲାଣି । କିନ୍ତୁ ମରାମତି କାର୍ଯ୍ୟ ହୋଇପାରିଲା ନାହିଁ । ଭାସିଯାଇଥିବା ଡାଇଭର୍ସନରେ ୨ଟି ବଳଦ ଭାସିଯାଇଥିଲେ। ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ଫୋନ୍ କରିବା ପରେ ବଳଦକୁ ଜୀବନ୍ତ ଉଦ୍ଧାର କରାଯାଇଛି। ସେହିପରି ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ତିଲୋରୀ ପଞ୍ଚାୟତ ସମେତ ବୁଡ଼ାଗୁଡା, ଗୁମିକିଆ, କୋଟଗଡ଼ ବ୍ଲକ ପକାରୀ, ବାଲିଗୁଡା ଏବଂ ବାଲିଗୁଡା ବ୍ଲକ ରତୁଙ୍ଗିଆକୁ ଗାଡି ଚଳାଚଳ ବନ୍ଦ ରହିଛି । ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତାରେ ବିଦ୍ୟାଳୟ, ମହାବିଦ୍ୟାଳୟକୁ ଯାଇପାରୁ ନଥିବା ବେଳେ ସାଧାରଣ ବଣ୍ଟନ ଚାଉଳ ପାଇଁ ଅଞ୍ଚଳବାସୀ ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ସମ୍ଭବ ହେଉ ନଥିବା ଜଣାପଡିଛି। ଗ୍ୟାସ୍ ଗାଡି, ବିଦ୍ୟୁତ ବିଭାଗ ଗାଡି ମଧ୍ୟ ଅଞ୍ଚଳରେ ପହଞ୍ଚି ପାରୁନାହିଁ। ବର୍ଷା କମିଲେ ହିଁ ଉକ୍ତ ଡାଇଭର୍ସନ ମରାମତି କରାଯିବ ବୋଲି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିହର ଦାସ କହିଛନ୍ତି । ଲଘୁଚାପଜନିତ ବର୍ଷା ଯୋଗୁ ଅଞ୍ଚଳରେ ଅନେକ ସମସ୍ୟା ଦେଖାଯିବା ସହ ସିମନବାଡି-ବୁଡ଼ାଗୁଡା ରାସ୍ତାର ତିଲୋରୀ ପଞ୍ଚାୟତ ଗୁମାଠାରେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଅଧପାନ୍ତରିଆ ହୋଇ ରହିଛି। ଲୋକଙ୍କ ଯାତାୟତ ପାଇଁ କରାଯାଇଥିବା ଅସ୍ଥାୟୀ ପୋଲ ବା ଡାଇଭର୍ସନ ରାସ୍ତାଟି ଧୋଇ ହୋଇଯାଇଛି ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପାଟଣା,୪।୭(ସଂଚାର ବ୍ୟୁରୋ):** ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ କାଉନସିଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ବିଜୁ ପଟ୍ଟନାୟକ ଏଣ୍ଡ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ତରଫରୁ ଅଧ୍ୟକ୍ଷ ନିରାକାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ବିକାଶ ଗ୍ରୁପ୍ ର ପ୍ରତିଷ୍ଠାତା ବିକାଶ ସେଠୀ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜର କ୍ୟାରିୟର ଗଠନରେ ଯୁଗୋପଯୋଗୀ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ସତ୍ୟାନନ୍ଦ ପଣ୍ଡା ରଶ୍ମିତା ପୃଷ୍ଟି ,କାଞ୍ଚନ ଲତା ସାହୁ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନିଶା ରାକ୍ଷସ କବଳରେ କବଳିତ କଳିଙ୍ଗନଗର, ଚିନ୍ତାରେ ବୁଦ୍ଧିଜୀବୀ

**କଳିଙ୍ଗନଗର,୪।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଦୀର୍ଘ ଦୁଇ ଦଶନ୍ଧି ରୁ ଉର୍ଦ୍ଧ ହେବ ତାର କାୟା ବିସ୍ତାର କରି ଶିଳ୍ପ ଅନୁଷ୍ଠାନ ବୃଦ୍ଧି ପାଉଛି। ଆନ୍ତଃ ରାଜ୍ୟ ଓ ରାଜ୍ୟ ବାହାରର ଚୋରା ବେପାରୀ ଓ ଚୋର ଡକାୟତ ଙ୍କ ସଂଖ୍ୟା ଓ ତାଙ୍କ ନେଟୱର୍କ ମଧ୍ୟ ବହୁ ମାତ୍ରା ରେ ବଢ଼ିଛି। ଯାହା ଅଞ୍ଚଳ ର ବୁଦ୍ଧିଜୀବି ମାନଙ୍କ ଚିନ୍ତା ର କାରଣ ହେଲାଣି ଶିଳ୍ପ କୁ ଲାଗିକି ଥିବା ଗାଁ ଗୁଡିକ ଯଥା ଯଖପୁରା। ତେଲିବାହାଳୀ ମାନତୀ ରା ପଙ୍କପାଳ ବଙ୍ଗଳା ଓ ଡୁବୁରୀ ଆଦି ଅଞ୍ଚଳ ର ବହୁତ ନିକାଞ୍ଚନ ସ୍ଥାନ ପଡିଆ ଓ ବିଦ୍ୟାଳୟ ପରିସରରେ ସଞ୍ଜ ନଇଁଲେ ଏହି ସବୁ ବ୍ରାଉନସୁଗାର ମଦ ଗଞ୍ଜେଇ ର କାରବାର ଆରମ୍ଭ ହୋଇଯାଏ। ବେଶୀ ଗ୍ରାମାଞ୍ଚଳ ର ପାନ ଦୋକାନ ଗ୍ରୋସରୀ ଦୋକାନ ଶିଳ୍ପ କୁ ଲାଗିରହିଥିବା ଛୋଟ ଛୋଟ ହଟିଙ୍ଗ ରେ ଯେଉଁଠି ଏସବୁ ଚୋରା କାରବାର ହୁଏ ବୋଲି କେହି ବିଶ୍ୱାସ କରିବେ ନାହିଁ ସେହି ଜାଗା ମାନଙ୍କ ରେ ନିର୍ଭୟ ରେ ଏସବୁ ମିଳିଯାଉଛି। ଏପରିକି କିଛି ବେକାରୀ ଯୁବକ ଫୋନ କଲ ପାଇଲେ ବ୍ରାଉନ ସୁଗାର ବାଇକ ଯୋଗେ ଠିକଣା ସ୍ଥାନ ରେ ପହଞ୍ଚାଇ ଦେଇ ଭଲ ଦି ପଇସା କମାଉଛନ୍ତି। ବାଲେଶ୍ୱର ଭଦ୍ରକ ରୁ ଏହାର ଚେର ଯାଜପୁର ରୋଡ଼ ଦେଇ କଳିଙ୍ଗନଗର ରେ ଅନାୟାସ ରେ ପହଞ୍ଚି ପାରୁଛି। ଏ ସବୁ କାରବାର ପାଇଁ ଏକ ସ୍ୱତନ୍ତ୍ର ଟିମ ଅଛି। ସେମାନଙ୍କ ର ନେଟୱର୍କ ବହୁତ ଲମ୍ବା ଉଦାହରଣ ଭାବେ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ରୋଷେଇ ଶାଳ ପାଖରେ ବ୍ରାଉନ ସୁଗାର (ପାଉଡର) ଜରି ପଡିଥିବାର ଦେଖିବାକୁ ମିଳିଛି। ସେହିପରି ଏହି ଯଖପୁରା ଥାନା ଅର୍ନ୍ତଗତ ପ୍ରାୟ ସବୁ ଜାଗାରେ ରାତି ପାହିଲେ ମଦ ବୋତଲ। ସିଗାରେଟ ଖୋଳ ପାଣି ପାଉଚ ଗୁଟୁଖା ଜରି ଗଦା ଗଦା ଦେଖିବାକୁ ମିଳୁଛି। ସବୁଠାରୁ ଦୁଃଖ ର କଥା ଏହି ବେପାରୀ ଓ ଅସାମାଜିକ ଯୁବକ ମାନେ ବିଦ୍ୟାଳୟ ଓ ମନ୍ଦିର ପରି ପବିତ୍ର ସ୍ଥାନ କୁ ବି ଆଡ୍ଡାସ୍ଥଳୀ କରିବାକୁ ପଛାଉ ନାହାନ୍ତି। ଖୋଲା ପଡିଆ। ଚାରଣ ଭୂମି ରେ ମଦ ବୋତଲ ଭାଙ୍ଗି କି ପକାଉ ଥିବାରୁ ସକାଳୁ ଚାଲିବା ପାଇଁ ବରିଷ୍ଠ ନାଗରିକ ମହିଳା ମାନେ ଆସି ଖଣ୍ଡିଆ ଖାବରା ହେଉଛନ୍ତି। ଗୃହ ପାଳିତ ପଶୁ ମାନେ ଚରିଲା ବେଳେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ବହୁତ ସ୍ଥାନରେ ବିଦ୍ୟାଳୟ ସମ୍ମୁଖରେ ଖୁଲମ୍ ଖୁଲା ଗୁଟଖା ବିକ୍ରି ହେଉଛି। ସରକାରୀ ନିୟମ ଅନୁସାରେ ଗୁଟୁଖା ରେ ଥିବା ତମାଖୁ ସ୍ୱାସ୍ଥ୍ୟ ପକ୍ଷେ ହାନୀ କାରକ ଏହା କୁ ବିକ୍ରି କରିବା ପାଇଁ ବ୍ୟାନ ନିଷିଦ୍ଧ କରାଯାଇଛି। କିନ୍ତୁ ଉପରେ ସାଧା ଓ ଭିତରେ ଜର୍ଦା ପ୍ୟାକେଟ ରଖି ଗୋଟେ ଜାଗା ରେ ଲୁଚାଇ କି ଦୁଇଟା ଜରି ବିକ୍ରି ଚାଲିଛି। ଏଥିପାଇଁ ବିଭାଗ ର ଦୃଷ୍ଟି ନାହିଁ କି ସଚେତନତା ନାହିଁ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଗୁଟୁଖା ଖାଇଲେଣି ମଦ ରାକ୍ଷସ କବଳ ରେ ସମ୍ପୂର୍ଣ୍ଣ କବଳିତ ହେଲାଣି କଳିଙ୍ଗନଗର ଶିକ୍ଷିତ ଯୁବ ପିଢ଼ି କୁ ସଙ୍ଗରେ ପଡି ଧୀରେ ଧୀରେ ଏହାର ଜାଲ ରେ ପଡି ଖରାପ ରାସ୍ତାରେ ଯାଇ ନିଜର ଭବିଷ୍ୟତ ଅନ୍ଧାର କରୁଛନ୍ତି। ଅବକାରୀ ବିଭାଗ କାଁ ଭାଁ ଚଢ଼ାଉ କରି ତାର କାମ ସାରି ଦେଇ ବସି ରହୁଛି।

